# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଡିସେମ୍ବର ୧୭/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, December 17/2022 Page 16 ₹ 7.00 ★★

୧୯ଶ ଭାଗ ୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 19 ISSUE 2 ମୂଲ୍ୟ₹୭/-




## ଗିଲ୍‌ଙ୍କ ପ୍ରଥମ ଟେଷ୍ଟ ଶତକ

ଚଟ୍ଟୋଗ୍ରାମରେ ଚାଲିଥିବା କ୍ରିକେଟ ଟେଷ୍ଟରେ ଭାରତର ଶୁବମନ ଗିଲ୍ ବାଂଲାଦେଶ ବିପକ୍ଷରେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି।

୧୬

୦୮

## ଝିଅକୁ ଚିଡ଼ିଆଖାନା ବୁଲାଇଲେ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ସ୍ୱାମୀ ନିକ୍ ଜୋନାସ ଓ ଝିଅ ମାଲତୀ ମେରିଙ୍କ ସହ ଲସ୍ ଆଞ୍ଜେଲସର ଏକ ପ୍ରାଣୀ ଉଦ୍ୟାନ ବୁଲୁଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।



# ମେ’ ୭ରେ ଏନ୍‌ଇଇଟି ୟୁଜି

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି(ୟୁଜି) ୨୦୨୩ ମେ’ ୭ରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପେନ୍-ପେପର ମୋଡ୍‌ରେ କରାଯିବ। ସେହିପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୟୁଜି ନାମଲେଖା ପାଇଁ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ସିୟୁଇଟି)-୨୦୨୩ ମେ’ ୨୧ ରୁ

**୨୧ରୁ ସିୟୁଇଟି**

ଆରମ୍ଭ ହୋଇ ୩୧ରେ ଶେଷ ହେବ। ସେହିଭଳି ଆଇସିଏଆର୍ ଏଆଇଇଇଏ ୨୦୨୩ ଏପ୍ରିଲ ୨୬ରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଏନ୍‌ଟିଏ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ର ଏନ୍‌ଟିଏର ଅଫିସିଆଲ ୱେବ୍‌ସାଇଟ୍ https://nta.nic.inକୁ ଯିବାକୁ କୁହାଯାଇଛି।

# ଜଗନ୍ନାଥ ମନ୍ଦିରକୁ ୧ ଲକ୍ଷ ଦାନକଲେ ଭିକାରୁଣୀ

ଫୁଲବାଣୀ ଅଫିସ, ୧୬।୧୨

ଜୀବନ ସାରା ଭିକ ମାଗି ଚଳିବା ପରେ ସେଥିରୁ ସଞ୍ଚୟ କରି ରଖିଥିବା ୧ ଲକ୍ଷ ଟଙ୍କା ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି ଜଣେ ଭିକାରୁଣୀ। ୭୦ବର୍ଷୀୟା ଏହି ମହିଳା ହେଲେ ତୁଳା ବେହେରା। ସେ ଫୁଲବାଣୀ ସହରରେ ଦୀର୍ଘ ୪୦ବର୍ଷ ଧରି ଭିକ ମାଗି ଚଳୁଛନ୍ତି। ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ସେ ତାଙ୍କ ସଞ୍ଚୟ ଟଙ୍କା ହସ୍ତାନ୍ତର କରିଛନ୍ତି। ଉକ୍ତ ଟଙ୍କା ପୁରୁଣା ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ☞ପୃଷ୍ଠା-୪

**୭୦ ବର୍ଷୀୟା ମହିଳାଙ୍କ ମହାନତା**



ତୁଳା ବେହେରା

# ଚାଇନା ଯୁଦ୍ଧମୁହାଁ, କେନ୍ଦ୍ର ଶୋଇଛି

## ‘ଭାରତ ଯୋଡ଼ୋ ଯାତ୍ରା’ର ୧୦୦ ଦିନରେ ରାହୁଲଙ୍କ ଟାର୍ଗେଟ

ଜୟପୁର/ନୂଆଦିଲ୍ଲୀ,୧୬।୧୨

ଭାରତ ସହ ଯୁଦ୍ଧ ପାଇଁ ଚାଇନା ପ୍ରସ୍ତୁତି ଚଳାଇଛି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳକୁ ଦେଖିଲେ ଏହା ବୁଝାପଡୁଛି। କିନ୍ତୁ ଆମ ସରକାର ଏହାକୁ ଗ୍ରହଣ କରିବାକୁ ନାରାଜ। ମୋଦି ସରକାର ରଣନୀତି ଉପରେ କାର୍ଯ୍ୟ କରିବା ପରିବର୍ତ୍ତେ ଇଭେଣ୍ଟ ମ୍ୟାନେଜମେଣ୍ଟରେ ବ୍ୟସ୍ତ ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ସପ୍ତାହେ ତଳେ ଅରୁଣାଚଳ ପ୍ରଦେଶର ତୱାଙ୍ଗରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କ ଆକ୍ରମଣରେ ୬ ଭାରତୀୟ ଯବାନ ଆହତ ହେବା ପରେ ଏହାକୁ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ବଡ଼ ବିତର୍କ ସୃଷ୍ଟି ହୋଇଛି। ତୱାଙ୍ଗ ସେକ୍ଟରରେ ପିଏଲ୍‌ଏ ସ୍ଥିତାବସ୍ଥା ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିବାବେଳେ ଭାରତର ଇଞ୍ଚେ ଭୂମି କେହି ନେଇପାରିବେ ନାହିଁ ବୋଲି ସରକାର ବାହୁସ୍ଫୋଟ ମାରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାହୁଲଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରିଛି।



ଦଉସାରେ ଏକ ଖବରଦାତା ସମ୍ମିଳନୀକୁ ଶୁକ୍ରବାର ସମ୍ବୋଧିତ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ନିକଟରେ ଅଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ।

କଂଗ୍ରେସର ‘ଭାରତ ଯୋଡ଼ୋ ଯାତ୍ରା’କୁ ଦେଶବ୍ୟାପୀ ଅଭୂତପୂର୍ବ ସମର୍ଥନ ମିଳୁଛି। କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଚାଲିଥିବା ରାହୁଲଙ୍କ ପଦଯାତ୍ରାରେ ପ୍ରତ୍ୟହ ଅନେକ ସେଲିବ୍ରିଟି, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହେଉଛନ୍ତି। ଶୁକ୍ରବାର ଏହି ଯାତ୍ରାକୁ ୧୦୦ ଦିନ ପୂରିଥିବାବେଳେ ରାହୁଲ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ ଦଉସାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, ଚାଇନା ଆମ ଭୂମି ଛଡ଼ାଇନେଲାଣି। ପିଏଲ୍‌ଏ ସୈନ୍ୟମାନେ ଆମ ଯବାନଙ୍କୁ ପିଟୁଛନ୍ତି। ଚାଇନା ପଟୁ ଥିବା ବିପଦ ଜଳଜଳ ହୋଇ ଦିଶୁଛି। କିନ୍ତୁ କେନ୍ଦ୍ର ସରକାର ଏହାକୁ ଅଣଦେଖା କରି ଲୁଚାଉଛନ୍ତି। ଲଦାଖ ଓ ଅରୁଣାଚଳରେ ଚାଇନା ଏକ ବଡ଼ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି। କିନ୍ତୁ ଭାରତ ସରକାର ଶୋଇପଡ଼ିଛନ୍ତି। ରାହୁଲ ଆହୁରି କହିଛନ୍ତି, ସୀମାରେ ଯାହା ଚାଲିଛି ତା’ ଉପରେ ପୂର୍ବରୁ ସେ ୩-୪ ଥର ସତର୍କ କରାଇଛନ୍ତି। କିନ୍ତୁ କେନ୍ଦ୍ରର ମନ୍ତ୍ରୀମାନେ କିଛି ନ ବୁଝି କେବଳ ମନ୍ତବ୍ୟ ଦେଇଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଚାଇନା ସହ ଆଖିରେ ଆଖି ମିଳାଇ ସୀମା ପ୍ରସଙ୍ଗର ସମାଧାନ କରିବା ଉଚିତ ବୋଲି ବିରୋଧୀ କଂଗ୍ରେସ କହିଆସୁଛି। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ଲଗାତର ଚତୁର୍ଥ ଦିନ ଧରି ହଟ୍ଟଗୋଳ ଜାରି ରହିଛି। ଲୋକ ସଭାରେ ଶୂନ୍ୟକାଳରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶୁକ୍ରବାର କହିଛନ୍ତି, ଭାରତ ୯୦%ରୁ ଅଧିକ ବିରଳ ଖଣିଜ ସମ୍ପଦ ଚାଇନାଠାରୁ ଆମଦାନୀ କରୁଛି। ଏଭଳି ନିର୍ଭରଶୀଳତା ଭାରତ ପାଇଁ ଶୁଭଙ୍କର ନୁହେଁ। ରାଜ୍ୟ ସଭାରେ ଚାଇନାର ଅତିକ୍ରମଣ ଉପରେ ବିତର୍କ ପାଇଁ ଉପାଧ୍ୟକ୍ଷ ଜଗଦୀପ ଧନକର ସୁଯୋଗ ନ ଦେବାରୁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କଡ଼ା ଆପତ୍ତି ଉଠାଇଛନ୍ତି। କଂଗ୍ରେସ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ବିତର୍କ ସକାଶେ ରୁଲ୍ ୨୬୭ ଅଧୀନରେ ସେମାନଙ୍କ ☞ପୃଷ୍ଠା-୪

ଶିମିଳିପାଳରେ ହାତୀ ମୃତ୍ୟୁ ଓ ପ୍ରମାଣ ନଷ୍ଟ ଘଟଣା

**ଆଖି ବୁଜିଲେ ମୁଖ୍ୟ ସାକ୍ଷୀ**

୩

**ଆଜିର ସମ୍ପାଦକୀୟ**

ପ୍ରୋଟୋକଲ ବିବାଦ

**ଆଜିର ମନ୍ତବ୍ୟ**

“ମହିଳାମାନେ ବରିଷ୍ଠ ପଦ ଓ ଅଗ୍ରଣୀ ଭୂମିକାରେ ଅଧିକ ରହିଲେ ଭାରତର ସମାବେଶୀ ବିକାଶ ସମ୍ଭବ।

-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି








ଦ୍ରୌପଦୀ ମୁର୍ମୁ

ବିଦାୟ ନେବାକୁ ଯାଉଛି ୨୦୨୨। ଉତ୍ତର ଓଡ଼ିଶାବାସୀଙ୍କ ପାଇଁ ଏହି ବର୍ଷଟି ବେଶ୍ ଉତ୍ସାହ ଭରି ଦେଇଥିଲା। ମୟୂରଭଞ୍ଜ ମାଟିର ଝିଅ ରାଷ୍ଟ୍ରପତି ହେବା ଯେତିକି ସ୍ମରଣୀୟ ମୁହୂର୍ତ୍ତ ଥିଲା ଭଦ୍ରକ ଜିଲା ଧାମନଗର ଉପ ନିର୍ବାଚନ ସେତିକି ରୋମାଞ୍ଚକ ହୋଇପଡ଼ିଥିଲା। ହେଲେ ବର୍ଷ ସାରା ହାତୀ ମୃତ୍ୟୁକୁ ନେଇ ବନ ବିଭାଗ ବିବାଦୀୟ ହୋଇପଡ଼ିଥିଲା। ବିଧାୟକ ବିଷ୍ଣୁ ସେଠୀ ଓ ଗୀତିକାର ନିମାଇଁ ମହାନ୍ତିଙ୍କ ଦେହାନ୍ତ ଖବର ଶୋକ ଖେଳାଇ ଦେଇଥିଲା। ୨୦୨୨ର କେତେକ ଚର୍ଚ୍ଚିତ ଘଟଣାକୁ ନେଇ ପ୍ରତିବେଦନ...।

# ସର୍ବୋଚ୍ଚ ଆସନରେ ମୟୂରଭଞ୍ଜ ଝିଅ

୨୦୨୨ ମୟୂରଭଞ୍ଜ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ନାଗରିକ ତଥା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପରେ ରାଇରଙ୍ଗପୁର ବଇଦାପୋଷି ସ୍ଥିତ ବାସଭବନ, କୁସୁମୀ ବ୍ଲକ ଉପରବେଡ଼ା ଜନ୍ମମାଟି ଓ ଶାଶୁ ଘର ପାହାଡ଼ପୁର ଗ୍ରାମ ସମେତ ଜିଲାରେ ଅଦିନିଆ ଦୀପାବଳିର ମାହୋଲ ସୃଷ୍ଟି ହୋଇଥିଲା। ଭାରତର ପ୍ରଥମ ଅନୁସୂଚିତ ଜନଜାତି ମହିଳା ଭାବେ ସେ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବା ପରେ ସମଗ୍ର ଓଡ଼ିଶାବାସୀ ଖୁସି ମନାଇଥିଲେ। ପରବର୍ତ୍ତୀ ସମୟରେ ପାହାଡ଼ପୁର ସ୍ଥିତ ଏସ୍ଏଲ୍ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟରେ ୫-ଜି ସେବା ଆରମ୍ଭ କରାଯାଇଛି। ଯାହାକି ଓଡ଼ିଶାରେ ପ୍ରଥମ।



## ୮୨୨ ମିଟର ଉଚ୍ଚରେ କୁମ୍ଭୀର

ସମୁଦ୍ର ପତନଠାରୁ ୮୨୨ମିଟର ଉଚ୍ଚରେ ବିରଳ ପ୍ରଜାତିର କୁମ୍ଭୀର। ମୟୂରଭଞ୍ଜ ଜିଲା ଶିମିଳିପାଳ ଜୈବ ମଣ୍ଡଳର ଉପର ବାର୍ହାକାମୁଡ଼ା ରେଞ୍ଜରେ ଏହି କୁମ୍ଭୀର ରହୁଥିବା ଏବର୍ଷର ଚର୍ଚ୍ଚିତ ଖବର ଥିଲା। ଭାରତର ଅନ୍ୟ କୌଣସି ସ୍ଥାନର ଏତେ ଉଚ୍ଚ ସ୍ଥାନରେ କୁମ୍ଭୀର ଦେଖାଯାଇ ନ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହିଛନ୍ତି।

## ଚର୍ଚ୍ଚାରେ କ୍ୟାମେରାମ୍ୟାନ ମାନସ ହତ୍ୟାକାଣ୍ଡ

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା ଚଳିତବର୍ଷ ଚର୍ଚ୍ଚାରେ ରହିଥିଲା। ଫେବୃୟାରୀ ୭ରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପଳାସପୁର ଗ୍ରାମରେ ମାନସ ଏକ ବିବାହ ଉତ୍ସବ ଶୁଟିଂ ସାରି ନାଲଗୁଣ୍ଡା ଛକରେ ଅପେକ୍ଷା କରିଥିବା ବେଳେ ତାଙ୍କୁ ଅପହରଣ କରାଯାଇ ହତ୍ୟା ପରେ ମୃତଦେହ ନୟାଗଡ଼ରେ ପୋତି ଦିଆଯାଇଥିଲା। ମାର୍ଚ୍ଚ ୨୮ରେ ମୁଖ୍ୟ ଅଭିଯୁକ୍ତ 'ସମ୍ପୂର୍ଣ୍ଣା' ୱେବ ପୋର୍ଟାଲ ମାଲିକାଣୀ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ଭଦ୍ରକ ନଳାଙ୍ଗ ନିକଟରୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ମୋଟ ୮ ଅଭିଯୁକ୍ତ ଗିରଫ ହୋଇଥିଲେ।

## ଧାମନଗରର ନୂଆ ବିଧାୟକ ସୂର୍ଯ୍ୟବଂଶୀ ସୂରଜ



ଚଳିତ ବର୍ଷ ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ହୋଇଥିଲା ଧାମନଗର ଉପନିର୍ବାଚନ। ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପରଲୋକ ପରେ ନଭେମ୍ବର ୩ରେ ଉପନିର୍ବାଚନ ହୋଇଥିଲା। ୬ ତାରିଖରେ ଭୋଟ୍ ଗଣତି ହୋଇଥିଲା। ଭାଜପା ପ୍ରାର୍ଥୀ ତଥା ଦିବଂଗତ ବିଧାୟକ ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ବାଜିମାତ୍ କରିଥିଲେ।

## ଟଙ୍କା ଛାପା କାଗଜ କାରଖାନା ଆଶା ବଢ଼ିଲା

ବାଲେଶ୍ୱର ଜିଲାରେ ଟଙ୍କା ଛାପା କାଗଜ କାରଖାନା ନିମନ୍ତେ ସବୁଜ ସଙ୍କେତ ମିଳିବା ପରେ ସମଗ୍ର ଜିଲାରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ଜମି ସର୍ବେକ୍ଷଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୩ଜଣିଆ ଟିମ୍ ଇଡ୍କୋ ଏବଂ ଜିଲା ପ୍ରଶାସନ ସହଯୋଗରେ ରେମୁଣା ବ୍ଲକ ପଦାବଡ଼ଗାଁ, ବାଉଁଶମୁହାଁ ଏବଂ ନରହରିପୁର ଅଞ୍ଚଳରେ ଥିବା ସରକାରୀ ଜମିକୁ ବୁଲି ଦେଖିଥିଲେ। ପୁନର୍ବାର ଗତ ଜୁଲାଇ ୧୨ତାରିଖରେ ଆର୍ବିଆଇର ଏକ ଟିମ୍ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହ ଜମି ସର୍ବେକ୍ଷଣ ପାଇଁ ପଦାବଡ଼ଗାଁ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ସେପ୍ଟେମ୍ବର ୬ତାରିଖରେ ୩ଜଣିଆ ଟିମ୍ ସହ ଇଡ୍କୋ, ଆର୍ଡବ୍ଲ୍ୟୁଏସ୍ଏସ୍, ଆର୍ଆଣ୍ଡବିର ମୁଖ୍ୟ ୮ଜଣିଆ ଟିମ୍ ପହଞ୍ଚି ରେମୁଣା ବ୍ଲକ ପଦାବଡ଼ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଆର୍ବିଆଇ ଟଙ୍କା ଛାପା କାଗଜ କାରଖାନାର ମୁଖ୍ୟ ମାନସ ମହାନ୍ତିଙ୍କ ସମେତ ଉଚ୍ଚ ଅଧିକାରୀଙ୍କ ଗସ୍ତ ପରେ ପଦାବଡ଼ଗାଁରେ ଏହି ପ୍ରକଳ୍ପ ହେବା ନେଇ ଆଶା ବଢ଼ିଛି।

## ମାରାଥନ ରୋଷେଇରେ ବିଶ୍ୱ ରେକର୍ଡ




କେନ୍ଦୁଝରର ବୋହୂ ବୁସରା ସଲିମ ଘଣ୍ଟାଧିକ କାଳ ରୋଷେଇ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ତାଙ୍କୁ ଇଣ୍ଟରନାଶନାଲ ବୁକ୍ ଅଫ ରେକର୍ଡ ପକ୍ଷରୁ ପଦକ ଓ ପ୍ରମାଣପତ୍ର ମିଳିଛି। ସେ ଦୀର୍ଘତମ ଘର ରୋଷେଇ ମାରାଥନରେ ଭାଗ ନେଇ ଏହି ଗୌରବ ହାସଲ କରିଥିଲେ। ୨୦୨୦ ଅକ୍ଟୋବର ୧୪ରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ୨୦୨୨ରେ ତାଙ୍କୁ ପ୍ରମାଣପତ୍ର ଓ ମେଡାଲ ମିଳିଥିଲା। ସେ ପ୍ରାୟ ୮୦ ଘଣ୍ଟା ୨୪ ମିନିଟ ୩୩ ସେକେଣ୍ଡ ସମୟ ନନ୍ଷ୍ଟପ ନିଜ ରୋଷେଇ ଘରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥିଲେ। ପୂର୍ବରୁ ଏହି ରେକର୍ଡ ଆମେରିକାର ଜଣେ ବ୍ୟକ୍ତିଙ୍କ ନାମରେ ଥିଲା।

## ଛାତିଥରା ଦୁର୍ଘଟଣା

### ବାଲେଶ୍ୱରରେ ୬, କେନ୍ଦୁଝରରେ ୭

ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ଦୁଇଟି ଛାତିଥରା ଦୁର୍ଘଟଣା ଘଟି ୧୩ଜଣଙ୍କ ଜୀବନ ଯାଇଥିଲା। ଜାନୁୟାରୀ ୨୨ରେ ମୟୂରଭଞ୍ଜ ଜିଲା ଉଦଳାରୁ ଭୁବନେଶ୍ୱର ଯାଉଥିବା ଏକ ବସ୍ ବାଲେଶ୍ୱର ଜିଲା ସୋର ଥାନା ୧୬ନଂ. ଜାତୀୟ ରାଜପଥର ବିଦୁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ୬ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି କେନ୍ଦୁଝର ଜିଲା ୨୨୦ନଂ. ଜାତୀୟ ରାଜପଥର ଡିଆନାଳି ବିଦ୍ୟୁତ୍ ଷ୍ଟ୍ରକଚର ନିକଟରେ ମେ' ୨ରେ ବାଇକ୍ ଧକ୍କାରେ ୩ ଓ ନଭେମ୍ବର ୩ରେ ସଦର ଥାନା ବଡ଼ପଶି ଗାଁ ନିକଟରେ ଦୁର୍ଘଟଣା ଘଟି ଘଟଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ନାଏକଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା।

## ନିର୍ବାଚନରେ ପରାଜୟ ଉଜାଡ଼ିଲା ସଂସାର

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତରେ ସ୍ୱାଧୀନ ସମିତିସଭ୍ୟ ପ୍ରାର୍ଥୀ ଭାବେ ବଡ଼ଅଗାପୁର ଗାଁର ରମାକାନ୍ତ ପରିଡ଼ାଙ୍କ ସ୍ତ୍ରୀ ସୁମତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିଲେ। ମାର୍ଚ୍ଚ ୧୪ରେ ବିଜୟୀ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଉଥିବା ବେଳେ ରମାକାନ୍ତଙ୍କୁ ଆକ୍ଷେପ କରିଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ନିର୍ବାଚନରେ ପରାଜୟ ପାଇଁ ତାଙ୍କ ସଂସାର ଉଜୁଡ଼ିଗଲା। ସୁମତୀ ବିଷ ପିଇ ଦେଇଥିବା ବେଳେ ରମାକାନ୍ତ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।




## ହର ହର ଶମ୍ଭୁ...ଗାଇ ରାତାରାତି ଷ୍ଟାର

କେନ୍ଦୁଝର ବଡ଼ବିଲ ଅଞ୍ଚଳର ଜିତୁ ଓ ଅଭିଲିପ୍ସା ପାଶ୍ଚାତ୍ୟ (ୱେଷ୍ଟର୍ନ) ଶୈଳୀରେ ଶିବ ଭଜନ ଗାଇ ରାତାରାତି ପ୍ରସିଦ୍ଧ ହୋଇଥିଲେ। ୟୁଟ୍ୟୁବରେ ଉଭୟ ଗାଇଥିବା ଭଜନ ୩୨ ମିଲିୟନ ସବ୍ସ୍କ୍ରାଇବରଙ୍କ ପାଖରେ ପହଞ୍ଚିଥିଲା। ଏହା ଶିବଙ୍କ ସ୍ତ୍ରୋତକୁ ନେଇ ପ୍ରସ୍ତୁତ ହୋଇଥିଲା। ଉକ୍ତ ଭିଡିଓର ନାମ ହର ହର ଶମ୍ଭୁ ଶିବ ମହାଦେବ ...।

## ପରପାରିରେ...

### ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ



ସେପ୍ଟେମ୍ବର ୧୯ରେ ରାଜ୍ୟ ବିରୋଧୀ ଦଳ ଉପନେତା ତଥା ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ବିଧାୟକ ବିଷ୍ଣୁ ଚରଣ ସେଠୀ(୬୧)ଙ୍କ ପରଲୋକ ହୋଇଥିଲା। ସେ କିଡ୍ନୀ, ମଧୁମେହ ଓ ଉଚ୍ଚ ରକ୍ତଚାପଜନିତ ରୋଗରେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

### ପୂର୍ବତନ ବିଧାୟକ ଗୋପନାରାୟଣ



ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସ(୭୪)ଙ୍କ ସେପ୍ଟେମ୍ବର ୧୪ରେ ପରଲୋକ ହୋଇଥିଲା। ଜଣେ କାଉନସିଲରରୁ ରାଜନୈତିକ ଜୀବନ ଆରମ୍ଭ କରି ୧୯୮୦ରୁ ୧୯୮୫ ସଦର ବ୍ଲକ ଚେୟାରମ୍ୟାନ ହୋଇଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସର ବିଧାୟକ ହୋଇଥିଲେ ଗୋପନାରାୟଣ।

### ଗୀତିକାର ନିମାଇଁ ମହାନ୍ତି



ବହୁ ଲୋକପ୍ରିୟ ଓଡ଼ିଆ ଗୀତର ରଚୟିତା, ଗାୟକ, ଲେଖକ ନିମାଇଁ ମହାନ୍ତି(୭୦)ଙ୍କର ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ୱାର୍ଡ ନଂ.୬ ପୁରୁଣା ହାଟସାହି ବାସଭବନରେ ନଭେମ୍ବର ୪ ତାରିଖରେ ପରଲୋକ ପରଲୋକ ଘଟିଛି। ୩୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଗୀତ ଲେଖି ସେ ଓଡ଼ିଶାରେ ବେଶ ପରିଚିତ ଥିଲେ।

## ହାତୀଙ୍କ ପାଇଁ କଳା ବର୍ଷ



୨୦୨୨ ହାତୀଙ୍କ ପାଇଁ ଥିଲା କଳା ବର୍ଷ। ଉତ୍ତର ଓଡ଼ିଶାରେ ୧୯ ହାତୀଙ୍କ ପ୍ରାଣହାନି ପ୍ରାଣୀପ୍ରେମୀଙ୍କୁ କରିଛି ବ୍ୟଥିତ। ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ, ବାଲେଶ୍ୱର ଜିଲା କୁଲଡିହା ଓ କେନ୍ଦୁଝର ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଛନ୍ତି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ପଶିଆସିଥିବା ହାତୀ। ଦନ୍ତା ଶିକାର ପରେ ପ୍ରମାଣ ଲୁଚାଇବା ପାଇଁ ମୃତଦେହ ପୋଡି ପ୍ରମାଣ ନଷ୍ଟ କରିବା ଘଟଣାରେ ୩ ବନ କର୍ମଚାରୀ ଜେଲ୍ ଯିବା ମୟୂରଭଞ୍ଜ ଜିଲାକୁ ଚର୍ଚ୍ଚାକୁ ଆଣିଥିଲା। ସେହିପରି ଜିଲାର କପ୍ତିପଦା ବନାଞ୍ଚଳ ଅଧୀନ ନଟୋ ସଂରକ୍ଷିତ ଜଙ୍ଗଲରୁ ଏକ ଛୁଆ ହାତୀ, ବାଙ୍ଗିରିପୋଷି ରେଞ୍ଜ ନାଫ୍ରି ଗ୍ରାମ୍ୟ ଜଙ୍ଗଲରୁ ହାତୀ ଶାବକର ମୃତଦେହ ଜବତ କରାଯାଇଥିଲା। ବେତନଟୀ ରେଞ୍ଜ ମଶିଣାକାଠି ସଂରକ୍ଷିତ ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବନବିଭାଗ ଓ ରେଲୱେ ମଧ୍ୟରେ ସମନ୍ୱୟ ଅଭାବରୁ ମେ' ୧୯ରେ କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଝୁରୁଡ଼ି ଅଞ୍ଚଳରେ ଟ୍ରେନ ଧକ୍କାରେ ୩ ହାତୀଙ୍କ ଜୀବନ ଯାଇଥିଲା। ସେହିପରି ଜୁନ୍ ୧୧ରେ ଆନନ୍ଦପୁର ୱାଇଲ୍ଡଲାଇଫ୍ ଡିଭିଜନରେ ଏକ ଦନ୍ତା, ୨୫ରେ ତେଲକୋଇ ରେଞ୍ଜରେ ଏକ ମାଈ ହାତୀ, ଅଗଷ୍ଟ ୨୫ରେ ଚମ୍ପୁଆ ରେଞ୍ଜରେ ୨ ମାଈ ହାତୀ, ନଭେମ୍ବର ୭ରେ ତେଲକୋଇ ରେଞ୍ଜର ଏକ ମାଈ ଓ ଛୁଆ ହାତୀ ଏବଂ ଡିସେମ୍ବର ୧ରେ ଚମ୍ପୁଆରେ ଏକ ଦନ୍ତାର ମୃତ୍ୟୁ ହୋଇଥିଲା। ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ବର୍ଷକ ମଧ୍ୟରେ ୫ ହାତୀର ମୃତ୍ୟୁ ହେବା ଘଟଣା ବନବିଭାଗର ନିଦ ହଜାଇ ଦେଇଥିଲା। ବର୍ଷ ଆରମ୍ଭରୁ ଜାନୁଆରୀ ୧୫ରେ କୁଲଡ଼ିହା ଅଭୟାରଣ୍ୟ ଅଧୀନ ମଙ୍ଗଳପୁର ବିଟ୍ ହାତୀକୁଲିଆ ସେକ୍ସନ ଅଞ୍ଚଳରୁ ଏକ ମାଈ ହାତୀର ଗଳିତ ମୃତଦେହ ମିଳିଥିଲା।। ସେହିପରି ମା। ଛ

୨୦ରେ ତେଣ୍ଡା ସଂରକ୍ଷିତ ଜଙ୍ଗଲ ଗୁହାଳିଆ ନିକଟରୁ ଏକ ମାଈ ହାତୀ, ଜୁଲାଇ ୧୮ରେ ନୀଳଗିରି ଉପଖଣ୍ଡ ନରଣପୁର ପଞ୍ଚାୟତ ବାରାଗଡ଼ିଆ ଗାଁର ପୁରସ୍ତମ ସିଂଙ୍କ ବାଡ଼ିରୁ ଏକ ଦନ୍ତା ହାତୀ, ଜୁଲାଇ ୨୭ରେ ଚେମଚଟା ଜଙ୍ଗଲରୁ ଏକ ହାତୀଛୁଆ, ଡିସେମ୍ବର ୧୦ରେ କୁଲଡ଼ିହା ଅଭୟାରଣ୍ୟ ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ସିଆଡ଼ିମାଳ ପଞ୍ଚାୟତ କଦମଶୋଳଠାରେ ଏକ ମାଈ ହାତୀର ମୃତଦେହ ଜବତ କରାଯାଇଥିଲା।



## କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା
## ନିରଞ୍ଜନଙ୍କୁ ମିଳିଲା ଜାମିନ

**ଭଦ୍ରକ ଅଫିସ,୧୬।୧୨:** ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରରେ ଥିବା ଅଭିଯୁକ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କୁ ଶୁକ୍ରବାର ଜାମିନ ମିଳିଛି। ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ମଞ୍ଜୁର ପରେ ସେ ଭଦ୍ରକ ଜେଲରୁ ବାହାରିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ମୋଟ ୮ ଅଭିଯୁକ୍ତ ଜେଲ୍ ଯାଇଥିଲେ। ପୂର୍ବରୁ ଅଭିଯୁକ୍ତ ପରମେଶ୍ୱର ରାଉତ ଜାମିନରେ ଆସିଥିଲେ।

# ଆରମ୍ଭ ହେଲା 'ଆକ୍ସନ ଟୁ ଚେଞ୍ଜ୍ ଟୁଗେଦର'

**ଢେଙ୍କାନାଳ ଅଫିସ, ୧୬।୧୨**



କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଅଧିକାରୀମାନେ।

■ ରକ୍ତଶର୍କରା, ରକ୍ତଚାପ ମାପିବେ ପ୍ରଶିକ୍ଷିତ ମିଶନଶକ୍ତି ସଦସ୍ୟା
■ ରାଜ୍ୟରେ ପ୍ରଥମ: ଢେଙ୍କାନାଳରୁ ପାଇଲଟ୍ ପ୍ରୋଜେକ୍ଟ ଶୁଭାରମ୍ଭ

ଗ୍ରାମାଞ୍ଚଳରେ ନୀରବ ଘାତକ ସାଜିଛି ମଧୁମେହ, ଉଚ୍ଚ ରକ୍ତଚାପ ଭଳି ରୋଗ। ପରିବର୍ତ୍ତିତ ଜୀବନଶୈଳୀ ଏହି ରୋଗକୁ ଆମନ୍ତ୍ରଣ କରୁଥିବାବେଳେ ସଚେତନ ଅଭାବରୁ ରୋଗୀ ଠିକ୍ ପରାମର୍ଶ ପାଇପାରୁନାହାନ୍ତି। ଔଷଧ ମଧ ସେବନ କରୁନାହାନ୍ତି। ଏହି କାରଣରୁ ଅନେକ ସମୟରେ ରୋଗ ବଢ଼ିଯାଇ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହାର ପ୍ରତିକାର ଲାଗି ଢେଙ୍କାନାଳ ଜିଲାରୁ ଶୁକ୍ରବାର ଶୁଭାରମ୍ଭ ହୋଇଛି ପାଇଲଟ୍ ପ୍ରୋଜେକ୍ଟ 'ଆକ୍ସନ ଟୁ ଚେଞ୍ଜ୍ ଟୁଗେଦର'। ଏଣିକି ପ୍ରତି ଗ୍ରାମରୁ ଜଣେ ଯୁକ୍ତ ୨ ପାସ୍ କରିଥିବା ମିଶନ ଶକ୍ତି ସଦସ୍ୟା ଘର ଘର ବୁଲି ଲୋକଙ୍କ ରକ୍ତଚାପ ଏବଂ ରକ୍ତ ଶର୍କରା ପରୀକ୍ଷା କରିବେ। ସମ୍ପୃକ୍ତ ମହିଳାଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରାଯିବ। ସେମାନେ ରୋଗୀଙ୍କ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ଔଷଧ ସେବନ ନେଇ ପରାମର୍ଶ ଦେବେ। ଆବଶ୍ୟକସ୍ଥଳେ ଔଷଧ ପ୍ରଦାନ ବ୍ୟବସ୍ଥା ମଧ କରିବେ। ରାଜ୍ୟରେ ପ୍ରଥମ କରି ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ମାରାତ୍ମକ ବ୍ୟାଧିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ ହୋଇଛି।

ଢେଙ୍କାନାଳ ଜିଲା ମିଶନ ଶକ୍ତି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ସିମେନ୍ସ କମ୍ପାନୀ ଓ ପ୍ରୋଜେକ୍ଟ କନସର୍ନ ଇଣ୍ଟରନ୍ୟାଶନାଲର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ବିଧିବଦ୍ଧ ଭାବେ ଶୁଭାରମ୍ଭ ହୋଇଛି 'ଆକ୍ସନ ଟୁ ଚେଞ୍ଜ୍ ଟୁଗେଦର'। କାମାକ୍ଷାନଗର ଉପଖଣ୍ଡ ଅଧୀନ ୪ ବ୍ଲକ (କଙ୍କଡ଼ାହାଡ଼, ଭୁବନ, କାମାକ୍ଷାନଗର, ପରଜଙ୍ଗ)ରେ ପ୍ରଥମେ ଏହା କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟରେ ଉଚ୍ଚ ପ୍ରଶିକ୍ଷିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଯୁବତୀଙ୍କୁ ନିୟୋଜିତ କରାଯିବ। ଯେଉଁମାନଙ୍କ ନିକଟରେ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗ ଚିହ୍ନଟ ହେବ, ସେମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। ସେଥିରେ ନିୟମିତ ପରୀକ୍ଷା ରିପୋର୍ଟ ଉଲ୍ଲେଖ ରହିବ। ଲୋକଙ୍କ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ଏହି କାର୍ଯ୍ୟକୁ ନିର୍ଭୁଲ ଭାବେ କରିବା ଲାଗି ଆବଶ୍ୟକ ପଦକ୍ଷେପ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୯୦ ସଦସ୍ୟଙ୍କୁ ତାଲିମ ପ୍ରଦାନ କରାଯାଇଛି। ସେମାନଙ୍କୁ ସ୍ୱାସ୍ଥ୍ୟ ମିତ୍ର ଭାବେ ଦର୍ଶାଯାଇଛି। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ୪ ଜିଲାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସହକାରୀ ନିର୍ଦ୍ଦେଶକ ଡା. ସୁଶାନ୍ତ ସ୍ୱାଇଁ, ପ୍ରୋଜେକ୍ଟ କନସର୍ନ ଇଣ୍ଟରନ୍ୟାଶନାଲର ଭାରତ ମୁଖ୍ୟ ଇନ୍ଦ୍ରଜିତ ଚୌଧୁରୀ, ରାଜ୍ୟ ମୁଖ୍ୟ ପ୍ରୀତିଶ ନନ୍ଦ, ସିମେନ୍ସ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତାଞ୍ଜଳି, ଜିଲାପାଳ ସରୋଜ କୁମାର ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ବହୁ ଅଧିକାରୀ ଓ ମିଶନ ଶକ୍ତି ସଦସ୍ୟା ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଲାଗିହେଲା ପହିଲିଭୋଗ

## ପ୍ରଥମ ଦିନରେ ନୀତି ବିଳମ୍ବ

**ପୁରୀ ଅଫିସ, ୧୬।୧୨**


ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବା ପହିଲିଭୋଗ।

ଧନୁ ସଂକ୍ରାନ୍ତି ଅବସରରେ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ନୀତି ୧ ମାସ ଅର୍ଥାତ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ପରମ୍ପରା ଅନୁଯାୟୀ, ଗୋପାଳ ବଲ୍ଲଭ ଭୋଗ ସମୟରେ ପହିଲି ଭୋଗ ଲାଗି କରାଯାଇଛି। ତେବେ ପ୍ରଥମ ଦିନରେ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଛି। ନିର୍ଦ୍ଧାରିତ ସମୟ ରାତି ୨ଟା ପରିବର୍ତ୍ତେ ୩ଟା ୫ରେ ଶ୍ରୀମନ୍ଦିର ଦ୍ୱାରଫିଟା ଯାଇ ବିଭିନ୍ନ ନୀତିକାନ୍ତି ପରେ ପହିଲି ଭୋଗ ହୋଇଥିଲା। ଏଥିରେ ବଡ଼ ଝିଲି, ସାନ ବଡ଼ା, ବଡ଼ ବଡ଼ା, କାକରା, ଅମାଲୁ, ଏଣ୍ଡୁରି, ମୁଦେଇ, ଚଢ଼େଇ ନଦା, ଲଡ୍ଡୁ, ଗଇଁଠା, ମଣ୍ଡା ଓ ଖଇରଚୁଳ ପ୍ରଭୃତି ୨୮ ପ୍ରକାର ଭୋଗ ଲାଗିହୋଇଥିଲା। ସେହିପରି ମହାପ୍ରଭୁଙ୍କ ନିକଟରେ ଧନୁମୁଆଁ ଭୋଗ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଓ ବିଭିନ୍ନ ନିଯୋଗ ପକ୍ଷରୁ ମୁଆଁ ଭୋଗ ଲାଗିକରାଯାଇଥିଲା।

ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ଼ ନୀତି ସରିବା ପରେ ସନ୍ଧ୍ୟାରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ଲୋକକଥା ଅନୁଯାୟୀ, ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମହାଲକ୍ଷ୍ମୀ ତାଙ୍କ ବାପଘରକୁ ଯାଇଥାନ୍ତି। ତେଣୁ ମା' ଯଶୋଦା ନିଜ ହାତରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଶ୍ରୀବିଗ୍ରହମାନଙ୍କୁ ଖୁଆଇଥାନ୍ତି। ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହନ୍ତି, ଧନୁ ସଂକ୍ରାନ୍ତିରେ ସୂର୍ଯ୍ୟଦେବ ବିଛା ରାଶିରୁ ଧନୁ ରାଶିକୁ ଗମନ କରିଥାନ୍ତି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ମହାପ୍ରଭୁଙ୍କର ବିଶେଷ ନୀତି ହେବା ସହ ପହିଲି ଭୋଗ ଲାଗି କରାଯାଇଥାଏ।


ମୟୂରଭଞ୍ଜ ଛଉ ନୃତ୍ୟକୁ ନେଇ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ ଜାତୀୟ ମହୋତ୍ସବ 'ନାଟ୍‌କୀ'ରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ବିକାଶ)**

# ଜାତୀୟ ଛଉ ମହୋତ୍ସବ 'ନାଟ୍‌କୀ' ଆରମ୍ଭ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ମୟୂରଭଞ୍ଜର ପ୍ରସିଦ୍ଧ ଛଉ ନୃତ୍ୟକୁ ନେଇ ପ୍ରଥମ ଜାତୀୟ ଛଉ ମହୋତ୍ସବ 'ନାଟ୍‌କୀ' ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏହି ମହୋତ୍ସବ ୨ଦିନ ଧରି ଚାଲିବ। ପ୍ରଥମ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଉତ୍କର୍ଷ କଳାର ଦେଶ ଉତ୍କଳ। ବିଭିନ୍ନ କଳା, ସଂସ୍କୃତି ଓଡ଼ିଶାର ଗରିମା ବୃଦ୍ଧି କରୁଛି। ଛଉ ନୃତ୍ୟର ବହୁଳ ପ୍ରଚାର ପ୍ରସାର ଆବଶ୍ୟକତା ରହିଛି। ଏ ନେଇ ସରକାରୀ ସ୍ତରରେ ମଧ ଧ୍ୟାନ ଦିଆଯିବ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜର ରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ଛଉ ନୃତ୍ୟ ଉପରେ ନିର୍ଭର କରୁଥିବା କଳାକାରମାନଙ୍କ ବିଷୟରେ ଆଲୋଚନା କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେଲେ ସେମାନେ ଆଗକୁ ବଢ଼ିବେ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ପୋମା ଟୁଡୁ କହିଛନ୍ତି, ଯୁବପିଢ଼ୀ ଏଥିରେ ଅଧିକ ସାମିଲ ହେବା ଦରକାର। ପ୍ରୋଜେକ୍ଟ ଛାଉଣୀର ପ୍ରତିଷ୍ଠାତା ଆଇଏଏସ୍ ରାଜେଶ ପାଟିଲ କହିଥିଲେ, ପ୍ରଥମ ଥର ପାଇଁ ଏହା ଅନୁଷ୍ଠିତ ହେଲା। ଛଉରେ ଗୁରୁମାନଙ୍କର ଆନ୍ତରିକତା କମି ଆସିଲାଣି। ସେମାନଙ୍କ ଅର୍ଥନୈତିକ ଉନ୍ନତି କରି ପାରିଲେ ହିଁ ଏହାକୁ କିଭଳି ବିଶ୍ୱସ୍ତରରେ ପହଞ୍ଚାଇ ହେବ ସେମାନେ ଚେଷ୍ଟା କରିବେ। ଏଥି ସହ ସବୁ ସ୍ତରରୁ ଉଦ୍ୟମ ରହିବା ଆବଶ୍ୟକ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଗୁରୁ ଶ୍ୟାମା ଭଞ୍ଜଙ୍କ ଦ୍ୱାରା ନିର୍ଦ୍ଦେଶିତ କଳାକାରଙ୍କ ଦ୍ୱାରା ପ୍ରତିବିମ୍ବ ପରିବେଷିତ ହୋଇଥିଲା। ପରେ ପରେ କ୍ୟାରୋଲିନ ପ୍ରାଦାଙ୍କ ଦ୍ୱାରା 'ନଟରାଜ', ନିଚୁଆପଦା ଉଚ୍ଚରସାହି ପକ୍ଷରୁ 'କେଉଟ କେଉଟୁଣୀ' ଏବଂ ବାମନଘାଟି, ପଞ୍ଚପିର୍‌ହ ଓ ସଦାର ସବଡିଭିଜନ ପକ୍ଷରୁ 'କରମ' କାର୍ଯ୍ୟକ୍ରମ ଉପସ୍ଥାପିତ ହୋଇଥିଲା। ବାରିପଦା, ମୟୂରଭଞ୍ଜ ସହ ରାଜଧାନୀର ଲୋକମାନେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ପ୍ରାର୍ଥନା ସଭାରେ ଟଳିପଡ଼ିଲେ ଛାତ୍ର

## ଆଇଟିଆଇ କ୍ୟାମ୍ପସ୍‌ରେ ଅଭାବନୀୟ ଘଟଣା

**ଢେଙ୍କାନାଳ ଅଫିସ, ୧୬।୧୨**


ଅଭିଜିତ୍ ଦାସ

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ଆଇଟିଆଇ କଲେଜ କ୍ୟାମ୍ପସ୍‌ରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ପ୍ରାର୍ଥନା ସଭା ଚାଲିଥିବାବେଳେ ଇଲେକ୍ଟ୍ରିକାଲ ବ୍ରାଞ୍ଚର ପ୍ରଥମ ବର୍ଷ ଛାତ୍ର ଅଭିଜିତ୍ ଦାସ (୧୭)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଅଭିଜିତ୍‌ଙ୍କ ଘର କାମାକ୍ଷାନଗର ଉପଖଣ୍ଡ ସରଦେଇପୁର ଜିରାଳ ଗ୍ରାମରେ। କଲେଜରେ ପୂର୍ବାହ୍ନ ୯ଟା ୧୦ରୁ ୯ଟା ୨୫ ପର୍ଯ୍ୟନ୍ତ ପ୍ରାର୍ଥନ ସଭା ହେଉଥିବାବେଳେ ସେ ଯୋଗଦେଇଥିଲେ। ତେବେ ହଠାତ୍ ତାଙ୍କ ଶରୀର ଥରିଥିଲା। କିଛିକ୍ଷଣ ମଧ୍ୟରେ ସେ ଚେତାଶୂନ୍ୟ ହୋଇ ଟଳିପଡ଼ିଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

ଏ ସଂକ୍ରାନ୍ତରେ ସହକାରୀ ଟ୍ରେନିଂ ଅଫିସର ଧନେଶ୍ୱର ବେହେରା କହିଛନ୍ତି, ହଷ୍ଟେଲରେ ରହୁଥିବା ଅଭିଜିତ୍ ନିର୍ଦ୍ଧାରିତ ସମୟରେ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ଅସୁସ୍ଥ ହୋଇ ତଳେ ପଡ଼ିଯିବା ପରେ ତାଙ୍କୁ କଲେଜ ଗାଡ଼ିରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବରୁ ତାଙ୍କର ଦେହ କେବେ ଖରାପ ହୋଇଥିବା ଆମେ ଜାଣିନାହୁଁ ବୋଲି ଟ୍ରେନିଂ ଅଫିସର ବେହେରା ସୂଚନା ଦେଇଛନ୍ତି। ଅଭିଜିତ୍‌ଙ୍କ ଏଭଳି ବିୟୋଗକୁ ନେଇ କଲେଜରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆଖିବୁଜିଲେ ମୁଖ୍ୟ ସାକ୍ଷୀ

## ଶିମିଳିପାଳରେ ହାତୀ ମୃତ୍ୟୁ ଓ ପ୍ରମାଣ ନଷ୍ଟ ଘଟଣା

**ବାରିପଦା ଅଫିସ,୧୬।୧୨**

■ ବିଷ ପିଇ ଚିକିତ୍ସିତ ହେଉଥିଲେ
■ ବିଚାର ବିଭାଗୀୟ ତଦନ୍ତ ଦାବି କଲା ଭଞ୍ଜସେନା

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଦନ୍ତା ଶିକାର ଓ ପ୍ରମାଣ ନଷ୍ଟ ଉଦ୍ୟମ ଘଟଣାକୁ ନେଇ ବିବାଦ ବଢ଼ିଚାଲିଛି। ଅଧିକାରୀଙ୍କ ତାଗିଦ ଯୋଗୁ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ହାତୀ ମୃତ୍ୟୁ ଘଟଣାର ମୁଖ୍ୟ ସାକ୍ଷୀ ବନ କର୍ମଚାରୀ ଡୁରାମ ପୂର୍ତ୍ତିଙ୍କ ଗୁରୁବାର ରାତିରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାକୁ ନେଇ ବନ ବିଭାଗ ପୁଣି ଅଡୁଆରେ ପଡ଼ିଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଅଧୀନ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ଗତ ୭ ତାରିଖରେ ଏକ ଦନ୍ତା ହାତୀ ଶିକାର କରାଯାଇଥିଲା। ଏହାର ଦାନ୍ତ କାଟି ନେବା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଡ଼ି ଅବଶିଷ୍ଟ ଦେହାବଶେଷକୁ ବନ କର୍ମଚାରୀମାନେ ନିକଟସ୍ଥ ନଦୀରେ ଭସାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ମୁଖ୍ୟ ସାକ୍ଷୀ ରହିଥିବା ଡୁରାମଙ୍କୁ ବିଭାଗୀୟ ଅଧିକାରୀମାନେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଡୁରାମ ଗତ ୧୨ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେକ୍ସନର କର୍ମଚାରୀମାନେ ତାଙ୍କୁ ବିଭାଗୀୟ ଗାଡ଼ିରେ ନେଇ ନିକଟସ୍ଥ ଯଶୀପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଡୁରାମଙ୍କ ମୃତ୍ୟୁ ପରେ ପରିବାର ଲୋକେ ବନ କର୍ମଚାରୀଙ୍କ ନାମରେ ହତ୍ୟା ଅଭିଯୋଗ କରିବେ ବୋଲି କହିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ କୌଣସି ରାସାୟନିକ ସାର କିମ୍ବା କୀଟନାଶକ ଦ୍ରବ୍ୟର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଥିବା ବେଳେ ଡୁରାମ କେଉଁଠୁ ବିଷ ଆଣି ପିଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡୁରାମଙ୍କ ଘର ଗୁଡ଼ଗୁଡ଼ିଆ ରେଞ୍ଜ ଡାକୁଆ ଅଞ୍ଚଳରେ ହୋଇଥିବା ବେଳେ ସେ ଗୁରୁଣ୍ଡିଆ ସେକ୍ସନରେ ବ୍ୟାଘ୍ର ସୁରକ୍ଷା ବଳ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଡ୍ୟୁଟି ସମୟରେ କାର୍ଯ୍ୟାଳୟରେ ବିଷ ଥିବା ଜାଣି ଏହାକୁ ପିଇ ଦେଇଥିଲେ। ବନ ବିଭାଗ କାର୍ଯ୍ୟାଳୟରେ ବିଷ କାହିଁକି ରଖାଯାଇଥିଲା ଓ ଏହା କେଉଁ କାର୍ଯ୍ୟରେ ଲଗାଯାଉଛି ତାହାକୁ ନେଇ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ବିଷକ୍ରିୟାଜନିତ ନା ଗୁଳିବିଦ୍ଧ କରାଯାଇ ଶିକାର କରାଯାଇଛି ତାହା ତଦନ୍ତସାପେକ୍ଷ। ହାତୀ ମୃତ୍ୟୁରେ ଜଡ଼ିତ ଥିବା ଅଧିକାରୀମାନେ କେଉଁ ଉପାୟରେ ହାତୀ ଶିକାର କରିଛନ୍ତି ତାହାକୁ ନେଇ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ତଦନ୍ତ କରାଯାଉ ବୋଲି ଭାନୁମିତ୍ର କହିଛନ୍ତି। ହାତୀ ଓ ବନ କର୍ମଚାରୀ ଡୁରାମଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜିଲାର ଅଗ୍ରଣୀ ସଙ୍ଗଠନ ଭଞ୍ଜସେନା ଦାବି କରିଛି।




# ଅନ୍ଧାରରେ ପଦ୍ମଶ୍ରୀଙ୍କ ପରିବାର

**କେନ୍ଦୁଝର,୧୬।୧୨(ସ୍ୱ.ପ୍ର.)**

## ବିଭାଗୀୟ ଭୁଲ ଯୋଗୁ ବିଦ୍ୟୁତ୍ ବିଚ୍ଛିନ୍ନ


ପଦ୍ମଶ୍ରୀ ଦୈତାରୀ ନାଏକ

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତଳ ବୈତରଣୀ ଗ୍ରାମରେ ରହୁଥିବା ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ପରିବାର ଅନ୍ଧାରରେ। ବିଭାଗୀୟ ଭୁଲ ଯୋଗୁ ଦୀର୍ଘ ଏକ ମାସ ହେଲା ତାଙ୍କ ଘରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦିଆଯାଇଛି। ଫଳରେ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବକେୟା ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବା ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଭୁଲ ବିଲ୍ ଆସିଥିବା ଦୈତାରୀ କହିଛନ୍ତି।

ଅଭିଯୋଗ ମୁତାବକ, ଗତ ଏକ ବର୍ଷ ହେଲା ଦୈତାରୀଙ୍କ ଘରେ ଥିବା ବିପିଏଲ ସଂଯୋଗକୁ କାଟି ଦିଆଯାଇଛି। ତେଣୁ ସେ ଘରୋଇ ବିଦ୍ୟୁତ୍ ସଂଯୋଗରୁ ଅର୍ଥ ପୈଠ କରି ବିଜୁଳି ଜାଳୁଥିଲେ। ଗତ ମାସରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିପିଏଲ୍ ସଂଯୋଗର ବକେୟା ବିଲ୍ ଦିଆଯାଇଥିଲା। କିନ୍ତୁ ତାହା ବିଚ୍ଛିନ୍ନ ହୋଇଯାଇଥିବା ଦୈତାରୀ କହିଥିଲେ। ମାତ୍ର ବିଭାଗର କର୍ମଚାରୀ କିଛି ନ ଶୁଣି ଘରୋଇ ବିଦ୍ୟୁତ୍ ସଂଯୋଗକୁ କାଟି ଦେଇଥିଲେ। ଘରେ ସ୍ତ୍ରୀ, ତିନି ପୁଅ, ବୋହୂ ଓ ନାତିନାତୁଣୀଙ୍କ ସହ ରହୁଛନ୍ତି। ବିଦ୍ୟୁତ୍ ବିଚ୍ଛିନ୍ନ ଫଳରେ ସେ ପରିବାର ସହିତ ଅନ୍ଧାରରେ ରହୁଛନ୍ତି। ବଣଜଙ୍ଗଲ ଘେରା ଅଞ୍ଚଳ ହୋଇଥିବାରୁ ଅନ୍ଧାରରେ ନାନା ସମସ୍ୟା ମଧ୍ୟରେ ଛୋଟ ଛୋଟ ପିଲାଙ୍କୁ ଧରି ରହୁଥିବା ସେ କହିଛନ୍ତି। ବିଭାଗୀୟ ତ୍ରୁଟି କାରଣରୁ ବିଲ୍ ପଇଠ ହୋଇ ନ ଥିବା ବେଳେ ଜଣେ ପଦ୍ମଶ୍ରୀଙ୍କ ଘରୁ ବିଦ୍ୟୁତ୍ ସଂଯୋଗ କାଟିଦେବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଏହାର ସମାଧାନ କରି ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି ହେଉଛି। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ କହିଛନ୍ତି, ବିଦ୍ୟୁତ୍ କାହିଁକି କଟାଯାଇଛି ଜାଣିନାହାନ୍ତି। ତେବେ କ'ଣ ସମସ୍ୟା ହୋଇଛି, ସେ ବିଷୟରେ ବିଲ୍ ସହିତ ଆସି ଜଣାଇଲେ ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ପଦ୍ମଶ୍ରୀ ଦୈତାରୀ ନାଏକ ନିଜର ଓ ସ୍ଥାନୀୟ ଲୋକଙ୍କ ଚାଷ ଜମିକୁ ପାଣି ମଡ଼ାଇବା ପାଇଁ ଦୀର୍ଘ ୩ ବର୍ଷ ପରିଶ୍ରମ କରି ତିନି କିମି ଦୂରରୁ ନିଜ ଉଦ୍ୟମରେ କେନାଲ ଖୋଳିଥିଲେ। ତାଙ୍କ ଉଦ୍ୟମ ଯୋଗୁ ଏବେ ବନବାସୀମାନେ ପାହାଡ଼ିଆ ଝରଣାର ଜଳ ବ୍ୟବହାର କରି ବର୍ଷ ତମାମ ଚାଷ କରିପାରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନ ଥାଏ ଯୋଉ ମୁହଁକୁ,
ଭଣ୍ଡାରି ନ ଥାଏ ଖଉରିବାକୁ ।**

ଅଲାଜୁକ, ତା'ର ମୁହଁକୁ ଲାଜସରମ ନ ଥାଏ । ପ୍ରତ୍ୟେକ କଥାକୁ ସେ ଫୁତକାରରେ ଉଡ଼ାଇ ଦେଇଥାଏ । ଯିଏ ଯେତେ କହିଲେ ମଧ ତା'ର ପ୍ରଭାବ ତା' ଉପରେ ପଡ଼ିପାରି ନ ଥାଏ । ଅଲାଜୁକ, ବେହିଆ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ଲେଙ୍ଗୁଟି ପିନ୍ଧାଙ୍କ ପାଗପଟୁକା,
ଗୋଲମକୁ ବଡ଼ ପଣ,
ମାଗିଖିଆଙ୍କର ତଟୁ ଘୋଡ଼ା
ଏ ବଡ଼ ବିଡ଼ମ୍ବନା ।**

ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ପଡ଼ିଥାଏ । ଏତିକି ସ୍ୱଳ୍ପ ବସ୍ତ୍ର ହିଁ ଯାହାର କାମ୍ୟ ତା'ପାଇଁ ଦାମୀ ବସ୍ତ୍ରର ପ୍ରୟୋଜନତା ସେତେ ଗୁରୁତ୍ୱ ରଖି ନ ଥାଏ । ଚାକର ଶ୍ରେଣୀୟ ବ୍ୟକ୍ତି ପକ୍ଷେ ବଡ଼ ପଦପଦବୀର ଦାୟିତ୍ୱ ସମ୍ଭାଳିବା କଷ୍ଟକର ହୋଇଥାଏ । ତଟୁ ଘୋଡ଼ା ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଲୋଡ଼ିଥାଏ । ଯିଏ ପର ଆଗରେ ହାତପାତି ନିଜ ଗୁଜୁରାଣ ମେଣ୍ଟାଇଥାଏ ତା'ପକ୍ଷେ ଏପରି ଘୋଡ଼ା ରଖିବା ଯନ୍ତ୍ରଣାଦାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୪ ଓକିଲଙ୍କ ଜାମିନ ଆବେଦନ ଖାରଜ

- ରାଜ୍ୟ ବାହାରେ ଜିଲା ପୋଲିସ ଟିମ୍
- ପୋଲିସର ଗିରଫଦାରିକୁ ନିନ୍ଦା

ସମ୍ବଲପୁର, ୧୬।୧୨ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରରେ ଚାଲିଥିବା ଆନ୍ଦୋଳନ ଗତ ୧୨ ତାରିଖରେ ଉଗ୍ର ରୂପ ନେଇ କୋର୍ଟ ଭିତରେ ତୁମୁଳକାଣ୍ଡ ଘଟିଥିଲା । ଏହି ଘଟଣାରେ ଏପର୍ଯ୍ୟନ୍ତ ୩୨ଜଣଙ୍କୁ ପୋଲିସ ଗିରଫ କରିଛି । ଏମାନଙ୍କ ମଧ୍ୟରୁ ୧୪ଜଣ ଓକିଲଙ୍କ ପାଇଁ ଶୁକ୍ରବାର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ହୋଇଥିଲା । ହେଲେ କୋର୍ଟ ଏହାକୁ ଖାରଜ କରିଦେଇଛନ୍ତି । ଏହାପରେ ସେମାନେ ଉପର କୋର୍ଟରେ ଜାମିନ ପାଇଁ ଆବେଦନ କରିବେ ବୋଲି ଓକିଲମାନେ କହିଛନ୍ତି । କୁଚିଣ୍ଡାର ଓକିଲ ରଞ୍ଜନ ଶର୍ମା, ସଚ୍ଚିଦାନନ୍ଦ ଶର୍ମା, ଯଦୁମଣି ପୃଷ୍ଠେଠ ସମସ୍ତ କାଗଜପତ୍ର ପ୍ରକ୍ରିୟା ସାରି ଏସ୍‌ଡିଜେଏମ୍‌ଙ୍କ ପାଖରେ ଆବେଦନ କରିଥିଲେ । କେତେକ ଜାମିନବିହୀନ ଦଫା ଲାଗିଥିବାରୁ ଏସ୍‌ଡିଜେଏମ୍ ଏହାକୁ ଖାରଜ କରିଦେଇଥିଲେ ବୋଲି ଓକିଲ ରଞ୍ଜନ ଶର୍ମା କହିଛନ୍ତି । ସେ ଆହୁରି କହିଛନ୍ତି, ଆମକୁ କେହି ନିୟୋଜିତ କରିନାହାନ୍ତି । ନିଜ ପକ୍ଷରୁ ମାମଲା କରିଥିଲୁ । ପ୍ରଥମ ପର୍ଯ୍ୟାୟରେ ୧୪ ଜଣଙ୍କ ପାଇଁ ଆବେଦନ କରିଥିଲୁ । ଅନ୍ୟମାନଙ୍କ ପାଇଁ ମଧ୍ୟ ଆବେଦନ କରାଯିବ । ଆଜି ଜାମିନ ଖାରଜ ହୋଇଛି । ଏହାକୁ ନେଇ ଉପର କୋର୍ଟରେ ଅପିଲ କରିବୁ ବୋଲି ସେ କହିଥିଲେ । ଅନ୍ୟପଟେ ଶୁକ୍ରବାର ମଧ୍ୟ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡାକଡି ରହିଥିଲା । ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ୨୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ । ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଥିଲେ ମଧ୍ୟ ସାଧାରଣ ଲୋକଙ୍କୁ କାମ ପାଇଁ କୋର୍ଟ ପରିସରକୁ ଛଡାଯାଇଥିଲା । ଅନ୍ୟପଟେ ପୋଲିସ ଅନ୍ୟ କେତେଜଣ ଓକିଲଙ୍କୁ ଗିରଫ କରିବାକୁ ଯୋଜନା କରୁଛି । ରାଜ୍ୟ ବାହାରେ ମଧ୍ୟ ଜିଲା ପୋଲିସ ଟିମ୍ ପହଞ୍ଚିଥିବା ଜଣାପଡିଛି । ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ରାତିଅଧିଆ ଚଢାଉ ଜାରି ରଖିଛି । ପୋଲିସର ଏଭଳି ଗିରଫଦାରିକୁ ସାଧାରଣରେ ନିନ୍ଦା କରାଯାଉଛି । ପୋଲିସ ନିଜର ଭୁଲ୍ ସଂଶୋଧନ କରିବା ଓ ଛବି ସୁଧାରିବାକୁ ଏଭଳି କରୁଥିବା ଅଭିଯୋଗ ହେଉଛି । ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହାକୁ ନିନ୍ଦା କରାଯାଉଛି । ଓକିଲ ସଂଘ ପ୍ରତି ସାଧାରଣରେ ସମର୍ଥନ ବଢୁଥିବା ଲକ୍ଷ୍ୟ କରାଯାଉଛି ।



ଏସ୍‌ଡିଜେଏମ୍ କୋର୍ଟକୁ ଜାମିନ ଆବେଦନ କରିବାକୁ ଯାଉଛନ୍ତି ଓକିଲମାନେ ।

# କୋଟିପତି ସବ୍‌ଇନ୍ସପେକ୍ଟର ଅଭିମନ୍ୟୁ ଗିରଫ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

## ଆୟଠାରୁ ୧୧୩ % ଅଧିକ ସମ୍ପତ୍ତି ଠୁଳ

- ଜେଲ ଗଲେ, ସ୍ତ୍ରୀଙ୍କ ନାମରେ ମାମଲା
- ଗୁରୁବାର ୩ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ

ବେଆଇନ ମାଧ୍ୟମରେ ସମ୍ପତ୍ତି ଠୁଳ କରି ମଧ୍ୟ କନଷ୍ଟେବଲରୁ ସବ୍ ଇନ୍ସପେକ୍ଟରକୁ ପଦୋନ୍ନତି ପାଇଥିଲେ । କମିଶନରେଟ ପୋଲିସର ଏହି କରିତ୍‌କର୍ମା କୋଟିପତି ଏସ୍‌ଆଇ ଅଭିମନ୍ୟୁ ଚୌଧୁରୀଙ୍କୁ ଶେଷରେ ଭିଜିଲାନ୍ସ ଗିରଫ କରିଛି । ଭୁବନେଶ୍ୱରର ତମାଣ୍ଡୋ ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟରତ ଅଭିମନ୍ୟୁଙ୍କ ଘରେ ଗୁରୁବାର ଭିଜିଲାନ୍ସ ଚଢ଼ାଉ କରି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା । ଯାଞ୍ଚ ପରେ ଅଭିମନ୍ୟୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୩.୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତ୍ତି ମିଳିଛି । ଏସବୁ ସମ୍ପତ୍ତିର ମୂଲ୍ୟ ଅଭିମନ୍ୟୁଙ୍କ ପ୍ରକୃତ ଆୟରେ ୧୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି । ତେବେ ଉକ୍ତ ସମ୍ପତ୍ତି ଠୁଳ ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶୁକ୍ରବାର ଅଭିମନ୍ୟୁଙ୍କୁ ଭିଜିଲାନ୍ସ ଗିରଫ କରିଛି । ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ. ୩୯/୨୦୨୨) ରୁଜୁ କରାଯାଇଛି । ଗିରଫ ପରେ ଅଭିମନ୍ୟୁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ କୋର୍ଟ ତାଙ୍କୁ ଡିସେମ୍ବର ୨୭ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ତେବେ ଅଭିମନ୍ୟୁଙ୍କ ପାଖରୁ ଏତେ ପରିମାଣରେ ସମ୍ପତ୍ତି ଠାବ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି । କନଷ୍ଟେବଲରୁ ପଦୋନ୍ନତି ପାଇ ଏସ୍‌ଆଇ ହୋଇଥିବା ଜଣେ ପୋଲିସ କର୍ମଚାରୀ ଏଭଳି ସମ୍ପତ୍ତି ଠାବ କରିବା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି । ତେବେ ଲାଞ୍ଚ ଓ ବଟି ଆଦାୟ କରି ଏହି ସମ୍ପତ୍ତି ଅଭିମନ୍ୟୁ କରିଥିବା କୁହାଯାଉଛି । ସୂଚନାଯୋଗ୍ୟ, ଗୁରୁବାର ଏସ୍‌ଆଇ ଅଭିମନ୍ୟୁଙ୍କ କାର୍ଯ୍ୟାଳୟ, ନୟାଗଡ଼ ଜିଲା ନଛିପୁରସ୍ଥିତ ଘର ସମେତ ୩ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା । ଚଢ଼ାଉରେ ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଥିଲେ । ଭୁବନେଶ୍ୱର ପାଇକନଗରରେ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪ ମହଲା କୋଠା, ନଛିପୁର ପୈତୃକ ଗାଁରେ ୬.୨୨ ଲକ୍ଷ ଟଙ୍କାର ଏକ ମହଲା କୋଠା, ଭୁବନେଶ୍ୱରରେ ୯୦ ଲକ୍ଷ ଟଙ୍କାର ୭ ପ୍ଲଟ୍ ସମେତ ମୋଟ ୮ ପ୍ଲଟ୍ ଠାବ ହୋଇଥିଲା । ସେହିପରି ତାଙ୍କ ଘରୁ ୧୫.୯୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ, ୧.୮୯ ଲକ୍ଷ ଟଙ୍କାର ୩ଟି ବାଇକ୍, ୬.୯୫ ଲକ୍ଷର ଗୋଟିଏ ଚାରିଚକିଆ ଯାନ, ନଗଦ ୧.୭୫ ଲକ୍ଷ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କରେ ୭୮.୮୦ ଲକ୍ଷ ଟଙ୍କା ଜମାରାଶି ମିଳିଥିଲା । ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।



ଅଭିମନ୍ୟୁ ଚୌଧୁରୀ

# ୭ ହଜାର ଲିଟର ଦେଶୀ ମଦ ନଷ୍ଟ





ବଲାଙ୍ଗୀର ବିଜାଖମନ ଜଙ୍ଗଲ ଭିତରେ ଜେସିବି ଜରିଆରେ ଜବତ ମଦ ନଷ୍ଟ କରାଯାଉଛି । ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଜବତ ଦେଶୀ ମଦ ନଷ୍ଟ ପ୍ରକ୍ରିୟା ଅନୁଧ୍ୟାନ କରୁଛନ୍ତି ।

ବଲାଙ୍ଗୀର ଅଫିସ, ୧୬।୧୨

- ଆଇନଗତ ଭାବେ ଜବତ ମଦ ନଷ୍ଟରେ ଓଡ଼ିଶାରେ ପ୍ରଥମ
- ନଷ୍ଟ କରାଯାଇଥିବା ମଦର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ
- ଜିଲାର ୧୭ ଥାନାର ୫୦୮ଟି ମାମଲାରେ ମଦ ଜବତ ହୋଇଥିଲା

ବଲାଙ୍ଗୀର ଜିଲା ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଶୁକ୍ରବାର ବଲାଙ୍ଗୀର ସହର ଉପକଣ୍ଠ ବିଜାଖମନ ଜଙ୍ଗଲ ଭିତରେ ୭ ହଜାର ଲିଟର ଦେଶୀ ମଦ ନଷ୍ଟ କରିଛନ୍ତି । ଗତ ୪-୫ ବର୍ଷ ମଧ୍ୟରେ ପୋଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜବତ କରାଯାଇଥିବା ମଦକୁ ଆଇନଗତ ଭାବେ ନଷ୍ଟ କରାଯାଇଛି । ଏହାକୁ ଓଡ଼ିଶାର ପ୍ରଥମ ଘଟଣା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ବଲାଙ୍ଗୀର ଜିଲାର ୧୭ଟି ଥାନାର ୫୦୮ଟି ମାମଲାରେ ଯେତେ ମଦ ଜବତ କରାଯାଇଥିଲା ତାକୁ ଜଙ୍ଗଲକୁ ଅଣାଯାଇଥିଲା । ଜଙ୍ଗଲ ଭିତରେ ଏକ ସ୍ଥାନରେ ସମସ୍ତ ଜବତ ମଦ ପାଉଚ୍ ଏବଂ ଜାରକୁ ରଖାଯାଇ ଏକ ଜେସିବି ମେସିନ ଜରିଆରେ ଦଳି ଦିଆଯାଇଥିଲା । ଫଳରେ ପାଉଚ୍ ଏବଂ ଜାର ଫାଟିଯାଇ ମଦ ମାଟିରେ ମିଶି ଯାଇଥିଲା । ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଉକ୍ତ ସ୍ଥାନ ପରିଦର୍ଶନ କରି ଜବତ ଦେଶୀ ମଦ ନଷ୍ଟ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ । ନଷ୍ଟ କରାଯାଇଥିବା ମଦର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସେ କହିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି କୁଶଲକର କହିଥିଲେ, ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଜବତ କରାଯାଇଥିବା ମଦକୁ ଥାନା ଭିତରେ ରଖିବାରେ ଅସୁବିଧା ହେଉଥିଲା । ଅନେକ ମଦ ମାମଲା ବର୍ଷ ବର୍ଷ ଧରି ଗଡୁଥିବାରୁ ଜବତ ମଦକୁ ମାଲଖାନା ଭିତରେ ରଖିବାକୁ ପଡୁଥିଲା । ଏହାଦ୍ୱାରା ଥାନାର ମାଲଖାନା ଅପରିଷ୍କାର ହେଉଥିଲା । ଏବେ ଆଇନଗତ ଭାବେ ଜବତ ମଦ ନଷ୍ଟ କରିବାକୁ ଅନୁମତି ଦିଆଯାଇଥିବାରୁ ଏହା ବହୁ ଦିଗରୁ ଉଚିତ ପଦକ୍ଷେପ ହୋଇଛି ବୋଲି କହିଥିଲେ । ସେ କହିଥିଲେ, ଏଭଳି ପଦକ୍ଷେପ ଦ୍ୱାରା ଥାନା ମାଲଖାନା ପରିଷ୍କାର ହେବା ସହ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ ମଧ୍ୟ ଅସୁବିଧା ଦୂର ହୋଇପାରିବ । ସମାଜରୁ ନିଶା ନିବାରଣ ଦିଗରେ ମଧ୍ୟ ଏହି ପଦକ୍ଷେପ ଉଚିତ୍ ହୋଇଛି । ଏବେ କୌଣସି ବେଆଇନ ମଦ ଜବତ ମାମଲା ହେଲେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଅର୍ଥଦଣ୍ଡ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ବେଆଇନ ମଦ କାରବାର କମିବ ଏବଂ ସମାଜରେ ନିଶା ନିବାରଣ ଦିଗରେ ସଚେତନତା ସୃଷ୍ଟି ହେବ ବୋଲି ଏସ୍‌ପି କୁଶଲକର କହିଛନ୍ତି । ଜିଲାର ବିଭିନ୍ନ ସ୍ଥାନରେ ଜଙ୍ଗଲ ଭିତରେ ଲୁଚି କରି ବେଆଇନ ମଦ ତିଆରି ଘଟଣା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ କୁଶଲକର କହିଛନ୍ତି, ଆଗକୁ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ ଜୋର୍‌ଦାର କରିବେ । ଜିଲା ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ଜବତ ମଦ ନଷ୍ଟ ପ୍ରକ୍ରିୟା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି । ଏଥିସହ ଜିଲାରେ ମଦ ଓ ନିଶା କାରବାର ବନ୍ଦ କରିବା ଦିଗରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ମଦ ନଷ୍ଟ ପ୍ରକ୍ରିୟା ସମୟରେ ଅତିରିକ୍ତ ଏସ୍‌ପି ସୁରେଶ ନାଏକ, ବଲାଙ୍ଗୀର ଏସ୍‌ଡିପିଓ ତୋଫାନ୍ ବାଗ, ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟଙ୍କ ସମେତ ଜିଲାର ୧୭ଟି ଥାନାର ଆଇଆଇସି, ସବ୍‌ଇନ୍ସପେକ୍ଟର ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଆହୁରି ଜବତ ମଦ ନଷ୍ଟ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।

# ବସ୍ ଓଲଟି ଜଣେ ମୃତ, ୪୦ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି ।

କୁଲିଅଣା, ୧୬।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର କୁଲିଅଣା ଛକଠାରେ ଶୁକ୍ରବାର ପୂର୍ବାହ୍ନ ୯ଟା ୩୦ରେ ଏକ ଯାତ୍ରୀବାହୀ ବସ୍ ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରୁ ୧୦ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି । ଅନ୍ୟମାନେ କୁଲିଅଣା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଯଶୀପୁରରୁ ବାରିପଦା ଅଭିମୁଖେ ୫୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା 'ଗୌରୀ' ବସ୍ (ନଂ.ଓଆର ୦୪ଏଚ୍-୧୨୮୯)ର ଆଗ ବାମପାର୍ଶ୍ୱ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା । ମୃତକ ହେଲେ ଯଶୀପୁର ଥାନା ଚହକା ଗ୍ରାମର ଧୂଳେଶ୍ୱର ମହାନ୍ତ(୬୭) । ଖବରପାଇ ପୋଲିସ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା । ସୂଚନାଯୋଗ୍ୟ, କୁଲିଅଣାଠାରେ ଗଳାପୋଲ କାର୍ଯ୍ୟ ଚାଲିଥିବା ବେଳେ ଦୁର୍ଘଟଣାସ୍ଥଳରେ ଥିବା ଏକ ଖାଲରେ ପଡ଼ି ବସ୍ ଚକା ଫାଟି ଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି । ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ଧରି ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୭୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି ।

## ପ୍ରଥମ ପୃଷ୍ଠାରୁ...

### ଚାଇନା ଯୁଦ୍ଧମୁହାଁ, ...

ନୋଟିସ ଗ୍ରହଣ କରାଯିବା ପାଇଁ ଦାବି କରିଥିଲେ । କିନ୍ତୁ ଉପାଧ୍ୟକ୍ଷ ହରିବଂଶ ଏହାକୁ ଗ୍ରହଣ କରି ନ ଥିଲେ । ଫଳରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେଇ ହଟ୍ଟଗୋଳ କରିବାରୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା । ଏହା ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଣ୍ଟର ଉଭୟ ଗୃହରେ ବିବୃତି ଦେଇଥିଲେ । ଏହାକୁ ନେଇ ବିରୋଧୀ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏପରି କି ସେମାନଙ୍କ ଦାବିକୁ ଗ୍ରହଣ କରା ନ ଯିବାରୁ ଶୀତ ଅଧିବେଶନରେ ଅଚଳାବସ୍ଥା ଜାରି ରହିଛି ।

ପ୍ରକାଶ ଯେ, ଭାରତ ଓ ଚାଇନା ମଧ୍ୟରେ ୩୪୮୮ କି.ମି. ବିସ୍ତୃତ ପ୍ରକୃତ ନିୟନ୍ତ୍ରଣରେଖା ରହିଛି । ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଓ ଅରୁଣାଚଳ ପ୍ରଦେଶ ସଂଲଗ୍ନ ଏହି ସୀମାର ପରିମାପ କରାଯାଇ ନ ଥିବାରୁ ଏହାକୁ ନେଇ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବହୁବାର ବିବାଦ ସୃଷ୍ଟି ହୋଇସାରିଛି । ୧୯୬୨ ଯୁଦ୍ଧ ପରଠାରୁ ବେଜିଂ ଅରୁଣାଚଳକୁ ନିଜ ଭୂଖଣ୍ଡ ବୋଲି ଦାବିକରି ଆସିଛି । ଏପରି କି ତିବ୍ବତ ମାନଚିତ୍ରରେ ମଧ୍ୟ ଭାରତୀୟ ଅଞ୍ଚଳକୁ ସାମିଲ କରିଛି । ୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଏଥିରେ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର କେତେଜଣ ସୈନ୍ୟ ମୃତାହତ ହୋଇଥିଲେ ସେନେଇ ଚାଇନା ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିଲା । ସେହି ବର୍ଷ ଲଦାଖର ରିଞ୍ଚେନ୍ ଲାରେ ଦୁଇପକ୍ଷ ପୁଣି ମୁହାଁମୁହିଁ ହୋଇଥିଲେ । ସେହିପରି ଗତବର୍ଷ ଅକ୍ଟୋବରରେ ୟାଙ୍ଗସେରେ ଭାରତ-ଚାଇନା ସଶସ୍ତ୍ର ବଳ ମଧ୍ୟରେ ବିବାଦ ହୋଇଥିଲା । ଦୁଇଦେଶର କମାଣ୍ଡରସ୍ତରୀୟ ଆଲୋଚନା ପରେ ଏହାର ସମାଧାନ ହୋଇଥିବା କୁହାଯାଇଥିଲା । ତୱାଙ୍ଗରୁ ୩୫ କି.ମି. ଉତ୍ତର-ପୂର୍ବରେ ସମୁଦ୍ର ପଉନଠାରୁ ୧୭,୦୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ୟାଙ୍ଗସେରେ ଗତ ୯ ତାରିଖରେ ପ୍ରାୟ ୩୦୦ ପିଏଲ୍‌ଏ ସୈନ୍ୟ ସୁପରିକଳ୍ପିତ ଷଡ଼ଯନ୍ତ୍ର ଅନୁଯାୟୀ ଏହି ପାର୍ବତ୍ୟ ଅଞ୍ଚଳର ଶିଖରକୁ ଆସି ଦଖଲ ପାଇଁ ଉଦ୍ୟମ କରିଥିଲେ । ଭାରତୀୟ ଯବାନମାନେ ବିରୋଧ କରିବାରୁ ପିଏଲ୍‌ଏ ସୈନ୍ୟମାନେ ସେମାନଙ୍କୁ ଆକ୍ରମଣ କରିଥିଲେ । ଏଥିରେ ୬ ଭାରତୀୟ ଯବାନ ଆହତ ହୋଇଛନ୍ତି । ସେମାନଙ୍କୁ ଗୁଆହାଟୀର ବଶିଷ୍ଠ ୧୫୧ ବେସ୍ ହସ୍ପିଟାଲକୁ ଏୟାରଲିଫ୍ଟ କରି ନିଆଯାଇ ଚିକିତ୍ସା କରାଯାଉଛି । ତୱାଙ୍ଗ ସଂଲଗ୍ନ ଅଞ୍ଚଳରେ ଚାଇନା ଅନେକ ଗ୍ରାମ ପ୍ରତିଷ୍ଠା କରିଛି । ଏପରି କି ଏଲ୍‌ଏସି ସେପଟେ ରାସ୍ତା ମଧ୍ୟ ନିର୍ମାଣ କରିଛି । ୟାଙ୍ଗସେରୁ ଉଭୟ ପାର୍ଶ୍ୱ ସୀମାର ସାମରିକ ଅବସ୍ଥିତି ଦୃଶ୍ୟମାନ ହେଉଥିବାରୁ ଏହାକୁ ଚାଇନା ବାରମ୍ବାର ନିଜ କବ୍‌ଜାକୁ ନେବା ପାଇଁ ଉଦ୍ୟମ କରିଆସିଛି । ସଦ୍ୟ ସଂଘର୍ଷ ଘଟଣା ସାମ୍ନାକୁ ଆସିବା ପରେ ଉପଗ୍ରହ ଚିତ୍ରରୁ ଏହି ବିଷୟ ଜଣାପଡ଼ିଥିବା ମଙ୍ଗଳବାର ଭାରତୀୟ ସେନା ମାନିଥିଲା । କିନ୍ତୁ ଏବେ ସମ୍ପୃକ୍ତ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଶୁକ୍ରବାର ଇଷ୍ଟର୍ନ ଆର୍ମି କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଣା ପ୍ରତାପ କଳିତା ସୂଚନା ଦେଇଛନ୍ତି । କଳିତା କହିଛନ୍ତି, ସଂଘର୍ଷରେ ଉଭୟ ପକ୍ଷର ସୈନ୍ୟ ସାମାନ୍ୟ ଆହତ ହୋଇଛନ୍ତି । ବୁମ୍‌ଲାରେ ପ୍ରତିନିଧିସ୍ତରୀୟ ଆଲୋଚନା ବେଳେ ଏହି ପ୍ରସଙ୍ଗର ସମାଧାନ ହୋଇଯାଇଛି ।

### ଜଗନ୍ନାଥ ମନ୍ଦିରକୁ ...

କାର୍ଯ୍ୟରେ ଲାଗିବ ବୋଲି ଆଶା ରଖିଛନ୍ତି । ତୁଳାଙ୍କ ଘର କଟକ ଅଞ୍ଚଳରେ । ସେ କନ୍ଧମାଳ ଜିଲା କଟିଙ୍ଗିଆ ପଞ୍ଚାୟତ ଦୁବଗଡ଼ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ପ୍ରଫୁଲ୍ଲ ବେହେରାଙ୍କୁ ବିବାହ କରିଥିଲେ । କିଛିଦିନ ପରେ ଅକସ୍ମାତ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିଲା । ଏକାକୀ ହୋଇଯାଇଥିଲେ ତୁଳା । ସେବେଠାରୁ ସେ ଫୁଲବାଣୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ କୁଡ଼ିଆ ଘରେ ରହୁଛନ୍ତି । ନିଜର ସନ୍ତାନ ସନ୍ତତି ନ ଥିବାରୁ ବୟସ ଅଧିକ ହେବା ପରେ ୧୦ ବର୍ଷ ପୂର୍ବେ ଉକିଅ ମହାକୁଡ଼ ନାମ୍ନୀ ଜଣେ ବେସାହାରା ମହିଳାଙ୍କୁ ପାଳିତ ଝିଅ କରି ରଖିଛନ୍ତି । ନିକଟସ୍ଥ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଓ ସାଇ ମନ୍ଦିରରେ ତୁଳା ଭିକ ମାଗି ଚଳିବା ସହିତ କିଛି ଟଙ୍କା ସଞ୍ଚୟ କରନ୍ତି । ସେହି ସଞ୍ଚୟ ଟଙ୍କାରୁ ୧ଲକ୍ଷ ଟଙ୍କା ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି । ଭିକ ମାଗି ରଖିଥିବା ଟଙ୍କା ପ୍ରଭୁ ଜଗନ୍ନାଥଙ୍କ ସେବାରେ ଲାଗୁ ବୋଲି ସେ କହିଛନ୍ତି । ମନ୍ଦିର ପରିଚାଳନା କମିଟି ସଭାପତି ସୁନାଶିର ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ଏହି ଟଙ୍କା ଦାନ କରିଛନ୍ତି । ତୁଳାଙ୍କ ଇଚ୍ଛା ଅନୁସାରେ ଏହି ଟଙ୍କାରେ ପୁରୁଣା ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ହେବ ଓ ସେଠାରେ ସାଧୁସନ୍ଥମାନଙ୍କ ପାଇଁ ଆଶ୍ରୟସ୍ଥଳୀ କରାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି । ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବାକୁ ମନ୍ଦିର କମିଟି ନିଷ୍ପତ୍ତି ନେଇଥିବା କମିଟିର ସଦସ୍ୟ ରଜତ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା, ବିଜୟ ମହାନ୍ତି, ଶରତ ଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଜୀବନରେ ସଂଗ୍ରାମ କରି ଚାଲୁଥିଲେ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଥିବା ତାଙ୍କର ଆସ୍ଥା ସମସ୍ତଙ୍କୁ ହତବାକ୍ କରିଛି । ତୁଳାଙ୍କ ଏହି ମହାନତା ପାଇଁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତିଙ୍କ ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟସିଦ୍ଧି ସହ ସମ୍ମାନିତ ହେବେ । ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି । ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇବେ । କିନ୍ତୁ ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରସା କରି କୌଣସି କାମ କରିପାରିବେ ନାହିଁ ।

**ବୃଷ**
ବୁଧ ଓ ଶୁକ୍ରଙ୍କ ସଂଯୋଗରୁ ଯାହା ପାଇଁ ବହୁତ ମେହେନତ କରିଥିଲେ ସେ ହିଁ ଶତ୍ରୁତା କରିବ । କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ । ପାରିବାରିକ ଶୃଙ୍ଖଳା ରକ୍ଷାରେ ପଡ଼ୋଶୀ ସହାୟତା ଆଶା କରି ପାରନ୍ତି । କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ ।

**ମିଥୁନ**
ଧନାଧିପଙ୍କ ତୃତୀୟସ୍ଥିତି ଜନିତ ସ୍ୱାର୍ଥସାଧନ ଆଶାରେ ବନ୍ଧୁ ସମସ୍ୟା ସୃଷ୍ଟି କରି ଅପଦସ୍ଥ ହେବେ । ପରିବାର ଭିତରେ ପୁରୁଣା କଥାର ଆଲୋଚନାହିଁ କଳହର କାରଣ ହୋଇପାରେ । ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିପାରେ । ଧାତୁ ଅଳଙ୍କାରାଦି କ୍ରୟ, ବିକ୍ରୟ ପାଇଁ ଦିନଟି ଭଲ ବହୁତ ଭଲ ।

**କର୍କଟ**
ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ହେତୁ ବ୍ୟସ୍ତ ବିବ୍ରତ ହେବା ଦ୍ୱାରା ନିଜେ ହିଁ କଷ୍ଟ ପାଇପାରନ୍ତି । ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ସାହାଯ୍ୟ କରିବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟଥିତ ହୋଇପାରନ୍ତି । ଇଚ୍ଛା ନ ଥିବା ଜିନିଷ କିଣିବାକୁ ବାଧ ହେବେ ।

**ସିଂହ**
ପାରିବାରିକ ସମସ୍ୟା ବଢ଼ିଯିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧିପାଇବ । ପଞ୍ଚମସ୍ଥ ଶୁକ୍ର ଓ ବୁଧ ହେତୁ ପ୍ରିୟ ବନ୍ଧୁଙ୍କ ସାକ୍ଷାତରୁ କିଛି ପରିମାଣରେ ଉପକୃତ ହୋଇପାରନ୍ତି । ଆଜି ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ ।

**କନ୍ୟା**
କାମ ବହୁତ ବିଳମ୍ବରେ ସମ୍ପନ୍ନ ହେବାରୁ ନିଜକୁ ଦୋଷୀ ମନେ କରିବେ । କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନାକରି ଶେଷରେ ନିରାଶ ହେବାକୁ ପଡ଼ିପାରେ । ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ । ବୃହସ୍ପତିଙ୍କ ସୁପ୍ରଭାବରୁ ବ୍ୟବସାୟ, ପରିବହନ, ମାଲିମକଦ୍ଦମାରେ ଉନ୍ନତି କରିବେ ।

**ତୁଳା**
ପାପଗ୍ରହମଧ୍ୟେ ଚନ୍ଦ୍ର ପ୍ରଭାବଜନିତ କାମ ହାସଲ ସହଜସାଧ ହୋଇ ନ ପାରେ । କେତେକ ଦୀର୍ଘମିଆଦୀ ଯାଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ । ଯେତେ ଭଲ କାମ କଲେ ସୁଦ୍ଧା ସେମାନେ ଅନ୍ୟର କାନକୁହା କଥା ଶୁଣି ଭୁଲ୍ ବୁଝି ଭଲ ପାଇବେ ନାହିଁ । ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ ।

**ବିଛା**
କର୍ମାଧିପ ରାଶିସ୍ଥ ଯୋଗୁ ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି । ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ । ବିଶ୍ୱାସର ସହ କାମ କରି ଚାଲନ୍ତୁ ବନ୍ଧୁଙ୍କର ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଚିନ୍ତା କରିବାକୁ ପଡ଼ିବ ।

**ଧନୁ**
ସ୍ୱରାଶିରେ ବୁଧ ଥିବାରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ । ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି । କ୍ରନିକ୍ ରୋଗୀ ସକାଶେ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ । ଆଗାମୀ ମାଙ୍ଗଳିକ କାମର ପ୍ରସ୍ତୁତି କରି ବିଚଳିତବୋଧ କରିପାରନ୍ତି ।

**ମକର**
ଆଜି ଘରୋଇ କଳହରୁ ମଧ୍ୟ ରକ୍ଷା ପାଇବା ସହ ସମସ୍ୟା ସମାଧାନ ହୋଇପାରିବ । ସାୟାହ୍ନରେ ପ୍ରିୟ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ । ଶ୍ରବଣା ନକ୍ଷତ୍ରର ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ ।

**କୁମ୍ଭ**
ସହନଶୀଳତା ଗୁଣରୁ ପ୍ରଶଂସିତ ହେବା ସାଙ୍ଗକୁ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ । ପାପଗ୍ରହମଧ୍ୟ ଗୁରୁଜନିତ କେତେକ କ୍ଷେତ୍ରରେ ନୀରବ ରହିବାକୁ ଶ୍ରେୟ ମନେ କରିପାରନ୍ତି । ଦିନଭିତରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ । ଶତ୍ରୁତା ସୃଷ୍ଟି ହେବା ଭଳି କୌଣସି କାମ କଲେ ଅପଦସ୍ଥ ହେବେ ।

**ମୀନ**
ମୁଖଭାବସ୍ଥ ରାହୁ ହେତୁ ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ସକାଶେ ବାଧ ହୋଇପାରନ୍ତି । ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିବା ଦ୍ୱାରା ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ । ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ପ୍ରଯତ୍ନ କରିବା ଭଲ ହେବ । ବନ୍ଧୁମିଳନରୁ ସାମୟିକ ଭାବରେ ଦୁଃଖ କେତେକାଂଶରେ ଭୁଲିଯିବେ ।

ଆଜି ଡିସେମ୍ବର ୧୭ ତାରିଖ, ପୌଷକୃଷ୍ଣ ନବମୀ, ଶନିବାର, ରାଶି ନକ୍ଷତ୍ର-ଦିବା, ଘ.୦୯।୧୬ମି ଗତେ, ହସ୍ତା/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୪ ଗତେ ଘ.୦୯।୦୦ ମଧ୍ୟେ, ଘ.୧୨।୦୪ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୯।୦୦ ଗତେ ଘ.୧୦।୨୧ ମଧ୍ୟେ ରାହୁ କାଳ ।

# ଟିଟାନସ୍ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ

**ନୀଳଗିରି, ୧୬।୧୨(ସ୍ୱ.ପ୍ର.)**

## ନୀଳଗିରି ମେଡିକାଲରେ ଉତ୍ତେଜନା



ବିଭିନ୍ନ ସମୟରେ ଚିକିତ୍ସାରେ ଅବହେଳା ଲାଗି ବିବାଦରେ ରହିଆସିଥିବା ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପୁଣି ଚର୍ଚ୍ଚାକୁ ଆସିଛି। ହାତ କଟିଯାଇଥିବା ଜଣେ ନାବାଳକଙ୍କୁ ଟିଟାନସ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯିବାକୁ ନେଇ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଥିଲା। ସେଠାରେ ଉପସ୍ଥିତ ଶିଶୁ ବିଶେଷଜ୍ଞ କୁକୁର କାମୁଡ଼ା ଇଞ୍ଜେକ୍ସନ କିଛି ଖରାପ କରିବ ନାହିଁ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ନାବାଳକଙ୍କ ପରିବାର ଲୋକେ ଉକ୍ତ ଫାର୍ମାସିଷ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଉପଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ବାଲେଶ୍ୱର ଜିଲା ନୀଳଗିରିଥାନା ଅଧୀନ ବାଉଁଶବଣିଆ ପଞ୍ଚାୟତ ଛୋଟକାନପୁର ଗ୍ରାମର ଗଣେଶ୍ୱର ସେଠୀଙ୍କ ୧୨ବର୍ଷର ପୁଅଙ୍କ ଗୁରୁବାର ରାତିରେ ହାତ କଟିଯାଇଥିଲା। ଶୁକ୍ରବାର ସକାଳେ ଗଣେଶ୍ୱର ନୀଳଗିରି ଉପଖଣ୍ଡ ହସ୍ପିଟାଲକୁ ଆସି ଟିକେଟ କାଟି ପୁଅଙ୍କୁ ଡାକ୍ତରଙ୍କୁ ଦେଖାଇଥିଲେ। ହେଲେ ଫାର୍ମାସିଷ୍ଟ ଜଣଙ୍କ ଟିଟାନସ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଥିଲେ। ପରେ ଫାର୍ମାସିଷ୍ଟ ଆହୁରି ଦୁଇଟି ଇଞ୍ଜେକ୍ସନ ଦେବାର ଅଛି ବୋଲି କହିବାରୁ ଗଣେଶ୍ୱରଙ୍କ ସନ୍ଦେହ ହୋଇଥିଲା। ସେ ପଚାରିବାରୁ ପୁଅ ନେଇଥିବା ଇଞ୍ଜେକ୍ସନ କୁକୁର କାମୁଡ଼ା ପାଇଁ ବୋଲି ଜାଣିବାକୁ ପାଇଥିଲେ। ଟିଟାନସ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେବାକୁ ନେଇ ମେଡିକାଲର କିଛି ସ୍ୱାସ୍ଥ୍ୟ କର୍ମଚାରୀ ନିଜର ଭୁଲ ବୁଝି ତାଙ୍କଠାରୁ ପୁରୁଣା ପ୍ରେସ୍‌କ୍ରିପସନ ଛଡାଇ ନେଇ ନୂଆ ପ୍ରେସ୍‌କ୍ରିପ୍‌ସନ ଧରାଇ ଦେଇଥିଲେ। ଏହି ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

# ଡିଏଲ୍ ପାଇଁ ଅନ୍‌ଲାଇନରେ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ଲର୍ନିଂ ଲାଇସେନ୍ସ (ଏଲ୍‌ଏଲ୍) ଏବଂ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ପାଇଁ ପରିବହନ ବିଭାଗ ଆଧାର ଇଣ୍ଟିଗ୍ରେଟେଡ୍ ଫେସ୍‌ଲେସ୍ ସେବା ଆରମ୍ଭ କରିବାକୁ ଯାଉଛି। ଏହି ବ୍ୟବସ୍ଥା ମାଧ୍ୟମରେ ଅନ୍‌ଲାଇନ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବ। ସେହିଭଳି ଆଗାମୀ ଦିନରେ ଆରଟିଓ ସମ୍ପର୍କିତ ମେଡିକାଲ ସାର୍ଟିଫିକେଟର ଅନ୍‌ଲାଇନ ଜେନେରେଟ୍‌କୁ ମଧ୍ୟ ବାଧ୍ୟତାମୂଳକ କରାଯିବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା କିମ୍ବା ମୋଟର ଯାନ ଅଧିନିୟମ ଅନୁଯାୟୀ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପାଇଁ ଯାଉଥିବା ୪୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ମେଡିକାଲ ସାର୍ଟିଫିକେଟ ବାଧ୍ୟତାମୂଳକ। ଡ୍ରାଇଭିଂ ଲାଇସେନ୍ସ କିମ୍ବା ଏହାର ନବୀକରଣ ପାଇଁ ଆବେଦନ କରୁଥିବା ବ୍ୟକ୍ତି ଡାକ୍ତରୀ ପ୍ରମାଣପତ୍ରକୁ ମାନୁଆଲ କରିବା ପରିବର୍ତ୍ତେ ୧(ଏ) ଫର୍ମରେ ଉପସ୍ଥାପନ କରିପାରିବେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜନଗହଳି ହ୍ରାସ କରିବାକୁ ଓଡ଼ିଶା ସରକାରଙ୍କ ୫-ଟି ନୀତି ଅନୁଯାୟୀ ଇଲେକ୍ଟ୍ରୋନିକ୍ ଭାବରେ ଫର୍ମ ୧(ଏ)ରେ ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସାରଥି ପୋର୍ଟାଲରେ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି। ଉକ୍ତ ପୋର୍ଟାଲରେ ପଞ୍ଜୀକୃତ ଡାକ୍ତରମାନେ ମେଡିକାଲ ସାର୍ଟିଫିକେଟ ସିଧାସଳଖ ଦେଇପାରିବେ। ଏମ୍‌ବିବିଏସ୍ ଡିଗ୍ରୀ କିମ୍ବା ତଦୂର୍ଦ୍ଧ୍ୱ ଥିବା କୌଣସି ଡାକ୍ତର ପୋର୍ଟାଲରେ ପଞ୍ଜୀକରଣ କରିପାରିବେ। ଡାକ୍ତରଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣା କରାଯାଇଛି। ଏହାଦ୍ୱାରା କେହି ନକଲି ଡାକ୍ତରୀ ପ୍ରମାଣପତ୍ର ଅପ୍‌ଲୋଡ୍ କରିପାରିବେ ନାହିଁ। ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ପୋର୍ଟାଲ ଉନ୍ମୋଚିତ ହୋଇଛି। ଲାଇସେନ୍ସ ଆବେଦନକାରୀ ବିନା ଅସୁବିଧାରେ ସିଧାସଳଖ ଡାକ୍ତରୀ ପ୍ରମାଣପତ୍ର ପାଇପାରିବେ। ଯେଉଁ ଡାକ୍ତରମାନେ ସ୍ୱେଚ୍ଛାକୃତ ଭାବେ ପୋର୍ଟାଲ ମାଧ୍ୟମରେ ମେଡିକାଲ ସାର୍ଟିଫିକେଟ୍ ଦେବାକୁ ଚାହିଁବେ ସେମାନଙ୍କୁ ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରାଯିବ। ସେମାନଙ୍କୁ ସାରଥି ପୋର୍ଟାଲରେ ଆବେଦନକାରୀଙ୍କ ପ୍ରମାଣପତ୍ର ଇଲେକ୍ଟ୍ରୋନିକାଲ ଅପ୍‌ଲୋଡ କରିବାକୁ ପଡ଼ିବ।

# କଟକ-ପାରାଦୀପ: ୮ ଟ୍ରେନ୍ ଡିସେମ୍ବର ୧୭ରୁ ୨୬ ବାତିଲ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ପାରାଦୀପ ରେଳ ଷ୍ଟେଶନରେ ନିରାପତ୍ତା ସମ୍ପର୍କିତ କାର୍ଯ୍ୟ ଯୋଗୁ କଟକ-ପାରାଦୀପ ରେଳଷ୍ଟେଶନରେ ଡିସେମ୍ବର ୧୭ରୁ ୨୬ ତାରିଖ ଯାଏ ୮ଟି ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଆସନ୍ତା ୧୮ ଏବଂ ୨୫ ତାରିଖରେ ବିଶାଖାପାଟଣାରୁ ଛାଡ଼ିବାକୁ ଥିବା ୨୨୮୧୦ ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ ଏବଂ ଆସନ୍ତା ୧୯ ଓ ୨୬ ତାରିଖରେ ପାରାଦୀପରୁ ଛାଡ଼ିବାକୁ ଥିବା ୨୨୮୦୯ ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ହେବ। ସେହିପରି ଉଭୟ ପାର୍ଶ୍ୱରୁ ଆସନ୍ତା ୧୭ରୁ ୨୬ ତାରିଖ ମଧ୍ୟରେ ୧୮୪୧୪/୧୮୪୧୩ ପୁରୀ-ପାରାଦୀପ-ପୁରୀ ଏକ୍ସପ୍ରେସ, ୦୮୪୪୫/୦୮୪୪୬ କଟକ-ପାରାଦୀପ-କଟକ ମେମୁ ଏବଂ ୦୮୪୦୭/୦୮୪୦୮ କଟକ-ପାରାଦୀପ-କଟକ ପାସେଞ୍ଜର ସ୍ପେଶାଲ ଟ୍ରେନ୍ ବାତିଲ ହେବ।

# ପାରାଦୀପ-ହରିଦାସପୁର ରେଳଲାଇନରେ ଯାତ୍ରୀବାହୀ ଟ୍ରେନ୍ ଚଳାଇବାକୁ ଦାବି



## ରେଳ ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଦଳ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ପାରାଦୀପ-ହରିଦାସପୁର ରେଳଲାଇନରେ ପାସେଞ୍ଜର ଟ୍ରେନ୍ ଚଳାଇବାକୁ ବିଜେଡି ଦାବି କରିଛି। ଏ ନେଇ ଶୁକ୍ରବାର ବିଜୁ ଜନତା ସଂସଦୀୟ ଦଳର ଏକ ପ୍ରତିନିଧିମଣ୍ଡଳୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି। ସ୍ମାରକପତ୍ରରେ କୁହାଯାଇଛି ଯେ ଗତ ୭୫ ବର୍ଷ ହେବ ରେଳ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରାଯାଇ ଆସିଛି। କେନ୍ଦ୍ରରେ ଥିବା ସରକାରମାନେ ରେଳ ସଂଯୋଗ ନେଇ ଉପଯୁକ୍ତ ଧ୍ୟାନ ଦେଇନାହାନ୍ତି। ଓଡ଼ିଶାରେ ହେଉଥିବା ବିଭିନ୍ନ ରେଳ ପ୍ରକଳ୍ପ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ୫୦ ପ୍ରତିଶତ ମୂଲ୍ୟ ସହ ମାଗଣାରେ ଜମି ଯୋଗାଇ ଦେଇଛନ୍ତି। ପାରାଦୀପ-ହରିଦାସପୁର ରେଳଲାଇନ ମାଲ ପରିବହନ ପାଇଁ ଖୋଲାଯାଇଛି। ଏ ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାତ୍ରୀ ପରିବହନ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଏହି ରେଳଲାଇନ କେନ୍ଦ୍ରାପଡ଼ାକୁ ସଂଯୋଗ କରୁଛି। ଏଥିରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ହେଲେ କେନ୍ଦ୍ରାପଡ଼ା ଲୋକମାନେ ଉପକୃତ ହେବେ। ସ୍ୱାଧୀନତାର ୭୫ ବର୍ଷରେ ଏହି ରୁଟ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବାକୁ ସଂସଦୀୟ ଦଳ ଦାବି କରିଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ସୁଲତା ଦେଓ, ମମତା ମହାନ୍ତ, ସୁଜିତ କୁମାର, ଅରୂପ ପଟ୍ଟନାୟକ, ନିରଞ୍ଜନ ବିଶି ପ୍ରମୁଖ ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ଉଷା ପାଢ଼ୀଙ୍କୁ ଦକ୍ଷତା ବିକାଶ ସହ ବାଣିଜ୍ୟ ଓ ପରିବହନ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ଉଷା ପାଢ଼ୀଙ୍କୁ ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଆସନ୍ତା ବର୍ଷ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ରାଉରକେଲାକୁ ବିମାନ ସେବା ଆରମ୍ଭ ହେବ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସରକାର ଉଷାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କଠାରୁ ଅତିରିକ୍ତ ଦାୟିତ୍ୱ କାଢ଼ି ନିଆଯାଇଛି। ହେମନ୍ତ ଶର୍ମାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବରୁ ଅବ୍ୟାହତି ଦିଆଯାଇଛି। ତେବେ ଇପିକଲ୍ ଓ ଇଡ୍‌କୋ ଅଧ୍ୟକ୍ଷ ଭାବେ ସେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବିଷ୍ଣୁପଦ ସେଠୀଙ୍କଠାରୁ ବାଣିଜ୍ୟ ଓ ପରିବହନ ବିଭାଗ ଦାୟିତ୍ୱକୁ କାଢ଼ି ନିଆଯାଇଛି।

# ଅନୁଭବଙ୍କ ବରବେଶ ଫଟୋକୁ ନେଇ ଚର୍ଚ୍ଚା

- ସୋସିଆଲ ମିଡିଆରେ ଭାଇରାଲ
- 'ଲଭ୍ ଇନ୍ ଲଣ୍ଡନ' ସିନେମାର ଏକ ଦୃଶ୍ୟ

**ବାରିପଦା ଅଫିସ, ୧୬।୧୨**



ଭାଇରାଲ ହୋଇଥିବା ଅନୁଭବଙ୍କ ବରବେଶ ଫଟୋ।

ଓଡ଼ିଆ ସିନେ ତାରକା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ଏକ ବରବେଶ ଫଟୋ ଓ ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହା ରିଲ୍ ନା ରିୟଲ ତାହାକୁ ନେଇ ଅନୁଭବ ଓ ବର୍ଷା ପ୍ରିୟଦର୍ଶିନୀଙ୍କ ଶୁଭେଚ୍ଛୁମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ଧରି ବର୍ଷା-ଅନୁଭବ ବିବାଦ ଲାଗି ରହିଥିବା ବେଳେ ଏଭଳି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ତେବେ ଏହି ଫଟୋ ଓ ଭିଡିଓ ଓଡ଼ିଆ ଫିଲ୍ମ 'ଲଭ୍ ଇନ୍ ଲଣ୍ଡନ'ର ଦୃଶ୍ୟ। ଏହି ସିନେମାର ଏକ ଗୀତର କିଛି ଅଂଶ ସୁଟିଂ ବାରିପଦାରେ ଚାଲିଥିଲା। ବିବାହ ମଣ୍ଡପରେ ବାହାଘରର ସାଜସଜ୍ଜା ହୋଇଥିବା ବେଳେ ବନ୍ଧୁବାନ୍ଧବଙ୍କ ଗହଳି ଲାଗି ରହିଥିଲା। ସୁନ୍ଦର ସାଜସଜ୍ଜା ସହ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏହାର ସୁଟିଂ କରାଯାଇଛି। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମୟୂରଭଞ୍ଜ ଜିଲା ଖୁଣ୍ଟା ଅଞ୍ଚଳର ତାପସ ସରଘରିଆ। କଳାର ସହର ବାରିପଦା ସ୍ଥିତ ରଘୁନାଥପୁର ଅଞ୍ଚଳରେ ଥିବା ସୁଭଦ୍ରା ବିବାହ ମଣ୍ଡପରେ ଏହି ଗୀତର ସୁଟିଂ କରାଯାଇଛି। ମୁଖ୍ୟ ଅଭିନେତା ଅନୁଭବ ମହାନ୍ତି, ନବାଗତା ଅଭିନେତ୍ରୀ ସୌମ୍ୟା, ପୁଷ୍ପା ପଣ୍ଡା ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ସୁଟିଂ ସେଟ୍‌ରେ ଫିଲ୍ମ ପ୍ରଯୋଜକ ଶୁଭେନ୍ଦୁ ସାହୁ, ସଞ୍ଜୀବ ଦ୍ୱିବେଦୀଙ୍କ ସହ ମୟୂରଭଞ୍ଜର ଅନେକ କଳାକାର ଓ ଟେକ୍ନିସିଆନ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW**
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଭୁବନେଶ୍ୱର ଅଫିସ୍ ପାଇଁ
**ଷ୍ଟାଫ୍ ଆବଶ୍ୟକ**
Graphic Designer - Business Executives
Office Assistant - Office Boy
Only interested candidates may apply
jobs2023bbsr@gmail.com
8249416516 (Whatsapp)

See Career Appointment on every Wednesday & Saturday

**ଆବଶ୍ୟକ**
ସୁପରଭାଇଜର - ୧ଗୋଟି: 12th ପାସ୍ / ITI Fitter / ଡିପ୍ଲୋମା। ଦରମା: 9,000.00.
ସେଲ୍ସ ଏକ୍‌ଜିକ୍ୟୁଟିଭ୍ - ୧ଗୋଟି: 12th ପାସ୍ ଓ ଏହାଠାରୁ ଅଧିକ। ଦରମା: 11,000.00.
ଟେକ୍ନିସିଆନ - ୭ଗୋଟି: ମାଟ୍ରିକ୍ ଫେଲ୍। ଦରମା: 8,000.00.
SAI KRUPA ENTERPRISERS
Plot No.: 2946/7055, Pandra, Rasulgarh, Bhubaneswar, Khordha, Odisha - 751010
Mob.: +91-7978571927 / 7013059010

**WANTED**
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead market related needs of the company - Distributor and Agents.
- Competitive tracking and analysis to identify and pursue sales targets.
- Achieve sales targets to drive circulation.

Requirements:-
- 3 years frontline sales experience in print media.

Apply immediately to : recruitment@dharitri.com
Attractive salary commensurate with experience

**SHIVGAN INFRASTRUCTURE PRIVATE LIMITED**
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
- 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
- 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)

Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

**ପୂର୍ବ ତଟ ରେଳପଥ**
**ଇ-ନିଲାମ ବିଜ୍ଞପ୍ତି**
ପରିସମ୍ପତ୍ତି ବିବରଣୀ : 05 (ପାଞ୍ଚ) ବର୍ଷ ନିମନ୍ତେ ଟିଟିଲାଗଡ଼ 'B'ବର୍ଗ (TIG) / ପ୍ଲାଟଫର୍ମ-02/03 ରେଳ ଷ୍ଟେସନ ଠାରେ ଫଳ ଦୋକାନ (Fruit Stall) (ସ୍ପେଶାଲ ମାଇନର ୟୁନିଟ୍-BPL)ର ବ୍ୟବସ୍ଥା। ଷ୍ଟେସନ: ଟିଟିଲାଗଡ଼/ପ୍ଲାଟଫର୍ମ-02/03 (TIG)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.26.12.2022ରିଖ 1200ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.26.12.2022ରିଖ 1230ଘଟିକା
ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ : https://www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର
PR-815/N/22-23

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath, Bhubaneswar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/22-23/014
TP Central Odisha Distribution Limited invites open tender from eligible Bidders for the following:

| SL. No. | Tender Description | Tender Enquiry No | Tender Fee inclusive of GST (Rs.) * | EMD (Rs. Lakh)** | Last date and time of payment of Tender Fee |
|---|---|---|---|---|---|
| 1 | Supply & Installation of Furniture items at Fuse call center across TPCODL. | TPCODL/ P&S/ 1000000322/ 22-23 | 5,000/- | 0.50 | 23/12/2022, 17.00 Hrs. |
| 2 | Supply & Installation of Glow Sign Board with vinyl print & sun Board with vinyl Print at Fuse call center across TPCODL. | TPCODL/ P&S/ 1000000323/ 22-23 | 5,000/- | 0.50 | 23/12/2022, 17.00 Hrs. |
| 3 | Supply of Common Meter Reading Instrument with LPR | TPCODL/ P&S/ 1000000325/ 22-23 | 5,000/- | 0.50 | 23/12/2022, 17.00 Hrs. |
| 4 | CCTV Security Solution Implementation and Maintenance AT TPCODL,ODISHA | TPCODL/ P&S/ 1000000326/ 22-23 | 5,000/- | 0.50 | 23/12/2022, 17.00 Hrs. |
| 5 | SITC of 2No's UR+6 (D type Tower on both side of Daya river near Balakati Area | TPCODL/P&S/ 1000000324/2022-23 | 5,000/- | 1.00 | 23/12/2022, 17.00 Hrs |
| 6 | Hiring of Trainers for skill Development Centre(SDC) Tender shall be available on 20-12-22 | TPCODL/P&S/ 1000000327/2022-23 | 5,000/- | 0.50 | 28/12/2022, 17.00 Hrs |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website

**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No.: 0676-2226717, e-mail Id: dfo.dhenkanal@odisha.gov.in
**SHORT TENDER NOTICE**
Tender No. 13/2022-23 Date: 16.12.2022
No. MM-347: Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Dealer/Supplier having valid GSTIN and PAN Registration No. for supply of Tent house materials, material which includes Table, Chair, Utensil, Tent, Sound System etc. under EPA in various village in Dhenkanal Division during the year 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs.1,000/- (One thousand) only in cash or account payee Bank Draft in favour of Divisional Forest Officer, Dhenkanal Division during office hours from 17.12.2022 to 26.12.2022. The tender paper can be submitted at the above mentioned address on or before 26th December, 2022 latest by 5.30 P.M. by Speed Post/Registered Post/ by Hand only. The tender will be opened in the office of the undersigned on 27th December, 2022 at 11.00 A.M.
Sd./- Divisional Forest Officer
Dhenkanal Division
OIPR-08037/11/0031/2223

**OFFICE OF THE SUPERINTENDING ENGINEER P.H. DIVISION, BHANJANAGAR, AT: CHATRAPUR**
Phone: 06811 263909 / E-mail: eephchpr@gmail.com
No. C-1957 **CANCELLATION OF TENDER**
Bid Identification No. 37/03/SPH(C)/2022-23 Dt.24.11.2022

| Sl. No. | Name of the Work |
|---|---|
| 1 | Construction of 2.0 lakh ltr. capacity RCC UGR for water supply to Padasahi and Dugudi of G.Udayagiri NAC under 15th CFC grant. |
| 2 | Construction of 2.0 lakh ltr. capacity RCC UGR for water supply to Kanbageri area Ward No.12 & 13 of G.Udayagiri NAC under 15th CFC grant. |
| 3 | Supplying, testing and commissioning of pump sets at Pada Sahi and Kanbageri UGR in G.Udayagiri NAC under 15th CFC grant. |
| 4 | Laying of 100mm dia DI K-7 Pipe line for improvement of water supply to Sankhasahi, Champasahi etc. in G.Udayagiri NAC under 15th CFC grant. |
| 5 | Improvement of water supply to Srirampada and Anwesha SC & ST Hostel area in G.Udayagiri NAC under 15th CFC grant. |
| 6 | Construction of road side drinking water public tap point in G.Udayagiri NAC under 15th CFC grant. |

The tender invited by this office for the above works vide Bid Identification No. 37/03/SPH(C)/2022-23 Dt.24.11.2022 is hereby cancelled due to some Technical Problems.
Sd./- Superintending Engineer
P.H. Division, Bhanjanagar at Chatrapur
OIPR-13172/11/0008/2223

**OFFICE OF THE EXECUTIVE ENGINEER P.H. DIVISION, KORAPUT**
Tel/Fax: 06852-250740, e-mail: eephkrp@gmail.com
No.C-1958 **GOVERNMENT OF ODISHA**
**"e" Procurement Notice**
**e-Procurement Notice for 2022-23**
Bid Identification No. EE, P.H.KPT - 17 of 2022-23 Dt.12.12.2022
Name of work : Procurement of DI Pipes
Total No. of works : 1 (One Work)
Estimated Cost : Rs.24.61 lakh (Approx.)
Class of Contractor : Manufacturer
Period of Completion : 60 days

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Koraput | EE. P.H. KPT-17 of 2022-23 Dt.12.12.2022 | 1 (One) | 11.00 A.M. 20.12.2022 | 05.00 P.M. 30.12.2022 | 11.00 A.M. 31.12.2022 |

Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Chiranjibi Mahali)
Executive Engineer,
P.H. Division, Koraput
OIPR-13008/11/0025/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR**
Mail id: seccbbsr@gmail.com
**E-Procurement Tender Call Notice No. 09 of 2022-23**
No. 3547 (Estg.) Bhubaneswar the 7th December 2022
No. B-984: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for Three number of Road works and Two number Composite Building works to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from **5.00 P.M. of 19.12.2022 to 5.00 P.M. of 28.12.2022**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 29.12.2022 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.
Sd./- Er. T.K. Panda
Chief Construction Engineer
OIPR-34156/11/0010/2223 Central (R&B) Circle, Bhubaneswar

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀଙ୍କ ବିୟୋଗ

ଟିଟିଲାଗଡ(ଡି.ଏନ.ଏ.): ଟିଟିଲାଗଡ ବ୍ଲକ ଖୋଲାନସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ପରଲୋକ ଘଟିଛି। ମୃତ ଛାତ୍ରୀ ହେଲେ ଡଲି ଜାଲ (୧୨ )। ସେ ଉକ୍ତ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଥିଲେ। ସେଠାରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଶୁକ୍ରବାର ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଛାତ୍ରୀ ଜଣଙ୍କ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିନେକେଲା ପଞ୍ଚାୟତ ସାଲେଡିଗ୍ରୀ ଗ୍ରାମର ।

## ସଂକ୍ଷେପରେ

### ବନ୍ଦ ପାଳନ ପାଇଁ ଜିଲାପାଳଙ୍କୁ ଫେରାଦ

**ଲୋଇସିଂହାକୁ ଏନ୍ଏସି ମାନ୍ୟତା ପ୍ରସଙ୍ଗ**

**ଲୋଇସିଂହା,୧୬ା୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍ଏସି ମାନ୍ୟତା ପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଆସନ୍ତା ୨୧ ତାରିଖରେ ଲୋଇସିଂହା ବନ୍ଦ ଡାକରା ଦିଆଯାଇଛି। ଶୁକ୍ରବାର ଆଞ୍ଚଳିକ ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସେହିଦିନ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଲୋଇସିଂହା ଓ ବୁର୍ଡା ଅଞ୍ଚଳରେ ଥିବା ସ୍କୁଲ ଓ କଲେଜକୁ ବାଦ ଦେଇ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଲୋଇସିଂହାକୁ ଏନ୍ଏସି ମାନ୍ୟତା ପାଇଁ ଆଞ୍ଚଳିକ ବିକାଶ ପରିଷଦ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ଜିଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି । ଦାବି ହାସଲ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ଗତବର୍ଷ ବ୍ଲକ କାର୍ଯ୍ୟାଳୟ ଆଗରେ ଆଞ୍ଚଳିକ ବିକାଶ ପରିଷଦ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୀର୍ଘଦିନ ଧରି ଧାରଣା ଦିଆଯାଇଥିଲା । ହେଲେ ଦାବି ପୂରଣ ପାଇଁ ଦିନ ଗଡି ଚାଲିଛି। ଏହାକୁ ନେଇ ଆଞ୍ଚଳିକ ବିକାଶ ପରିଷଦ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଶୀଘ୍ର ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଗତ ବୁଧବାର ଲୋଇସିଂହା ଷ୍ଟାଡିୟମଠାରେ ଏକ ଜରୁରୀ ବୈଠକ ହୋଇଥିଲା । ଏଥିରେ ବିଭିନ୍ନ ରାଜନୈତିକ, ସାମାଜିକ ଆନୁଷ୍ଠାନ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ସର୍ବସମ୍ମତି କ୍ରମେ ଆସନ୍ତା ୨୧ ତାରିଖରେ ପ୍ରସ୍ତାବିତ ଏନ୍ଏସି ଅଧୀନ ଗ୍ରାମବାସୀଙ୍କୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି ।

### ଗାଈ, ବାଛୁରୀଙ୍କୁ ବ୍ୟାପୁଛି ଚର୍ମବିଣ୍ଡି ରୋଗ



**ପଲମ,୧୬ା୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଗ୍ରାମରେ ଏବେ ଗାଈ, ବାଛୁରୀଙ୍କୁ ଚର୍ମବିଣ୍ଡି ରୋଗ ବ୍ୟାପୁଥିବା ଦେଖିବାକୁ ମିଳୁଛି। ଏହି ରୋଗ ରୁପ୍ରା ସମେତ ନିଶାନପୁର ଅଞ୍ଚଳରେ ମଧ ଦେଖିବାକୁ ମିଳୁଛି। ସଂକ୍ରାମକ ରୋଗ ବଢିବାରେ ଲାଗିଥିବାରୁ ଗାଈଗୋରୁ ବହୁ କଷ୍ଟ ପାଉଛନ୍ତି। ରୁପ୍ରା ପଞ୍ଚାୟତରେ ପ୍ରାଣୀଧନ ଚିକିତ୍ସକ ନ ଥିବାରୁ ମୁସ୍କୁଟି ପଞ୍ଚାୟତ ପ୍ରାଣିଧନ ଚିକିତ୍ସକ ପ୍ରଶାନ୍ତ ସୁନା ଚିକିତ୍ସା କରୁଥିଲେ ମଧ ଉପଯୁକ୍ତ ଚିକିତ୍ସା ପାଉ ନ ଥିବାରୁ ଗାଈବାଛୁରୀ ଅନେକ କଷ୍ଟ ପାଉଛନ୍ତି। ଏହି ବାବଦ ନେଇ ରୁପ୍ରା ଗ୍ରାମର ଅଜୟ ସେନାପତି, ଜନ୍ମେଜୟ ସେନାପତି, ଧନୟ ସେନାପତି, ହେମ ଗଉଡ, ବିନୋଦ ସାହୁ ପ୍ରମୁଖ ରୁପ୍ରାଠାରେ ପ୍ରାଣୀଧନ ଚିକିତ୍ସକ ତୁରନ୍ତ ନିଯୁକ୍ତି ଦିଆଯାଇ ଠିକ ଭାବେ ଚିକିତ୍ସା ଦେବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ନର୍ଲା ବିଭିଓ ବିଶ୍ୱରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ କି ନର୍ଲା ବ୍ଲକର ଗାଈଗୋରୁଙ୍କ ପାଇଁ ୨୦୦୦ ଭେକ୍ସିନ ଆସିଛି। ପ୍ରଥମ ପର୍ଯ୍ୟାୟରେ ସଂକ୍ରମିତ ରୁପ୍ରା ଓ ମୁସ୍କୁଟି ଗ୍ରାମ ପାଇଁ ୭୦୦, ନର୍ଲା ୫୦୦ ଓ ନିଶାନପୁର ନିମନ୍ତେ ୫୦୦ ଗୋଇଗୋରୁଙ୍କୁ ଏହି ରୋଗର ଟୀକାକରଣ କରାଯିବ ବୋଲି ପ୍ରକାଶ କରିଥିଲେ।

### ଲଡୁଗାଁ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**କୋକସରା,୧୬ା୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ହାଇସ୍କୁଲରେ ଗୁରୁବାର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବନପାଳ ଲକ୍ଷ୍ମଣ ଶବର, ମୁଖ୍ୟବକ୍ତା ଭାବେ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, ସାମାଜିକ କର୍ମୀ କମଳ ଚରଣ ଅଗ୍ରୱାଲ, ସାମାଜିକ କର୍ମୀ ପଙ୍କଜମୁଖୀ ଚୌଧୁରୀ, କିଶୋର ଚନ୍ଦ୍ର ଦାସ, ସ୍କୁଲ ପରିଚାଳନା ସଦସ୍ୟ ଦଶରଥ ଦୁର୍ଗା, ବିନୋଦ ବାଗ ଯୋଗଦେଇଥିଲେ। ମଶାଲ ସ୍ୱାଗତ କରିବା ସହ କ୍ରୀଡା ଉତ୍ସବ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଛନ୍ତି। କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବର୍ଗର କ୍ରୀଡା ଅନୁଷ୍ଠିତ ହେବ। ଉତ୍ତୀର୍ଣ୍ଣ ଖେଳାଳିଙ୍କୁ ପରବର୍ତ୍ତୀ ସମୟରେ ବ୍ଲକ ଓ ଜିଲାସ୍ତରୀୟ କ୍ରୀଡା ଉତ୍ସବରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ଶିକ୍ଷକ ବୁଦ୍ଧିରାମ ନାଏକ ପରିଚାଳନା କରିଥିବା ବେଳେ ରେଣୁକା ସାହୁ ଧନ୍ୟବାଦ ଦେଇଥିଲେ।

# ନିର୍ଯ୍ୟାତିତ ୪ ଶ୍ରମିକ ପରିବାର ତେଲଙ୍ଗାନାରୁ ଉଦ୍ଧାର

**ଲାଠୋର,୧୬ା୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ମସିଣା ଏବଂ ଭରୁଆମୁଣ୍ଡା ଗ୍ରାମର ୪ ଦାଦନ ଶ୍ରମିକ ପରିବାରକୁ ଗୁରୁବାର ତେଲେଙ୍ଗାନାରୁ ଉଦ୍ଧାର କରାଯାଇଛି। ପ୍ରକାଶ ଯେ,ତେଲେଙ୍ଗାନା ରାଜ୍ୟର ଏକ ଇଟାଭାଟିରେ କାମ କରୁଥିବା ଏହି ଦାଦନ ପରିବାରଙ୍କୁ ନିର୍ଯାତନା ଦିଆଯିବା ସହ ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବା ନେଇ ମସିଣା ଗ୍ରାମର ନବିନ ବାରିକ ଏକ ଅଭିଯୋଗପତ୍ର ହ୍ୱାଟସ ଆପ୍ ଯୋଗେ ଗୁରବାର ଶ୍ରମ ବିଭାଗ, ବଲାଙ୍ଗୀର ଜିଲାପାଳ, ଜିଲା ଶ୍ରମ ଅଧିକାରୀ, ପାଟଣାଗଡ ଉପ-ଜିଲାପାଳଙ୍କ ନିକଟଙ୍କୁ ପଠାଇ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ନିବେଦନ କରିଥିଲେ। ଅଭିଯୋଗ ପରେ ସଂପୃକ୍ତ ଶ୍ରମିକମାନେ ଶ୍ରମ ବିଭାଗ ସହାୟତାରେ ସେଠାରୁ ଉଦ୍ଧାର ହୋଇ ସୁରକ୍ଷିତ ଭାବେ ଘରକୁ ଫେରୁଥିବା ବେଳେ ଜଣେ ଶ୍ରମିକ ନିଖୋଜ ରହିଥିବା ନେଇ ଅଭିଯୋଗକାରୀ ସୂଚନା ଦେଇଛନ୍ତି। ଲାଠୋର ଥାନା



ମସିଣା ଏବଂ ଭରୁଆମୁଣ୍ଡା ଗ୍ରାମର ଉଦ୍ଧାର ଦାଦନ ଶ୍ରମିକମାନେ।

ଅଧୀନ ଭୁରୁଆମୁଣ୍ଡା ଗ୍ରାମର ଜଣେ ଦାଦନ ଶ୍ରମିକ ସର୍ଦ୍ଦାର ଅଗ୍ରୀମ ଟଙ୍କା ଦେଇ ଜଗବନ୍ଧୁ ବାରିକ(୫୦), ଉଦୟ ବାରିକ(୪୦), ନାରଙ୍ଗି ମହାନନ୍ଦ(୪୫), ଉର୍ମିଳା ବାରିକ(୩୩), ବିଶ୍ୱନାଥ ମହାନନ୍ଦ (୩୩), ଗୀତା ମହାନନ୍ଦ(୩୦), ଯେହେରୁ ଆଡ଼ବଙ୍ଗ(୩୦), ସରସ୍ୱତୀ ଆଡ଼ବଙ୍ଗ(୨୭), ଆମ୍ବା ବାରିକ(୨୨), ରବି ବାରିକ(୧୯) ଏବଂ ୭ ଜଣ ନାବାଳିକା ନାବାଳକଙ୍କୁ ୨ ମାସ ତଳେ ତେଲେଙ୍ଗାନା ରାଜ୍ୟ ମଙ୍ଗଳାପେଲି ଅଞ୍ଚଳର ସାଇଗୁଡାଠାରେ ଥିବା ଏକ ଇଟା ଭାଟିକୁ କାମ କରିବା ପାଇଁ ନେଇଥିଲେ। ଶ୍ରମିକମାନଙ୍କୁ ସେଠାରେ ଦିନ ରାତି କାମରେ ଖଟାଯାଉଥିଲା। ଟିକିଏ ବିଶ୍ରାମ ନେଲେ ମାଲିକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରି ନିର୍ଯାତନା ଦେଉଥିଲେ। ଶ୍ରମିକମାନେ ମାଡ ଭୟରେ ଚୁପ ରହୁଥିଲେ। ଏପରି ସ୍ଥିତିରେ ରହିଥିବା ଶ୍ରମିକମାନଙ୍କ ମଧ୍ୟରୁ ଶ୍ରମିକ ବିଶ୍ୱନାଥ ମହାନନ୍ଦ ଗତ ୩ ତାରିଖଠାରୁ ନିଖୋଜ ରହିଛନ୍ତି। ସେ ନିଖୋଜ ହେଲା ପରେ ତାଙ୍କ ସ୍ତ୍ରୀଙ୍କୁ ମାଲିକ କୁଆଡ଼େ ଧମକ ଚମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶା ଯାଇଛି। ଅଭିଯୋଗପତ୍ର ପାଇ ଶ୍ରମ କମିଶନର ତେଲେଙ୍ଗାନା ରାଜ୍ୟ ଦାୟିତ୍ୱରେ ଥିବା ଯୋଗସୂତ୍ର ଅଧିକାରୀ ଟାମଡ଼ି ରମେଶଙ୍କୁ ଯୋଗାଯୋଗ କରି ତୁରନ୍ତ ସଂପୃକ୍ତ ଶ୍ରମିକ ମାନଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଅଧିକାରୀ ଜଣକ ଗୁରବାର ସମସ୍ତ ଶ୍ରମିକଙ୍କୁ ଇଟା ଭାଟିରୁ ଉଦ୍ଧାର କରି ବଲାଙ୍ଗୀର ଶ୍ରମ କାର୍ଯ୍ୟାଳୟକୁ ପଠାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଶ୍ରମିକମାନେ ବଲାଙ୍ଗୀରରେ ପହଞ୍ଚ ନ ଥିବା ନେଇ ଉଦ୍ଧାର ଶ୍ରମିକ ଉଦୟ ବାରିକ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାର ତଦନ୍ତ କରି ଏଥିରେ ଯେଉଁମାନଙ୍କର ସଂପୃକ୍ତି ରହିଛି ତାଙ୍କ ନାମରେ ମାମଲା ରୁଜୁ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି।

## ଶିକ୍ଷକ ଶିକ୍ଷା ତାଲିମକେନ୍ଦ୍ରରେ ସ୍ୱାଗତ ଉତ୍ସବ



ସ୍ୱାଗତ ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ର।

**ଦେଓଗାଁ,୧୬ା୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଜଗତ ବନ୍ଧୁ ବିଶ୍ୱଭାରତୀ ଶିକ୍ଷା ନିକେତନ ଶିକ୍ଷକ ଶିକ୍ଷା ତାଲିମ ମହାବିଦ୍ୟାଳୟଠାରେ ନୂତନବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ସୁଧାଂଶୁ ଭୂଷଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ସଂପାଦିକା ବିନୋଦିନୀ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ କନିଅରଲାଲ ସାମଲ, ଚେୟାରମ୍ୟାନ ହାଡୁ ପଧାନ, ଅଧ୍ୟାପକ ବୁଦ୍ଧଦେବ ସାମଲ, ଆଶୁତୋଷ ପାଢୀ ଯୋଗଦେଇ ଶୃଙ୍ଖଳିତ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଅଧ୍ୟାପକ ବିପ୍ଳେ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ଡ.ମେହେର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଲଟାପଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା



ବୈଠକରେ ତହସିଲଦାର ରାଜସ୍ୱ ଗ୍ରାମ ଘୋଷଣା କରୁଛନ୍ତି।

**କୋକସରା,୧୬ା୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଲଟାପଡା ଗ୍ରାମକୁ ଦୀର୍ଘବର୍ଷ ପରେ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଗ୍ରାମବାସୀ ଦୀର୍ଘ ବର୍ଷରୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଲଟାପଡା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ନିମନ୍ତେ ଯୋଗ୍ୟ ବିବେଚିତ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଲଟାପଡା ଗ୍ରାମବାସୀ ରାଜ୍ୟ ସରକାର ଓ ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଶୁକ୍ରବାର ଲଟାପଡା ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାର ଦେବବ୍ରତ କରାଟି, ରାଜସ୍ୱ ପରିଦର୍ଶକ ଅଜୟ ରାଜ ଶିଖା, ରାଜସ ନିରୀକ୍ଷିକା ଝାନ୍ସୀ ରାଣୀ ଦିଶାରୀ, ଅମିନ ସୁନିଲ କୁମାର ପଟ୍ଟନାୟକ ପ୍ରମୁଖ ବିଭାଗୀୟ କର୍ମଚାରୀଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ସଭା କରାଯାଇଛି। ପୂର୍ବତନ ସରପଞ୍ଚ ଯଦୁମଣି ହଂସଙ୍କ ସଭାପତିତ୍ୱରେ ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ, ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ଲଟାପଡା ୱାର୍ଡ଼ମେମ୍ବର ଯୁବରାଜ ରୋତି ତହସିଲଦାରଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ତହସିଲଦାର ଗ୍ରାମବାସୀଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଲଟାପଡାକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଥିବା ସୂଚନା ଦେବା ସହ ଆଗକୁ ରାଜସ୍ୱ ଗ୍ରାମ ପାଇଁ ରହିଥିବା ସମସ୍ତ ସୁବିଧା ଯୋଗାଇ ଦିଆଯିବା ବୋଲି କହିଛନ୍ତି। ବୈଠକରେ ଘନଶ୍ୟାମ ଘି, ପଙ୍କଜ ରୋତି, ପର୍ଶୁରାମ ରୋତି, ମଣିରାମ ରୋତି, ଲଳିତ ରୋତି, ରତନ ହଂସ, ଅନୁର ବିଶି ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୧୦୫ ଜଣଙ୍କୁ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ଟିଟିଲାଗଡ଼,୧୬ା୧୨(ନି.ପ୍ର.)**

ରାଜ୍ୟ ସରକାରଙ୍କ ବସ୍ତି ବାସିନ୍ଦା ତଥା ଜମିହୀନ ପରିବାରଙ୍କୁ ଥଇଥାନ ଯୋଜନାରେ ଶୁକ୍ରବାର ଟିଟିଲାଗଡ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ରାଜକନୱର ପାର୍କ ପରିସରରେ ଆୟୋଜିତ ଏକ ସଭାରେ ୧୦୫ ଜଣ ପରିବାରଙ୍କୁ ଜମି ପଟ୍ଟା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଆବଣ୍ଟନ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାର ପ୍ରତ୍ୟେକ ନାଗରିକଙ୍କ ଅଧିକାର ସୁରକ୍ଷିତ ରଖିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା କହିଥିଲେ। ସେହିପରି ଟିଟିଲାଗଡ ଅଞ୍ଚଳର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଅନେକ ଅନୁଦାନ ମଞ୍ଜୁର କରିଥିବା ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧ୍ୟକ୍ଷା ମମତା ଜୈନ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମନ୍ତ୍ରୀ ସାହୁ ତାଙ୍କ ଭାଷଣ ଛଳରେ ଭାଜପାର ପୌରାଧ୍ୟକ୍ଷା ଜୈନଙ୍କ ନାମ ଉଚ୍ଚାରଣ କରି ରାଜନୀତି ଛାଡି ସହରର ବିକାଶକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେବା ଚର୍ଚ୍ଚାର ବିଷୟ ହୋଇଛି। ପୌରାଧ୍ୟକ୍ଷା ମଧ ନିଜ ବକ୍ତବ୍ୟରେ ମନ୍ତ୍ରୀ ସହରର ବିକାଶ ଦିଗରେ ସହାୟତା କରିବାକୁ କହିଥିଲେ । ଏମିତିରେ ଆଗକୁ ଉଭୟ ଦଳ ମିଳିମିଶି କାମ କରିବେ ବୋଲି ସମ୍ଭାବନା ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ସଭାରେ ମଞ୍ଚାସୀନ ଭାଜପା ନେତା ତଥା ବଲାଙ୍ଗୀର ଏମ୍ପିଙ୍କ ପ୍ରତିନିଧି ଆଲୋକ ନାୟକ ମଧ ଟିଟିଲାଗଡବାସୀ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପାଇଥିବା କହିଥିଲେ। ମଞ୍ଚାସୀନ ବଲାଙ୍ଗୀର ଜିଲାପାଳ, ବଲାଙ୍ଗୀର ଜିଲା ନଗର ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ସୁରେନ୍ଦ୍ର ସାଏ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭାରପ୍ରାପ୍ତ ଉପଜିଲାପାଳ ନବୀନ ଚନ୍ଦ୍ର ନାୟକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ ମଞ୍ଚାସୀନ ଥିଲେ। ପୌର ଯନ୍ତ୍ରୀ ଅନାଥ ସାହୁ, ପରିମଳ ବିଶେଷଜ୍ଞ ଅଧିକାରୀ ଶୁଭସ୍ମିତା ଧଳ, କାଉନସିଲର ସଞ୍ଜୁ ଗୋଏଲ, ବୁଦ୍ଧିଆ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତି ନାଗ, ସାବିତ୍ରୀ ବାରିକଙ୍କ ସମେତ ସମସ୍ତ କାଉନସିଲର ତଥା ପୌର ସ୍ୱଚ୍ଛସାଥୀ, କର୍ମଚାରୀ ଉପସ୍ଥିତ ଥିଲେ।

## ଜରାସିଂହାରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା



ଜରାସିଂହା ମିନିଷ୍ଟାଡିୟମଠାରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡାରେ ଅତିଥି ଓ ଅନ୍ୟମାନେ ।

**ଦେଓଗାଁ,୧୬ା୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମ ଖେଳପଡିଆରେ ଶୁକ୍ରବାର ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ କୁଶମଣି ମେହେର, ସମିତିସଭ୍ୟ ଅମିତ କୁମାର ତ୍ରିପାଠୀ, ଏବିଇଓ ଅଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ହକି ପୁରୁଷ ବିଶ୍ୱକପ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ପଞ୍ଚାୟତ ସ୍ତରରେ ୧୭ବର୍ଷରୁ କମ ପ୍ରତିଯୋଗୀମାନଙ୍କୁ ନେଇ ଖୋ ଖୋ ଓ ଫୁଟବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ୧୮ ତାରିଖରେ କ୍ଲଷ୍ଟରସ୍ତରୀୟ ଓ ୨୨ ତାରିଖରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନେ ଭାଗ ନେଇପାରିବେ। ପ୍ରଶାନ୍ତ ଥନାପତି ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ରୂପେଶ କଳାହାଣ୍ଡି ସିଡବ୍ଲ୍ୟୁସିର ନୂତନ ଅଧ୍ୟକ୍ଷ

**ଭବାନୀପାଟଣା,୧୬ା୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ର ନୂତନ କମିଟି ଗଠନ ହୋଇଛି। ଏଥିରେ ଅଧ୍ୟକ୍ଷ ଭାବେ ରୂପେଶ କୁମାର ହୋତା, ମହିଳା ସଦସ୍ୟା ଭାବେ ବସନ୍ତ କୁମାରୀ ପଟ୍ଟନାୟକ, ସଦସ୍ୟ ଭାରତ ଭୂଷଣ ପଣ୍ଡା, ସଞ୍ଜୟ କୁମାର ଓ ଅଶୋକ ଚୌଧୁରୀ ପ୍ରମୁଖ ରହିଛନ୍ତି। ବୁଧବାର ସନ୍ଧ୍ୟାରେ ନୂତନ କମିଟି ପୁରାତନ କମିଟିଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ସିଡବ୍ଲ୍ୟୁସି ଅଧ୍ୟକ୍ଷ ରାଜେଶ ନାୟକଙ୍କ ଅଧ୍ୟକ୍ଷତାରେ ଦାୟିତ୍ୱ ହସ୍ତାନ୍ତର ହେବା ପ୍ରକିୟା ପରେ ନୂତନ ଅଧ୍ୟକ୍ଷ ଓ ସଦସ୍ୟା,ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପରିସରରେ ଏକ ସ୍ୱାର୍ଗତ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ବିଦାୟୀ




ନୂତନ ସିଡବ୍ଲୁସି ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଉଛି।

ସିଡବ୍ଲ୍ୟୁସି ଅଧ୍ୟକ୍ଷ ରାଜେଶ ନାୟକ, ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ନିରଞ୍ଜନ ମିଶ୍ର, ସୁଧାଂଶୁ ନନ୍ଦ, ସଦସ୍ୟା ସ୍ନେହଲତା ମହାନ୍ତି, ଅଣ ଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ରାଜଲକ୍ଷ୍ମୀ ଦାସ, ଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଅଂଶୁମାନ ବାବୁଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତା ସୁଧାଂଶୁ ମହାପାତ୍ର, ପ୍ରତୀକ ମହାନ୍ତି, ସୁବାଶିଷ ପାନିଗ୍ରାହୀ, ଅବିନାଶ ତ୍ରିପାଠୀ, ଜୟଶ୍ରୀ ପାଣି ପ୍ରମୁଖ ଉପସ୍ଥିତ ରହି ନୂତନ ସିଡବ୍ଲିସ ଅଧ୍ୟକ୍ଷ ଓ ସଦସ୍ୟା ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ନୂତନ କମିଟି ଆଗାମୀ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବ।

## କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ପ୍ରତିନିଧୀ ଦଳର ପରିଦର୍ଶନ



**ଖଡ଼ିଆଳ ଡିଗ୍ରୀ ମହିଳା କଲେଜ**

**ଖଡ଼ିଆଳ,୧୬ା୧୨(ଡି.ଏନ.ଏ.)**

ନୂଆପଡା ଜିଲାରେ ଥିବା ଡିଗ୍ରୀ କଲେଜଗୁଡିକ ପରିଚାଳନା ନେଇ ଆବଶ୍ୟକ ଥିବା କାଗଜାତ ଏବଂ କଲେଜ ଗୃହ କାର୍ଯ୍ୟ ସବୁ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପରିଦର୍ଶନ କରାଯାଇଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟକୁ ସ୍ଥାନାନ୍ତର ହୋଇଥିବା ସମସ୍ତ କଲେଜ ପରିଦର୍ଶନ କରିଛନ୍ତି। ଜିଲାର ଏକ ମାତ୍ର ମହିଳା ଡିଗ୍ରୀ କଲେଜ ଖଡ଼ିଆଳ ଡିଗ୍ରୀ ମହିଳା କଲେଜ ପରିଦର୍ଶନ କରିଛନ୍ତି। ହୀରା ନଗରଠାରେ କଲେଜ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ତିନି ଜଣିଆ ପ୍ରତିନିଧି ଦଳରେ ଧନଞ୍ଜୟଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ, କଲେଜ ପରିଚାଳନା ସଭାପତି ଡ. ଫନିନ୍ଦ୍ରମ ଦେଓ, କୋଷାଧ୍ୟକ୍ଷ ବିନୋଦ ବିହାରୀ ପାଢ଼ୀ, ଡ଼ଃ.ମେଜର ରାମ ଚନ୍ଦ୍ର ମିଶ୍ର, ତପନ ଦାଶ ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ।

## ବୁଢ଼ାରଜା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**କୋକସରା,୧୬ା୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ବୁଢ଼ାରଜା ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ସଭାପତିତ୍ୱରେ ଖେଳ ଶିକ୍ଷକ ବିଶ୍ୱମ୍ବର ଧଙ୍ଗଡା ମାଝି ଓ ଲୋକନାଥ ରାଉତଙ୍କ ତତ୍ତ୍ୱାବଧାନରେ



ବାର୍ଷିକ କ୍ରୀଡ଼ା ମଶାଲକୁ ସ୍ୱାଗତ କରାଯାଉଛି।

ସ୍ଥାନୀୟ ବୁଢ଼ାରଜା ମନ୍ଦିରରୁ ମଶାଲ ଶୋଭାଯାତ୍ରା ସ୍କୁଲ ପରିସରରେ ପହଞ୍ଚିବା ପରେ ମୁଖ୍ୟଅତିଥି ଭାବେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ ସ୍ୱାଗତ ଓ ସମ୍ବର୍ଦ୍ଧନା କରି ଆନୁଷ୍ଠାନିକ ରୂପେ କ୍ରୀଡା ଉତ୍ସକୁ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। କ୍ରୀଡା ଉତ୍ସବରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ଼, ସ୍ଲୋ ସାଇକେଲ ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ, ମ୍ୟୁଜିକ ଚେୟାର, ପଟାଟୋ ରେଶ ଭଳି କ୍ରୀଡା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ବରିଷ୍ଠ ଶିକ୍ଷକ ଅଶ୍ୱିନ କୁମାର ଦାସ, ପ୍ରଶାନ୍ତ ପଣ୍ଡା, ଅମୁଲ୍ୟ କୁମାର ନାଏକ, ଲିଜୟା ନନ୍ଦ ସାହୁ, ତପନ କୁମାର ମେହେର, ଦୟା ସିଂ ନାଏକ, ସୁରେନ୍ଦ୍ର ଗଣ୍ଡ, ସରୋଜ କୁମାର ପଡ଼ିହାରି, ମନ୍ଦାକିନି ନାଏକ, କିରାଣୀ ପରକ୍ଷିତ ମାଝି, କର୍ମଚାରୀ ଗୋପବନ୍ଧୁ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ୨୦ ବର୍ଷ ପରେ ପୁରୀକୁ ପୁଣି ଚାଲିଲା ବସ୍

**ଟିଟିଲାଗଡ଼,୧୬ା୧୨(ନି.ପ୍ର)**

ଦୀର୍ଘ ୨୦ ବର୍ଷ ପରେ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜିରୁ ପୁରୀକୁ ସରକାରୀ ବସ ସେବାର ଶୁଭାରମ୍ଭ ହୋଇଛି । ଶୁକ୍ରବାର ରାଜ୍ୟ ପରିବହନ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ ଏହାର ଶୁଭାରମ୍ଭ କରିଛନ୍ତି। କଣ୍ଟାବାଞ୍ଜି ଠାରୁ ପ୍ରତ୍ୟହ ସନ୍ଧ୍ୟା ୬ଟାରେ ବସଟି ବଙ୍ଗୋମୁଣ୍ଡା, ସିନ୍ଧେକେଲା, ଟିଟିଲାଗଡ, ବଡମାଲ, ବଲାଙ୍ଗୀର, ସୋନପୁର, ନୟାଗଡ ଦେଇ ପୁରୀ ପର୍ଯ୍ୟନ୍ତ ଯିବ। ପୁରୀ ପଟରୁ ରାତି ୮ଟା ୧୬ରେ ଯାତ୍ରା ଆରମ୍ଭ କରି ଉପରୋକ୍ତ ମାର୍ଗ ଦେଇ ପରିବହନ ବିଭାଗର ଏସି ଡିଲକ୍ସ ବସ କଣ୍ଟାବାଞ୍ଜି ପ୍ରତ୍ୟାବର୍ତ୍ତନ କରିବ। ଏନେଇ ଟିଟିଲାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏକ ସମାରୋହରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ



ମନ୍ତ୍ରୀ ଟୁକୁନୀ ସାହୁ ବସ ସେବାର ଶୁଭାରମ୍ଭ କରୁଛନ୍ତି।

ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଭାରପ୍ରାପ୍ତ ଉପଜିଲାପାଳ ନବିନ ଚନ୍ଦ୍ର ନାୟକ, ତହସିଲଦାର ପ୍ରେମଲାଲ ହିଆଲ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଜ୍ୟ ପରିବହନ କମିଶନର ବିଶିକେଶନ ଦେହୁରୀ ପତକା ପ୍ରଦର୍ଶନ ସହ ବସକୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ଶ୍ୟାମାପ୍ରସାଦ ଗରିଆ, ରଣଜିତ ପୃଷ୍ଟି, ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ରାଜୁ ସିଂ ପାତ୍ର, କାଉନସିଲର ଚନ୍ଦ୍ରକାନ୍ତି ନାଗ, ସଞ୍ଜୁ ଗୋୟଲ, ସାବିତ୍ରୀ ବାରିକ, ସୁନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଟିଟିଲାଗଡରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ସରକାରୀ ବସ ସେବା ରହିଥିଲା। ଏନେଇ ଏଠାରେ ସରକାରୀ ବସଷ୍ଟାଣ୍ଡ, କୋଠା ଏବେ ମଧ ରହିଛି। ହେଲେ ପ୍ରାୟ ୨୦ ବର୍ଷ ହେଲା ସରକାରୀ ବସ ସେବା ବନ୍ଦ ଥିଲା। ଏଣୁ ଟିଟିଲାଗଡ ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ବସ ସେବା ଯୋଗାଇ ଦେବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା।

## ସଂକ୍ଷେପରେ

### ପାଇପ୍ ଫାଟି ପାଣି ନଷ୍ଟ

**ପଦ୍ମପୁର,୧୬।୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ସହରର ପ୍ରତ୍ୟେକ ପଡାକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି। ତେବେ ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯାଇଥିବାରୁ ପାଣି ନଷ୍ଟ ହେଉଛି। ସହରର ମୁଖ୍ୟ ରାସ୍ତା, ଅବକାରୀ କାର୍ଯ୍ୟାଳୟ, ଥାନା, ରାଜବାଟି ପଡିଆ ଓ ଅନ୍ୟାନ୍ୟ ସ୍ଥାନରେ ପାଇପ୍ ଫାଟି କୃତ୍ରିମ ଜଳାଶୟ ସୃଷ୍ଟି ହେଉଛି। ରାସ୍ତା ଉପରେ ପାଣି ବହୁଛି। ଏଥିରେ ଯାନବାହନ ଚଳାଚଳ କରିବା ଫଳରେ ରାସ୍ତା କାଦୁଅ ପଚପଚ ହେଉଛି। ପଥିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ବରିଷ୍ଠ ନାଗରିକ ସଂଘର ବାର୍ଷିକ ସଭା

**ବରଗଡ଼ ଅଫିସ୍,୧୬।୧୨:** ବରଗଡ଼ ସହର ଉପକଣ୍ଠ ସିମେଣ୍ଟ ନଗର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିକ୍ରମ ବହିଦାର ମୁଖ୍ୟବକ୍ତା, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ନାରାୟଣ ନାଏକ, କୁଳମଣି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଘାସିରାମ ମିଶ୍ରଙ୍କୁ ସ୍ୱର୍ଗତ ଭଗବାନ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଡା. ଅଜିତ ମେହେରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଙ୍ଗଠନ ସମ୍ପାଦକ କେଦାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଂଘର ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, କୋଷାଧ୍ୟକ୍ଷ ସ୍ୱାଧୀନ ମହାରଣା, ନିର୍ମଳ କିଶୋର କର, ଅଶୋକ ପଶାୟତ, ରାଧେଶ୍ୟାମ ନାୟକ, ଆସ୍ଥା ମହାପାତ୍ର, ମୁକ୍ତା ଦାଶ, ନିଳାଚଳ ହୋତା, କାମିନୀ ଦାଶ, ରାଧାରାଣୀ ମିଶ୍ର, ସୌଭାଗ୍ୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସଙ୍ଗୀତ, ଭଜନ ପରିବେଷଣ କରାଯାଇଥିଲା। ସହ ସମ୍ପାଦକ ଗୋବିନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଚ୍ଛ ଭାରତ ଅଭିଯାନ

**ଡୁଙ୍ଗୁରିପାଲି,୧୬।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେବା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ହସ୍ପିଟାଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ଡା.ସଞ୍ଜୟ କୁମାର ପ୍ରଧାନ,ଡ଼ା ଆଲୋକ ପଣ୍ଡା ଓ ସେବା ଫାଉଣ୍ଡେଶନର ପ୍ରତିଷ୍ଠାତା ବିଭୁଦତ୍ତଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କମିଚାରୀ ଓ ସେବା ଫାଉଣ୍ଡେଶନର କର୍ମକର୍ତ୍ତାମାନେ ସ୍ୱାସ୍ଥ୍ୟକେନ୍ଦ୍ରର ଚାରି ପାଖରେ ପଡିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ପାଲା ମାଧମରେ ନାଚ ଗୀତ ପରିବେଷଣ କରି ଲୋକଙ୍କୁ ସଚେତନ କରାଯାଇଥିଲା ।

### ଯୋଗ ବିଜ୍ଞାନ, ପ୍ରାଣାୟମ ଶିବିର

**ବୌଦ୍ଧ,୧୬।୧୨(ସ୍ୱ.ପ୍ର.):** ବୌଦ୍ଧ ପାଲଝାରସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଯୋଗ ବିଜ୍ଞାନ ଓ ପ୍ରାଣାୟମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଜଲୀ ଟୋମି ଓ କ୍ରୀଡା ଶିକ୍ଷକ ଅଙ୍କୁର ଖାରେଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଜିଲା ଭାରତ ସ୍ୱାଭିମାନ ଟ୍ରଷ୍ଟର ସହ ପ୍ରଭାରୀ ମୁଖ୍ୟ ଯୋଗ ଶିକ୍ଷକ ଆଶୁତୋଷ ମହାପାତ୍ର, ଦିଲୀପ ବୌଧୁରୀ ଯୋଗଦେଇ ଆସନ, ପ୍ରାଣାୟାମ, ବ୍ୟାୟମ ଆଦି ଅଭ୍ୟାସ କରାଇଥିଲେ। ଏହି ଶିବିରରେ ବିଦ୍ୟାଳୟର ସମସ୍ତ ଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚାଷୀଙ୍କ ଦାବିପତ୍ର

## ରବିଋତୁ ପାଇଁ କେନାଲ ପାଣି ସମୟ ବଢାଇବାକୁ ଦାବି

**ଜାମଟିକ୍ରା,୧୬।୧୨(ଡି.ଏନ.ଏ.)**


ଚାଷୀମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ କେନାଲ କଲୋନିରେ ଶୁକ୍ରବାର ଅତାବିରା ଓ ଗୋଡ଼ଭଗା ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ପାଣିପଞ୍ଚାୟତର କର୍ମକର୍ତ୍ତା ଏବଂ ଚାଷୀଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବୁର୍ଲା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ମହାନ୍ତି, ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲ, ଅତିରିକ୍ତ କୃଷି ଅଧିକାରୀ ମାମିନୀ ଭୋଇ, କନିଷ୍ଠ ଯନ୍ତ୍ରୀ ସୁକାନ୍ତ ନାଏକଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ବୈଠକରେ ରବିଚାଷ ପାଇଁ କେନାଲ ପାଣି ଛାଡିବା ଓ ବନ୍ଦ କରିବା ବିଷୟରେ ଆଲୋଚନା ହୋଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି ସୂଚନା ଦେଇଥିଲେ, ଜାନୁୟାରୀ ୧ରେ କେନାଲ ପାଣି ଛଡାଯିବ ଏବଂ ମାର୍ଚ୍ଚ ୩୧ରେ ବନ୍ଦ ହେବ। ତେଣୁ ଚାଷୀମାନେ କମ୍ ଦିନରେ ଅମଳକ୍ଷମ ଧାନଚାଷ କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ବୁର୍ଲା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଚଳିତ ରବି ଋତୁ ପାଇଁ ଡିସେମ୍ବର ୨୦ରେ ପାଣି ଛଡାଯାଇ ୨୦୨୩ ମେ ୧୦ ତାରିଖରେ ବନ୍ଦ କରିବାକୁ ଦାବି କରାଯାଇଥିଲା।

# ବିଜ୍ଞାନ ମେଳାରେ କୁଇଜ୍ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୧୬।୧୨**

ବରଗଡ଼ ସହର ଉପକଣ୍ଠ ଟୁକ୍କୁର୍ଲା ସ୍ଥିତ ବିଜ୍ଞାନ କେନ୍ଦ୍ରରେ ଗୁରୁବାରଠାରୁ ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ଏଥିରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଭିତ୍ତିକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷକ ଶିବଶଙ୍କର ଦାଶ ଏବଂ ମାନସ ଶତପଥୀ ଏହାର ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ବିରେନ୍ଦ୍ର ଦାଶ, ଭାର୍ଗବ ନାଏକ, କଳ୍ପନା ପାଢ଼ୀ, ଡଃ ଜୟନ୍ତ ସାହୁ, ଡଃ ସୌଭାଗ୍ୟ ପ୍ରଧାନ, ଅଶ୍ୱିନୀ କୁମାର ପାଣିଗ୍ରାହୀ, ରାଜକିଶୋର ପ୍ରଧାନ, ନିରଞ୍ଜନ ପଣ୍ଡା ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କ ଅଧ୍ୟକ୍ଷତାରେ ବିଜ୍ଞାନଭିତ୍ତିକ ଆଲୋଚନାଚକ୍ର ହୋଇଥିଲା। ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦୈନନ୍ଦିନ ଜୀବନରେ ପ୍ରଯୁକ୍ତି ବିଦ୍ୟା ଶୀର୍ଷକ ଆଲୋଚନା କରାଯାଇଥିଲା। ପ୍ରଫେସର ଡଃ ସୁକଲ୍ୟାଣ ଦାଶ ଦୈନନ୍ଦିନ ଜୀବନକୁ କିଭଳି ପ୍ରଯୁକ୍ତିବିଦ୍ୟା ପ୍ରଭାବିତ କରିଛି, ସେ ବିଷୟରେ ଆଲୋକପାତ କରିବା ସହିତ ସାଇବର କ୍ରାଇମ ପ୍ରତି ସତର୍କ ରହିବାକୁ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଅତାବିରା, ବରଗଡ଼ ଏବଂ ଭେଡ଼େନ ବ୍ଲକର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କୁଇଜ୍ ପ୍ରତିଯୋଗିତାରେ ଜଣେ ଛାତ୍ରୀ ନିଜ ମତ ରଖୁଛନ୍ତି ।

# ଛତିଶଗଡ଼ ଧାନ ମଣ୍ଡି ପରିଦର୍ଶନ କଲେ ଚାଷୀ ପ୍ରତିନିଧି


ଛତିଶଗଡ଼ର ଏକ ଧାନମଣ୍ଡିରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ପ୍ରତିନିଧିବୃନ୍ଦ।

**ପଦ୍ମପୁର,୧୬।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ଟିମ୍ ଛତିଶଗଡ଼ ରାଜ୍ୟର କେତେକ ଧାନମଣ୍ଡି ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଲିଙ୍ଗରାଜ ପ୍ରଧାନ, ଅରବିନ୍ଦ ପଣ୍ଡା, ରମେଶ ମହାପାତ୍ର, ଆନନ୍ଦ ପ୍ରଧାନ, ବିଜୟ ସାହୁ, ପଞ୍ଚାନନ ସାହୁ, ତୁଳାରାମ ବେହେରା, କାହ୍ନୁଚରଣ ମେହେର, ଅମୃତଲାଲ ସାହୁ, ମୀନକେତନ ବିଶ୍ୱାଳ, କରମଚାନ୍ଦ ମଗର, ମନବୋଧ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। ଚାଷୀ ପ୍ରତିନିଧିମାନେ ଛତିଶଗଡର ବସନା, ଅକୋରୀ, ଗଡଫୁଲଝର ସହ ଅନେକ ମଣ୍ଡିକୁ ଯାଇ ସରକାରଙ୍କ ବ୍ୟବସ୍ଥା ଅନୁଧାନ କରିଥିଲେ। ଛତିଶଗଡ଼ ମଣ୍ଡିରେ ଶୃଙ୍ଖଳିତ ଭାବେ ଧାନବିକ୍ରି କରାଯାଉଥିବାରୁ ଏହି ବ୍ୟବସ୍ଥା ଓଡ଼ିଶାର ସବୁ ମଣ୍ଡିରେ କରାଯିବା ଆବଶ୍ୟକ। ତେଣୁ ସରକାରଙ୍କ ଏକ ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ର କେତେକ ମଣ୍ଡିକୁ ଯାଇ ସେଠାକାର ବ୍ୟବସ୍ଥିତ ନିୟମକୁ ଅନୁଧାନ କରିବା ପରେ ଓଡିଶାରେ ତାହା ପ୍ରଣୟନ କଲେ ଚାଷୀ ଉପକୃତ ହେବେ ବୋଲି ଉକ୍ତ ଚାଷୀ ପ୍ରତିନିଧିମଣ୍ଡଳୀ ମତ ଦେଇଛନ୍ତି।


“ ଛତିଶଗଡ଼ରୁ ଧାନସଂଗ୍ରହ କିପରି ହୁଏ ଆମ ରାଜ୍ୟ ସରକାର ତାହା ଶିକ୍ଷାଲାଭ କରନ୍ତୁ। ଛତିଶଗଡ଼ର ମଣ୍ଡିରେ ଧାନକିଣାବିକା ଶୃଙ୍ଖଳିତ ଭାବେ ହେଉଥିବା ବେଳେ ଓଡ଼ିଶାରେ ଅବ୍ୟବସ୍ଥିତ।

**- ବାଞ୍ଛାନିଧି ନାଏକ, ସଭାପତି, ରାଜବୋଡାସମ୍ବର କୃଷକ ସଙ୍ଗଠନ**

## ବ୍ଲକସ୍ତରୀୟ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

**ବରପାଲି,୧୬।୧୨(ଡି.ଏନ.ଏ.)**

ବରପାଲି ବ୍ଲକ ସରଣ୍ଡାପାଲି ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଇଓ ମୁକୁନ୍ଦ କୁମାର ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ମୁଖ୍ୟ ଅତିଥି, କଣ୍ଟାପାଲି ସରପଞ୍ଚ ଗଙ୍ଗାଦାସ, ମନୋଜ ବାରିକ, ସୁରେନ୍ଦ୍ର ସାହୁ, ବ୍ଲକ କ୍ରୀଡ଼ା ସମ୍ପାଦକ ସୁନୀଲ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇଥିଲା। ବ୍ଲକର ୩୬ଟି ସ୍କୁଲରୁ ୩୫୦ ଜଣ ଖେଳାଳି ଭାଗ ନେଇଥିଲେ। ସେହିପରି ୩୭ଜଣ ଖେଳ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସମୀର ପାଣିଗ୍ରାହୀ, ସୁନୀଲ ନାଏକ, କୌସ୍ତୁଭ ସାହୁ, ରାଜେଶ ପଧାନ, ସୁଭାସିନୀ ତ୍ରିପାଠୀ, ରାଜେନ୍ଦ୍ର ଭୋଇ, ଅରୁନ୍ଧତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଅତାବିରା ଏବିଭିପିର କର୍ମକର୍ତ୍ତା ଚୟନ

**ଜାମଟିକ୍ରା, ୧୬।୧୨(ଡି.ଏନ.ଏ.)**

ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡା କଲେଜରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ୍‌ର କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିକାଶ କୁମାର ନାୟକ ମୁଖ୍ୟ ଅତିଥି, ପୂର୍ବତନ ସୋନପୁର ନଗର ବିସ୍ତାରକ ଅଚ୍ୟୁତ ମାଝୀ, ବରଗଡ଼ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ଦାସ, ସୌମ୍ୟରଞ୍ଜନ ଭୋଇ, ସୁରଜ ଭାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ୟୁନିଟରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ଜୟନ୍ତ ପ୍ରଧାନ ସଭାପତି, ଚିନ୍ମୟ ପ୍ରଧାନ, ସିମ୍ରନ ଭୋଇ ଏବଂ ମୁନିସ୍ମିତା ପ୍ରଧାନ ଉପସଭାପତି, ବିଷ୍ଣୁପ୍ରିୟା ନନ୍ଦ ଓ ସୁଭାଶିଷ ସାହୁ ସାଧାରଣ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାସହିତ କ୍ରୀଡା ସମ୍ପାଦକ, ଏସ୍‌ଏଫ୍‌ଏସ୍, ଏସ୍‌ଏଫ୍‌ଡି, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ଦାୟିତ୍ୱ ଯଥାକ୍ରମେ ହେମସାଗର ତନସନା ଏବଂ ସମୀର ବିଶି, ଗଣନାଥ ପ୍ରଧାନ, ଆନନ୍ଦ ପୁଷ୍ଟି ଓ ଇତିଶ୍ରୀ ସାହୁ ଗ୍ରହଣ କରିଛନ୍ତି। ଏସ୍‌ଏଫ୍‌ଏସ୍ ସହ ସଂଯୋଜକ, ଏସ୍‌ଏଫ୍‌ଡି ସହ ସଂଯୋଜକ ଭାବେ ଯଥାକ୍ରମେ ନୀତା ପ୍ରଧାନ ଓ ଇପ୍‌ସିତା ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବିବେକ ପ୍ରଧାନ, ସୌମ୍ୟରଞ୍ଜନ ଭୋଇ, ଅନନ୍ତ ମାଝୀ, ଜିତେନ୍ଦ୍ର ତନସନା, ଗୋପୀନାଥ କଲେତ, ଯୋଗେଶ ମେହେର, ରୋଶନ କୁମାର ସାହୁ କ୍ୟାମ୍ପସ ସଦସ୍ୟ ରହିଛନ୍ତି। ଅଚ୍ୟୁତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ଦୋଳନସ୍ଥଳରେ ପଦ୍ମପୁର ବିଧାୟିକା

# ଜିଲା ଗଠନ ଦାବିକୁ ସମର୍ଥନ



ଧାରଣାସ୍ଥଳରେ ବିଧାୟିକା ଆଲୋଚନା କରୁଛନ୍ତି।

**ପଦ୍ମପୁର,୧୬।୧୨ (ଡିଏନଏ)**

ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ଧାରଣା ଅଦ୍ୟାବଧି ଜାରି ରହିଛି। ତେବେ ବର୍ଷା ସିଂ ବରିହା ପଦ୍ମପୁର ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସେ ଜିଲା ଗଠନ ଦାବିକୁ ସମର୍ଥନ ଜଣାଇଛନ୍ତି। ଏହି କ୍ରମରେ ସେ ଶୁକ୍ରବାର ଆନ୍ଦୋଳନସ୍ଥଳକୁ ଯାଇ ସେଠାରେ ଧାରଣାରେ ବସିଥିବା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଓ ପଦ୍ମପୁର ସାମ୍ବାଦିକ ସଂଘ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ବିଧାୟିକା କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କୁହନ୍ତି ତାହା କରନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମୋର ବିଶ୍ୱାସ ରହିଛି। ଆମେ ସମସ୍ତେ ବିଶ୍ୱାସ କରିବା ଉଚିତ। ଅଞ୍ଚଳର ବିକାଶ ପାଇଁ ଜିଲା ମାନ୍ୟତା ଅତ୍ୟନ୍ତ ଜରୁରୀ ଏବଂ ଜିଲା ମାନ୍ୟତା ଦାବି ପୂରଣ ଦାୟିତ୍ୱ ସେ ନିଜେ ନେଲି ବୋଲି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତ ତିନି ଦଶନ୍ଧି ଧରି ପଦ୍ମପୁରକୁ ଜିଲା ମାନ୍ୟତା ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଗତ ଉପନିର୍ବାଚନ ଅଞ୍ଚଳବାସୀଙ୍କ ପାଇଁ ଜିଲା ଘୋଷଣାର ବାଟ ଖୋଲି ଦେଇଥିଲା। ନିର୍ବାଚନ ସମୟରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପରେ ପଦ୍ମପୁର ଜିଲା ଗଠନ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା।

# ଜବାହର ନବୋଦୟ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ପାଇକମାଳ, ୧୬।୧୨ (ଡି ଏ ନ ଏ )**

ବରଗଡ ଜିଲା ପାଇକମାଳ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପାଇକମାଳ ସିଆର୍‌ପିଏଫ୍ ୧୮୯ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାଜୀବ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ଜଗଦୀଶ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଏସ୍. ସି. ଭାରତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା, ଗୀତାଞ୍ଜଳି ପଟେଲ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ମଳୟ ବିଶ୍ୱାଳ, ଉମେଶ ଝାଙ୍କର, ମନୋରଞ୍ଜନ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ୬୬ ୟୁନିଟ୍ ରକ୍ତ ସଂଗୃହୀତ

**ବରଗଡ଼ ଅଫିସ୍,୧୬।୧୨**

ବରଗଡ଼ ଜିଲା ଡ୍ରାଇଭର ମହାସଂଘର ନୂତନ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବରଗଡ଼ ସହର ଉପକଣ୍ଠ ଗୋବିନ୍ଦପୁର ଛକରେ ଡ୍ରାଇଭର ସଂଘ ଏବଂ ନିଷ୍ଠା ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୬୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭୀମସାର୍, ବୁର୍ଲା ଏବଂ ବରଗଡ଼ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ନିଷ୍ଠା ପରିବାର ପକ୍ଷରୁ ଡ୍ରାଇଭର ସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡ୍ରାଇଭର ସଂଘ ମଧ୍ୟ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧନା ଦେଇଥିଲା ଡ୍ରାଇଭର ମହାସଂଘ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି, ବରଗଡ଼ ମହାସଂଘ ସଭାପତି ନୀଳାମ୍ବର ଶାହା, ସମ୍ପାଦକ ସୁଧୀର ଦାଶ, ରବିନ୍ଦ୍ର ନାୟକ, ଆଶାରାମ ଖମାରୀ, ସୁମନ୍ତ ମେଣ୍ଡଲୀ, ନିଷ୍ଠା ପରିବାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମହିଳା ଶାଖାର ରୀନା ମହାରଣା ଉପସ୍ଥିତ ଥିଲେ।

# ବରଗଡ଼ରେ ବୁଣାକାର ସଚେତନତା ଶିବିର

**ବରଗଡ଼ ଅଫିସ୍,୧୬।୧୨**

ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତଶିଳ୍ପ ସସୀମ ସହଯୋଗ ସମିତି, ବରଗଡ଼ ରଙ୍ଗଘର ପ୍ରାଙ୍ଗଣରେ ଶୁକ୍ରବାର ବିଶାଳ ବୁଣାକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଏବଂ ସମ୍ବଲପୁରୀ ବସ୍ତ୍ରାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ସମିତି ସଭାପତି ସମ୍ବିତ କୁମାର ଆଚାର୍ଯ୍ୟ, ଉପସଭାପତି ମଞ୍ଜରୀ ମେହେର, ବରଗଡ଼ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଶିଶିର କୁମାର ନାଗ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ୩୦ ଗ୍ରାମରୁ ୩୦୦ ବୁଣାକାର ଯୋଗଦାନ କରିଥିଲେ। ଏହି ଅବସରରେ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଏବଂ ତାର ଉପକାରିତା ଉପରେ ବୟନଶିଳ୍ପ ଉପନିର୍ଦ୍ଦେଶକ ବୁଝାଇଥିଲେ। ସରକାରୀ ଯୋଜନାରେ ବହୁଳ ମାତ୍ରାରେ ପଞ୍ଜୀକୃତ ହୋଇ ତାର ସେବା ନେବା ପାଇଁ ଉପସ୍ଥିତ ସମସ୍ତ ବୁଣାକାରଙ୍କୁ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ସମ୍ବଲପୁରୀ ବସ୍ତ୍ରାଳୟର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବୁଣାକାର ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଜିରା ନଦୀପଠାରେ ହେବ ମେଳା

**ବରଗଡ଼ ଅଫିସ୍,୧୬।୧୨**

ମହାମାରୀ କରୋନା ଯୋଗୁ ୨ବର୍ଷ ଧରି ବରଗଡ଼ ଧନୁଯାତ୍ରା ମହୋତ୍ସବ ବନ୍ଦ ରହିଥିଲା। କରୋନା କଟକଣା ହଟିବା ପରେ ଏଥର ଧନୁଯାତ୍ରା ପାଇଁ ବରଗଡ଼ରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ମହୋତ୍ସବ ୭୫ବର୍ଷରେ ପଦାର୍ପଣ କରୁଥିବାବେଳେ ଅନ୍ୟବର୍ଷ ତୁଳନାରେ ଅଧିକ ଦର୍ଶକଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଉଛି । ଫଳରେ ଧନୁଯାତ୍ରାକୁ ଆସୁଥିବା ଦର୍ଶକଙ୍କ ପାଇଁ ଯେଭଳି କିଛି ଅସୁବିଧା ହେବନାହିଁ, ମହୋତ୍ସବକୁ ସମସ୍ତେ ଭଲ ଭାବେ ଉପଭୋଗ କରିବେ ଏବଂ ସମ୍ଭାବ୍ୟ ଭିଡ଼କୁ ନିୟନ୍ତ୍ରଣ କରାଯିବ, ସେଥିପ୍ରତି ଧନୁଯାତ୍ରା ମହୋତ୍ସବ ସମିତି ଓ ଜିଲା ପ୍ରଶାସନ ଏବେଠାରୁ ଲାଗି ପଡ଼ିଛି। ଏହି କ୍ରମରେ ଶୁକ୍ରବାର ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଧନୁଯାତ୍ରାବେଳେ ଯମୁନା ପାଲଟିଥିବା ଜିରା ନଦୀପଠା ପରିଦର୍ଶନ କରିଥିଲେ। ଏଥର ନଦୀପଠାରେ ପଲ୍ଲିଶ୍ରୀ ମେଳା ଭଳି ବିଭିନ୍ନ ଷ୍ଟଲ ଖୋଲାଯିବାର ପରିକଳ୍ପନା ରହିଛି। ସମ୍ଭାବ୍ୟ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା ସୂଚନା ମିଳିଛି। ସେହିପରି ସନ୍ଧ୍ୟାରେ ଧନୁଯାତ୍ରା ମହୋତ୍ସବ କାର୍ଯ୍ୟକାରୀ କମିଟିର ଏକ ବୈଠକ ବସିଥିଲା। ଜିଲାପାଳ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧନୁଯାତ୍ରା ପାଇଁ ଏଥର ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଜିଲାପାଳ ବାନାର୍ଜୀ ସୂଚନା ଦେଇଥିଲେ। ଏଥର ଧନୁଯାତ୍ରା ପାଇଁ ବ୍ୟୟ ଅଟକଳ ପ୍ରାୟ ୧କୋଟି ୭୦ଲକ୍ଷ ରହିଥିବା ସୂଚନା ଦିଆଯାଇଥିବା ବେଳେ ସେଥିରେ ସ୍ୱଚ୍ଛତା ଆଣିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ କହିଥିଲେ। ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଉପସଭାପତି ତଥା ଏସ୍‌ପି ସ୍ମିତ୍ ପି. ପରମାର୍, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ବରଗଡ଼ ଜିଲାପାଳ ଜିରା ନଦୀପଠା ବୁଲି ଲୋକଙ୍କ ସହିତ ଆଲୋଚନା କରୁଛନ୍ତି ।

## ବରଗଡ଼ ଧନୁଯାତ୍ରା ମହୋତ୍ସବ

## ସଂକ୍ଷେପରେ

### ବିସ୍ଥାପିତଙ୍କୁ ଥଇଥାନ ପାଇଁ ଜିଲାପାଳଙ୍କୁ ଦାବି

ରେଙ୍ଗାଲି,୧୬।୧୨(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ପଞ୍ଚାୟତ ଚାଉଳଡିପୋରେ ରେଲୱେ ଦ୍ୱାରା ବିସ୍ଥାପିତ ହେଉଥିବା ବସ୍ତି ବାସିନ୍ଦାଙ୍କୁ ଥଇଥାନ ପାଇଁ ଦାବି ହୋଇଛି। ସମ୍ବଲପୁର ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ରେଙ୍ଗାଲି ଜୋନ-୧ ଜିଲାପରିଷଦ ଚୋଳଶ୍ରୀ ମହାନନ୍ଦ, ଅମର ମହାନନ୍ଦଙ୍କ ସମେତ ବହୁ ବିସ୍ଥାପିତ ଶୁକ୍ରବାର ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କୁ ସାକ୍ଷାତ କରି ବିସ୍ଥାପିତଙ୍କୁ ଉଚିତ ଥଇଥାନ ପାଇଁ ଗୁହାରି କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ୱାର୍ଡ ନଂ.୧୧ ଚାଉଳଡ଼ିପୋର ୨ଶହ ପରିବାର ପ୍ରାୟ ୧୦୦ବର୍ଷ ହେଲାଣି ବସବାସ କରି ଆସୁଛନ୍ତି। ଏମାନେ ସମସ୍ତେ ଗରିବ ଶ୍ରେଣୀର। ଏବେ ରେଲୱେ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ପ୍ରୟାସ କରୁଛି। ଏହା ଦ୍ୱାରା ଶିଶୁ, ବୃଦ୍ଧାବୃଦ୍ଧ, ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ।

### ଲୋକମହୋତ୍ସବ ନେଇ ଉପସମିତି ବୈଠକ

ସମ୍ବଲପୁର,୧୬।୧୨(ବ୍ୟୁରୋ): ସମ୍ବଲପୁର ଲୋକମହୋତ୍ସବ-୨୦୨୩ ଚିତ୍ରକଳା ଓ ପ୍ରଦର୍ଶନୀ ଉପସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଆବାହକ ଅମିତ ନାଥ ଓ ଦେବାଶିଷ ପ୍ରଧାନଙ୍କ ଆବାହକତ୍ୱରେ ଜିଲା ସଂସ୍କୃତି କାର୍ଯ୍ୟାଳୟଠାରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଲୋକ ମହୋତ୍ସବ ପରିପ୍ରେକ୍ଷୀରେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ୱାଲ ପେଣ୍ଟିଂ, ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ଚିତ୍ରକଳା କର୍ମଶାଳା ନେଇ ବିଶେଷ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧରେ ପ୍ରଶାନ୍ତ ମାଝି, ମନୋଜ ଚୌଧୁରୀ, ସଞ୍ଜୟ ସାହୁ, ବନ୍ଦନା ପଣ୍ଡା, ଶିଶିର କର, ସୁବ୍ରତ ନାଥ ଓ ପ୍ରେମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

### ଯାନ୍ତ୍ରିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ଝାରସୁଗୁଡ଼ା ଅଫିସ,୧୬।୧୨: ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ଖେଳପଡିଆରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ୨ୟ ବାଟାଲିୟନ ଓଏସ୍‌ଏପିର ଉପଦୁର୍ଗପତି ଲକ୍ଷ୍ମଣ ସିଂ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଝାରସୁଗୁଡା ଏସ୍‌ପି ରାହୁଲ ଜୈନ ମୁଖ୍ୟ ଅତିଥି ଓ ଓଡିଶା ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି, ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷା ରନୀତା ଦାସ ଓ ରାଜେନ୍ଦ୍ର ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଳିକା ବିଭାଗରେ ସୀମା କିଣ୍ଡୋ ଓ ସୁସ୍ମିତା ଓରାମ ଯୁଗ୍ମ ଚାମ୍ପିୟନ ଏବଂ ବାଳକ ବିଭାଗରେ ରବି ମୁଣ୍ଡା ଚାମ୍ପିୟନ ହୋଇ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ହିର୍ମା ସ୍କୁଲର ବଂଶୀଧର ପଶାୟତ, ଭାଲୁପତ୍ରା ହାଇସ୍କୁଲର ଅକ୍ଷୟ କୁମାର ନାୟକ, ରେଲବାଇ ହାଇସ୍କୁଲର ପ୍ରକାଶ ପ୍ରଧାନ, ଯାନ୍ତ୍ରିକ ବିଦ୍ୟାଳୟର ମିହିର ସୋରେନ, ଅମିତା ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ନାକଟିଦେଉଳ,୧୬।୧୨(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା ବୈଠକରେ ସଭାପତିତ୍ୱ କରିଥିଲେ। ଆସନ୍ତା ୨୨ରେ ନାକଟିଦେଉଳ ମିନି ଷ୍ଟାଡ଼ିୟମଠାରେ ହକି, ଫୁଟବଲ, କବାଡ଼ି, ଖଖୋ ଆଦି ପ୍ରତିଯୋଗିତା ଆୟୋଜିତ ହେବ।

# କୋର୍ଟ କାର୍ଯ୍ୟ ସ୍ୱାଭାବିକ ପାଇଁ ପ୍ରୟାସ

ସମ୍ବଲପୁର,୧୬।୧୨(ବ୍ୟୁରୋ)

ସମ୍ବଲପୁର କୋର୍ଟ ପରିସରରେ ୧୪୪ ଧାରା ଲାଗିବା ସତ୍ତ୍ୱେ ଜନସାଧାରଣ କୋର୍ଟକୁ ଆସି ନିଜ କାମ କରିପାରିବେ। ଏ ନେଇ ଶୁକ୍ରବାର ଜିଲା କୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ଅଦାଲତ ପକ୍ଷରୁ ମୁଖ୍ୟ ଫାଟକ ନିକଟରେ ଏକ ସହାୟତ କେନ୍ଦ୍ର ଖୋଲାଯାଇଛି। ଏହା ମାଧମରେ ମକଦ୍ଦମାରେ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷଙ୍କୁ ଅତ୍ୟାବଶ୍ୟକ ସାହାଯ୍ୟ ପ୍ରଦାନ କରାଯାଉଛି। ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟ, ପ୍ରାନ୍ତୀୟ କାରାଗାର ଓ ନାରୀବନ୍ଦୀ ନିକେତନଠାରେ ମକଦ୍ଦମାରେ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷ ଏବଂ ବିଚାରାଧୀନ ବନ୍ଦୀମାନଙ୍କ ସାହାଯ୍ୟ ସକାଶେ ପାରା ଆଇନଗତ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। କେତେକ ମକଦ୍ଦମାରେ ବିଭିନ୍ନ ବାର ଆସୋସିଏଶନର ଓକିଲମାନେ ଆସି ମକଦ୍ଦମା ପରିଚାଳନା କରୁଛନ୍ତି। ଏତଦ୍‌ବ୍ୟତୀତ ଭିଡିଓ କନଫରେନ୍ସ ମାଧମରେ ଜାମିନ ଆବେଦନ ଶୁଣାଣି ଚାଲୁଥିବା ସିଭିଲ କୋର୍ଟ ରେଜିଷ୍ଟ୍ରାର ସୂଚିତ କରିଛନ୍ତି ।



ସମ୍ବଲପୁର କୋର୍ଟ ସମ୍ମୁଖରେ ହେଲ୍‌ପ ଡେସ୍କ ଖୋଲାଯାଇଛି ।

## ସଚେତନ ନାଗରିକଙ୍କୁ ଠକିହେବ ନାହିଁ: ଦୀପକ ପଣ୍ଡା

ସମ୍ବଲପୁର,୧୬।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି। ଏଥିରେ କେନ୍ଦ୍ର ଉପରେ ଦୋଷ ଲଦି ନିଜେ ବଞ୍ଚିଯିବାକୁ ପ୍ରୟାସ କରାଯାଉଥିବା ସ୍ପଷ୍ଟ ହେଉଛି ବୋଲି ଐତିହାସିକ ଦୀପକ ପଣ୍ଡା କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ନିୟମ ଓ ସର୍ତ୍ତାବଳୀ ରହିଛି। ନୂତନ ରାଜ୍ୟ ହେବା ସ୍ଥିତିରେ କେବଳ କେନ୍ଦ୍ର ସରକାର ସ୍ୱୟଂ ଏକତରଫା ଭାବେ ବିଲ ଆଣି ହାଇକୋର୍ଟ କରିପାରିବେ। ସଂଘୀୟ ବ୍ୟବସ୍ଥା ମଧ୍ୟରେ ରାଜ୍ୟ ସରକାର ହିଁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ବିଚାରବିମର୍ଷ କରି ସ୍ଥାନ, ଭିତ୍ତିଭୂମି, ଅର୍ଥ ବ୍ୟବସ୍ଥା ସୂଚାଇ ସ୍ୱୟଂସମ୍ପୂର୍ଣ୍ଣ ପ୍ରସ୍ତାବ ପଠାଇଲା ପରେ କେନ୍ଦ୍ର ସରକାର ପଦକ୍ଷେପ ନେଇପାରିବେ। ଦେଶସାରା ସ୍ଥାୟୀ ବେଞ୍ଚ ସ୍ଥାପନର ଧାରାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଯାଉଛି। ମଦୁରାଇରେ ବେଞ୍ଚ ସ୍ଥାପନ ହେବା ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। କେନ୍ଦ୍ର ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିପାରିବେ କହିବା ଦାୟିତ୍ୱହୀନତା, ସତ୍ୟର ଅପଳାପ ଅଟେ। ଦଶନ୍ଧି ଦଶନ୍ଧି ଧରି ଆନ୍ଦୋଳନ ଚାଲିଥିବା ଅବସ୍ଥାରେ ସାମ୍ବିଧାନିକ ବ୍ୟବସ୍ଥା, ପ୍ରଣାଳୀ ବାବଦରେ ସଚେତନ ଲୋକଙ୍କୁ ଠକିହେବ ନାହିଁ। ସମ୍ବଲପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚର ପ୍ରକୃତ ତଥ୍ୟ ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟରେ ଉପସ୍ଥାପନ କରନ୍ତୁ ବୋଲି ପଣ୍ଡା ଅନୁରୋଧ କରିଛନ୍ତି ।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ**

## ହାଇକୋର୍ଟ ଅଚଳ ଘଟଣାରେ ଏଜି ଚୁପ୍: ପ୍ରମୋଦ ରଥ

ସମ୍ବଲପୁର,୧୬।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିର ଯଥାର୍ଥତାକୁ ହୃଦୟଙ୍ଗମ କରି ପ୍ରଥମେ ୨୦୦୭ରେ କେନ୍ଦ୍ର ସରକାରଙ୍କୁ ସମ୍ବଲପୁରଠାରେ ଏକ ବେଞ୍ଚ ବସାଇବା ପାଇଁ ଲେଖାଯାଇଥିଲା। ଗରିବ , ଆଦିବାସୀ, ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପଶ୍ଚିମାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନା ନେଇ ରାଜ୍ୟ ସରକାର ଆନୁଷ୍ଠାନିକ ବ୍ୟବସ୍ଥା କରିବା ସହ ବଜେଟ ଘୋଷଣା କରିସାରିଛନ୍ତି। ବର୍ତ୍ତମାନ ସମ୍ବଲପୁରରେ ଆନ୍ଦୋଳନ ଚାଲିଥିବା ସମୟରେ ସୁପ୍ରିମକୋର୍ଟ ଏହାକୁ ବେଆଇନ ଘୋଷଣା କରି କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଡ୍‌ଭୋକେଟ ଜେନେରାଲ (ଏଜି) ସୁପ୍ରିମକୋର୍ଟରେ ସମସ୍ତ ପକ୍ଷଙ୍କ ତଥ୍ୟ ଉପସ୍ଥାପନା ନ କରିବା ଯୋଗୁ ସର୍ବୋଚ୍ଚ ଅଦାଲତ ଏଭଳି ରାୟ ଶୁଣାଇଥିଲେ। କିନ୍ତୁ କିଛିମାସ ପୂର୍ବରୁ ଓଡ଼ିଶା ହାଇକୋର୍ଟରେ ଓକିଲମାନେ ପ୍ରାୟ ୯୦ଦିନ ଧରି ହାଇକୋର୍ଟକୁ ଅଚଳ କରିଦେଇଥିଲେ। ଏହି ତଥ୍ୟକୁ ସୁପ୍ରିମକୋର୍ଟଙ୍କ ପାଖରେ କାହିଁକି ରଖାଗଲା ନାହିଁ। ଏହା କ'ଣ ନିରପେକ୍ଷତା ବୋଲି ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଛନ୍ତି। ସେ ଆହୁରି କହିଥିଲେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଦୀର୍ଘ ୫୦ ବର୍ଷର ଦାବିକୁ ପଶ୍ଚିମ ଓଡ଼ିଶାର ଦଳିତ, ଆଦିବାସୀ, ଗରିବ ଖଟିଖିଆ, ଚାଷୀ ଓ ଜନସାଧାରଣ ସମର୍ଥନ କରିଆସୁଛନ୍ତି। ବର୍ତ୍ତମାନର ଏହି ଅଚଳାବସ୍ଥାକୁ ଦୂର କରିବା ପାଇଁ ତୁରନ୍ତ ରାଜ୍ୟ ସରକାର ଏକ ରିଭ୍ୟୁ ପିଟିଶନ ଜରିଆରେ ସୁପ୍ରିମକୋର୍ଟଙ୍କଠାରେ ପ୍ରକୃତ ତଥ୍ୟ ରଖିବାକୁ ସେ ଅନୁରୋଧ କରିଥିଲେ। ଓକିଲମାନଙ୍କର ରଦ୍ଦ ହୋଇଥିବା ଲାଇସେନ୍ସର ପୁନଃ ବିଚାର କରିବାର ଆବଶ୍ୟକତା ରହିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନଗରପାଳ

ଝାରସୁଗୁଡ଼ା ଅଫିସ/ବେଲପାହାଡ,୧୬।୧୨

**ପୌର ପରିଷଦରେ ବୈଠକ ହୋଇ ନ ପାରିବା ଘଟଣା**

ବେଲପାହାଡ଼ ପୌରପରିଷଦର ତୃତୀୟ ବୈଠକ କୋରମ ଅଭାବରୁ ହୋଇପାରିନାହିଁ। ଏ ନେଇ ନଗରପାଳ ନିମାଇଁ ଚରଣ ପଣ୍ଡା ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ୧୯ ୱାର୍ଡ ବିଶିଷ୍ଟ ପୌରପରିଷଦର ନଗରପାଳ କଂଗ୍ରେସ ଦଳର ହୋଇଥିବାବେଳେ ୨ଜଣ କାଉନସିଲର କଂଗ୍ରେସ, ୩ଜଣ ଭାଜପା ଓ ୧୪ ଜଣ ବିଜେଡି ସମର୍ଥିତ ବିଜୟୀ ହୋଇଛନ୍ତି। ପୂର୍ବରୁ ୨ଥର କାଉନସିଲ ବୈଠକ ଡକାଯାଇଥିଲେ ମଧ ଏଥିରେ ବିଜେଡିର ଅଧିକାଂଶ କାଉନସିଲର ଯୋଗଦେଇ ନ ଥିଲେ। ଏଭଳି ସ୍ଥିତ ଲାଗି ରହିବା ଫଳରେ ପୌରାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଅଚଳାବସ୍ଥା ଦେଖାଦେଇଛି। ଅନ୍ୟପଟେ ଅନୁପସ୍ଥିତ ରହୁଥିବା କାଉନସିଲରଙ୍କ କହିବାନୁସାରେ ରିଜୋଲୁଶନ କପି ନ ଦେଇ ବୈଠକ ଡାକିବା, ଲୋକଙ୍କ ସମସ୍ୟା ଉପସ୍ଥାପନ କଲେ ଲିଖିତ ଭାବେ ଜଣାଇବାକୁ କୁହାଯିବା ଭଳି ବ୍ୟବହାର ସାଙ୍ଗକୁ କାଉନସିଲରଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟକୁ ପ୍ରାଧାନ୍ୟ ନ ଦେଇ ଅନ୍ୟ କାର୍ଯ୍ୟର ଟେଣ୍ଡର ଡକାଯିବା ପ୍ରଭୃତି କାର୍ଯ୍ୟ ପାଇଁ ସେମାନେ ବୈଠକ ବର୍ଜନ କରିଛନ୍ତି। ଏ ନେଇ ନଗରପାଳ ପଣ୍ଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଏହାସହ ଅଞ୍ଚଳର ବିକାଶ ପାଇଁ ବୈଠକରେ ଯୋଗଦେଇ ଆଲୋଚନା କରିବା ପାଇଁ ସେ ସମସ୍ତ କାଉନସିଲରଙ୍କୁ ନିବେଦନ କରିଛନ୍ତି।

## ବନ୍ୟଜନ୍ତୁ ଶିକାର ଉଦ୍ୟମ, ୨ ଶିକାରୀ ଗିରଫ




ଗିରଫ ୨ ଅଭିଯୁକ୍ତ ଓ ଜବତ ଜିଆଇ ତାର।

ନାକଟିଦେଉଳ,୧୬।୧୨(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଖୋଲଗଡ଼ ସଂରକ୍ଷିତ ଜଙ୍ଗଲରେ ବନ କର୍ମଚାରୀ ଚଢାଉ କରି ୨ ଶିକାରୀଙ୍କୁ ଗିରଫ କରିବା ସହ ଜିଆଇ ତାର ଓ ଟାଙ୍ଗିଆ ଜବତ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ କିସିଣ୍ଡା ଥାନା ବଳମ ପଞ୍ଚାୟତ ଗଞ୍ଜାବାହାଲ ଗ୍ରାମର ବିରବର ପ୍ରଧାନ(୫୮) ଓ ଚରଣ ପ୍ରଧାନ(୫୩)। ସୂଚନା ଅନୁସାରେ ଏହି ଦୁଇଜଣଙ୍କ ସହ ସୁନୀଲ ବିଶି ୧୩ତାରିଖ ରାତ୍ରିରେ ଖୋଲଗଡ଼ ସଂରକ୍ଷିତ ଜଙ୍ଗଲରେ ଶୀକାର ପାଇଁ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ସଂଯୋଗ କରି ଜିଆଇ ତାର ବିଛାଇଥଲେ। ଗିରିଶ୍ଚନ୍ଦ୍ରପୁର ରେଞ୍ଜର ବନ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ଚଢାଉ କରିଥିଲେ। ଏହି ସମୟରେ ସୁନୀଲ ଫେରାର ହୋଇଯାଇଥିବାବେଳେ ବୀରବର ଓ ଚରଣ ଧରାପଡିଥିଲେ। ଗିରିଶ୍ଚନ୍ଦ୍ରପୁର ଫରେଷ୍ଟର ସୁଜିତ କୁମାର ପ୍ରଧାନ, ଫରେଷ୍ଟଗାର୍ଡ଼ ବିନୋଦ ମେହେର, ଅନୀଲ ନାଏକ ଚଢାଉରେ ସାମିଲ ଥିଲେ। ଗିରଫ ଶିକାରୀ ଦ୍ୱୟଙ୍କୁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଉଦ୍‌ଘାଟିତ

**ପ୍ରଥମ ରଜନୀରେ 'ଇଲା ଦିଦି', 'ଅବସର' ମଞ୍ଚସ୍ଥ**

ସମ୍ବଲପୁର,୧୬।୧୨(ବ୍ୟୁରୋ)

ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଶୁକ୍ରବାର ରାତିରେ ସମ୍ବଲପୁରସ୍ଥିତ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଶ୍ରୀକଳଚରାଲ ଆସୋସିଏଶନ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ସଂସ୍କୃତି ଗବେଷକ ତଥା ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧର, ଡ. ପ୍ରଦୀପ କୁମାର ପଣ୍ଡା ଓ ଡ. ବିଜୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନାଟକରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଭୁବନେଶ୍ୱର ବାସିନ୍ଦା ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କୁ ଶ୍ରୀନାଟ୍ୟ ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା । ଏଥିସହ ଭବାନୀପାଟଣାର ଅଭିନେତା ଶୁଭେନ୍ଦୁ ମହାପାତ୍ରଙ୍କୁ ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ ଓ ସମ୍ବଲପୁରର ଅଭିନେତ୍ରୀ ମୀନା ବୋଷଙ୍କୁ ସାଧନା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଏକକ ଚରିତ୍ର ଅଭିନୀତ ହିନ୍ଦୀ ନାଟକ ଇଲା ଦିଦି ମଞ୍ଚସ୍ଥ ହୋଇଥିଲା। ଏହାକୁ କଲିକତା ଆମତା ପରିଚୟ ଅନୁଷ୍ଠାନର କଳାକାର ପରିବେଷଣ କରିଥିଲେ। ନାଟକକୁ ଋତୁପର୍ଣ୍ଣା ବିଶ୍ୱାସ ରଚନା ଓ ଶୁଭେନ୍ଦୁ ଭଣ୍ଡାରୀ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଭୁବନେଶ୍ୱର କଳାକାରମାନେ ହର ବାରିକଙ୍କ ରଚିତ ଓ ହରେନ ସାହୁଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ ଅବସର ପରିବେଷଣ କରିଥିଲେ। ପ୍ରଫୁଲ୍ଲ କୁମାର ହୋତା, ସୁଶାନ୍ତ କୁମାର ପୁରୋହିତ, ଦୀଲିପ ଦେବ, ଆଶିଷ ସୋନାର, ଲଳିତ ମୋହନ ବେବର୍ତ୍ତା, ସନ୍ତୋଷ ରାୟଗୁରୁ ସହଯୋଗ କରିଥିଲେ ।

## କିଡ୍‌ନୀ ଆକ୍ରାନ୍ତଙ୍କୁ ଚିକିତ୍ସା କଲେ ଡାକ୍ତରୀଦଳ

ରେଢ଼ାଖୋଲ,୧୬।୧୨(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ତ୍ରିବଣପୁର ପଞ୍ଚାୟତର ସାନ ଖଲିଆମାଲ, ରେଢ଼ାଖୋଲ ଏନ୍‌ଏସିର କୁହି, ପୋଡାବଲଣ୍ଡା, ବଂଶାଜାଲ ପଞ୍ଚାୟତର ହେଲେଇ ଆଦି ଗ୍ରାମରେ କିଡ୍‌ନୀ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ବିଭିନ୍ନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରୀଦଳ ଆସି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ଦେଉଛନ୍ତି। ଶୁକ୍ରବାର ହେଲେଇ ଗ୍ରାମକୁ ଏକ ଡାକ୍ତରୀଦଳ ଆସି ୬ ଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଛନ୍ତି। ଏଥିସହିତ ନିୟମିତ ବ୍ୟବଧାନରେ କ୍ରେଟିନ, ୟୁରିଆ ଓ ହିମୋଗ୍ଲୋବିନ ପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଦଳରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭାଗୀୟ ମୁଖ୍ୟ ଡା. ଅଶୋକ କୁମାର ଦାଶ, ଡା. ସ୍ମୃତିରଞ୍ଜନ ପଣ୍ଡା ପ୍ରମୁଖ ରହିଥିଲେ। ଚାରମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ। ରୋଗୀମାନଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ଗ୍ରାମରେ ଥିବା ନଳକୂପ ଓ ଖୋଲାକୂପ ଜଳ ପରୀକ୍ଷା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେଉଛନ୍ତି ଡାକ୍ତରୀ ଦଳ।

## ଜିଏମ୍‌ୟୁରେ ଜାତୀୟ କର୍ମଶାଳା

ସମ୍ବଲପୁର,୧୬।୧୨(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ କେସ୍‌ଲିଖନ ଶୀର୍ଷକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧକ୍ଷତା କରିଥିଲେ। ଜାମସେଦପୁର ଜାଭିୟର୍ ଶ୍ରମ ସମ୍ପର୍କ ପ୍ରତିଷ୍ଠାନର ଡିନ୍ ପ୍ରଫେସର ତ୍ରିଲୋଚନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ, ଆର୍ଥିକ ଲାଭଦାୟକ ପରିଚାଳନା ସମ୍ପର୍କିତ ଦୁଇଟି କେସ୍‌ଷ୍ଟଡି ଉପସ୍ଥାପନା କରିଥିଲେ। ଉପକୁଳସଚିବ ଡ଼. ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ, ବିତ୍ତ ନିୟନ୍ତ୍ରକ ତଥା ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଶ୍ୟାମାଚରଣ ଆଚାର୍ଯ୍ୟ କର୍ମଶାଳାର ଲକ୍ଷ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ମ୍ୟାନେଜମେଣ୍ଟ ବିଭାଗର ଅଧ୍ୟାପିକା ଶିବାନୀ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।

## ବକ୍ସମା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କୁଚିଣ୍ଡା,୧୬।୧୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବକ୍ସମା ହାଇସ୍କୁଲର ୩୦ତମ ବାର୍ଷିକ କ୍ରୀଡା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଖବରଦାତା ସଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଥୀପ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସରପଞ୍ଚ ସରସ୍ୱତୀ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମିତି ସଭ୍ୟା ରଶ୍ମି କୁସୁମ, ଖବରଦାତା ସଞ୍ଜୟ ମିଶ୍ର, ବିଧାୟକ ପ୍ରତିନିଧି ବିକାଶ ପୃଷେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## କୁଡ଼ାପଡ଼ା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

କୁଚିଣ୍ଡା,୧୬।୧୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁଡାପଡା ପଞ୍ଚାୟତର କୁଡ଼ାପଡ଼ା ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅରବିନ୍ଦ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ନଳିନୀ କିଷାନ ମୁଖ୍ୟଅତିଥି, ସମିତି ସଭ୍ୟା କୁନି ସେଉଳ, ସ୍କୁଲ ପରିଚଳନା କମିଟି ସଭାପତି ଲମ୍ବୋଦର କୁମୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋଚନା କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଶୁଶିଳ ମହାକୁଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାନ୍ତ ଭୁକ୍ତା ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ରଶ୍ମିରେଖା ପଟେଲ, ହିନ୍ଦୀ ଶିକ୍ଷାକ ପ୍ରଶାନ୍ତ ଭୁକ୍ତା ସହାୟତା କରିଥିଲେ।

## ମଣ୍ଡଳସ୍ତରୀୟ ଭାଜପା ସାଙ୍ଗଠନିକ ବୈଠକ

କୁଚିଣ୍ଡା, ୧୬।୧୨(ଡି.ଏନ.ଏ.)

ବାମରା ବ୍ଲକ କେଶାଇବାହାଲ ମଣ୍ଡଳ ମହୁଲପାଲି ଠାରେ ଭାଜପା ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସୁନୀଳ କୁମାର ଦାସଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଯୋଗଦେଇ ପ୍ରତ୍ୟେକ ବୁଥ୍‌କୁ ଯାଇ କମିଟି ଗଠନ ସହ ସଂଗଠନ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ଉପାଧକ୍ଷ ସଞ୍ଜୟ ଦାସ, ରବଗା ସମିତି ସଭ୍ୟ ସୁବାସ ନାଏକ, କବରୀବାହାଲ ସମିତି ସଭ୍ୟ ଦୁର୍ଯ୍ୟୋଧନ ମୁଣ୍ଡା, ମଣ୍ଡଳ ପ୍ରଭାରୀ ପ୍ରକାଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ନେତୃବୃନ୍ଦ।

## ବିସ୍ଥାପିତଙ୍କ ପୁନର୍ବାସ ଥଇଥାନ ନେଇ ଗ୍ରାମସଭା

ଝାରସୁଗୁଡ଼ା ଅଫିସ,୧୬।୧୨

ଏନ୍‌ଏଲ୍‌ସି ଇଣ୍ଡିଆ ଲିଃର ତଲାବିରା ଦ୍ୱିତୀୟ ଓ ତୃତୀୟ କୋଇଲା ଖଣି ଦ୍ୱାରା ବିସ୍ଥାପିତ ପରିବାରଙ୍କ ପୁନର୍ବାସ ଓ ଥଇଥାନ ନେଇ ଜିଲା ପ୍ରଶାସନ ତରଫରୁ ପତ୍ରାପାଲି ଗ୍ରାମରେ ଶୁକ୍ରବାର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଦୟାମୟ ପାଢୀ ଅଧ୍ୟକ୍ଷତା କରିଥିବାବେଳେ ତହସିଲଦାର ବସନ୍ତ ହାତୀ, ଏସିଏଫ୍ ସସ୍ମିତା ସାହୁ, ରେଞ୍ଜର ରମେଶ ଚନ୍ଦ୍ର ନାଥ, ଏବିଡିଓ ଭଜ ମୋହନ କିଷାନ, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ଅମିତାଭ ପଣ୍ଡା, ସରପଞ୍ଚ ଖଗେଶ୍ୱର ନାୟକ, ସମିତି ସଭ୍ୟ ଗଣେଶ୍ୱର ରାଉତ, ଏନ୍‌ଏଲ୍‌ସି କମ୍ପାନୀର ସିଜିଏମ୍ ହେମନ୍ତ କୁମାର ପ୍ରମୁଖ ଯୋଗଦେଇଥିଲେ।

ପ୍ରାରମ୍ଭରେ ଉପଜିଲାପାଳ ପାଢୀ ସୂଚନା ଦେଇ କହିଥିଲେ, ୨ୟ ଓ ୩ୟ ଖଣି ଉତ୍ତୋଳନ ପାଇଁ ୨୦୧୩ ମସିହା ଗଣନା ଅନୁଯାୟୀ ଝାରସୁଗୁଡା ବନଖଣ୍ଡ ଅନ୍ତର୍ଗତ ପତ୍ରାପାଲି ଓ ମଳଦା ପଞ୍ଚାୟତର ୮୪୫ ହେକ୍ଟର ଜଙ୍ଗଲରୁ ୧ଲକ୍ଷ ୨୦ହଜାର ଗଛ କଟିବ। ପ୍ରଥମ ପର୍ଯ୍ୟାୟରେ ୧୩ ହେକ୍ଟର ଜଙ୍ଗଲରୁ ୧,୫୨୮ବଡ ଓ ୨ହଜାରରୁ ଊର୍ଦ୍ଧ୍ୱ ଛୋଟ ଗଛ କଟାଯିବ। ବିସ୍ଥାପିତ ପରିବାରଙ୍କ ପୁନର୍ବାସ ଓ ପୁନଃ ଥଇଥାନକୁ ନେଇ ଗ୍ରାମସଭାର ଆୟୋଜନ କରାଯାଇଛି ବୋଲି ସେ କହିଥିଲେ। ଏହା ଶୁଣିବାପରେ ୯ଜଣ ଗ୍ରାମବାସୀ ସେମାନଙ୍କ ମତ ରଖିଥିଲେ। ସେମାନେ ଅଭିଯୋଗ କରିଥିଲେ, ଗ୍ରାମର ୨୪୦ପରିବାର ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବାବେଳେ ଦୀର୍ଘ ୬ଦଶନ୍ଧି ହେଲାଣି ଅଦ୍ୟାବଧି ସେମାନଙ୍କୁ ୧୦ ଡେସିମିଲ୍ ଘର ଡିହ ଯୋଗାଇ ଦିଆଯାଇନାହିଁ । ଏଦିଗରେ ପୁନଃ ସର୍ଭେ କରାଯାଇ ଘରଡିହ ଜମି ସହ ଉପଯୁକ୍ତ କ୍ଷତିପୂରଣ ଦିଆଯିବବୋଲି ଉପଜିଲାପାଳ ପାଢୀ କହିଥିଲେ। ଏହାଛଡା କମ୍ପାନୀ ଦ୍ୱାରା ବିସ୍ଥାପିତ ହେବାକୁଥିବା ଲୋକଙ୍କୁ ଏକକାଳୀନ କ୍ଷତିପୂରଣ ପ୍ରଦାନ, ଗ୍ରାମର ବିକାଶପାଇଁ କମ୍ପାନୀ ଓ ଗ୍ରାମବାସୀଙ୍କୁ ନେଇ ଉନ୍ନୟନ କମିଟି ଗଠନ, କୋଇଲା ଉତ୍ତୋଳନ ପରେ ଗର୍ତ୍ତକୁ ମାଟି ଭର୍ତ୍ତିକରି ବୃକ୍ଷରୋପଣ କରିବା, ବେକାର ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇ ଯୋଗ୍ୟତା ଭିତ୍ତିକ ନିଯୁକ୍ତି, ଜଙ୍ଗଲ କାଟିବା ପରେ ଗଛର ମୂଲ୍ୟରୁ କିଛି ଅର୍ଥ ଗ୍ରାମବାସୀଙ୍କୁ ପ୍ରଦାନ, କମ୍ପାନୀ ତରଫରୁ ରୋଜଗାରର ବ୍ୟବସ୍ଥା ଆଦି ଦାବି ହୋଇଥିଲା । ଏହିସବୁ ଦାବି ପୂରଣ ନ ହେଲେ ଗଛ କାଟିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଜଣାଇଥିଲେ । ଏ ନେଇ ଉପଜିଲାପାଳ ପାଢୀ କହିଛନ୍ତି, ଗ୍ରାମସଭାରେ ସକରାତ୍ମକ ଆଲୋଚନା ହୋଇଛି। ଆଗକୁ ଏହି ପ୍ରକ୍ରିୟା ଜାରି ରହିବ।



ଗ୍ରାମସଭାରେ ଯୋଗଦେଇଥିବା ମହିଳାପୁରୁଷ।

**ଦାବି ପୂରଣ ନ ହେଲେ ଗଛ କାଟିବାକୁ ଦିଆଯିବ ନାହିଁ**

**ପହିଲାରୁ ଦର ବଢ଼ାଇବ ହୋଣ୍ଡା**

**ନୂଆଦିଲ୍ଲୀ:** ଆସନ୍ତା ଜାନୁଆରୀରୁ କାର୍ ନିର୍ମାଣ କମ୍ପାନୀ ହୋଣ୍ଡା ତାର ପ୍ରତ୍ୟେକ ମଡ଼େଲ ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବ ବୋଲି ଶୁକ୍ରବାର 'ହୋଣ୍ଡା କମ୍ପାନୀ' ପକ୍ଷରୁ ଘୋଷଣା କରାଯାଇଛି। ତେବେ ଏ ସମ୍ପର୍କରେ ହୋଣ୍ଡା କାର୍ ଇଣ୍ଡିଆ ଉପାଧ୍ୟକ୍ଷ(ବିକ୍ରୟ ଏବଂ ମାର୍କେଟିଂ) କୁନାଲ ବେହେଲ କହିଛନ୍ତି, ଗାଡ଼ି ନିର୍ମାଣରେ ବ୍ୟବହାର ହେଉଥିବା ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। କଞ୍ଚାମାଲର ଇନ୍‌ପୁଟ ମୂଲ୍ୟ ଏବଂ ଆଗାମୀ ନିୟମାକ ଆବଶ୍ୟକତା ଗୁଡ଼ିକର କ୍ରମାଗତ ବୃଦ୍ଧି ଆକଳନ କରିବା ପରେ ଜାନୁଆରୀ ୨୩ରୁ ଉତ୍ପାଦ ମୂଲ୍ୟରେ ସଂଶୋଧନ କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବଢ଼ୁଛି ବୈଦେଶିକ ମୁଦ୍ରାଭଣ୍ଡାର

- କ୍ରମାଗତ ୫ମ ସପ୍ତାହ ଲାଗି ବୃଦ୍ଧି
- ୨.୯ ବିଲିୟନ ବଢ଼ି ୫୬୪.୦୭ ବିଲିୟନ ଡଲାରରେ ଏଫଆର

**ନୂଆଦିଲ୍ଲୀ,୧୬।୧୨**



ଗତ କିଛିଦିନ ହେବ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସମସ୍ୟା ଲାଗି ରହିଛି। ଏଭଳି ସ୍ଥିତିରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର (ଏଫ୍‌ଆର୍)ରେ ବୃଦ୍ଧି ଘଟିଛି। ଏପରିକି ଡିସେମ୍ବର ୯ରେ ଶେଷ ହୋଇଥିବା ବଜାର କାରବାର ଓ ପରିବ୍ୟବସ୍ଥା ଗତ ସପ୍ତାହ ମଧ୍ୟରେ ୨.୯ ବିଲିୟନ ଡଲାର ବଢ଼ି ୫୬୪.୦୬ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏ ନେଇ ବିସ୍ତୃତ ସୂଚନା ଦିଆଯାଇଛି। ଆର୍‌ବିଆଇର ସୂଚନା ଅନୁସାରେ ବୈଦେଶିକ ମୁଦ୍ରାଭଣ୍ଡାର ଲଗାତର ୫ମ ସପ୍ତାହ ଲାଗି ବୃଦ୍ଧି ପାଇଛି। ଏପରିକି ପୂର୍ବ ସପ୍ତାହରେ ମଧ୍ୟ ବୈଦେଶିକ ମୁଦ୍ରାଭଣ୍ଡାରରେ ୧୧ବିଲିୟନ ଡଲାର ବଢ଼ି ୫୬୧.୧୬ ବିଲିୟନ ଡଲାରରେ ପହଞ୍ଚିଥିଲା।

ଉଲ୍ଲେଖଯୋଗ୍ୟ, ୨୦୨୧ ଅକ୍ଟୋବରରେ ବୈଦେଶିକ ମୁଦ୍ରାଭଣ୍ଡାର ୬୪୫ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚସ୍ତରକୁ ଛୁଇଁଥିଲା। ବୈଶ୍ୱିକ ଘଟଣାକ୍ରମରେ ଏହାର ପରିମାଣ ହ୍ରାସ ପାଇଥିଲା। ଫଳରେ କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ମୁଦ୍ରା (ଟଙ୍କା)ର ବିନିମୟ ମୂଲ୍ୟ ହ୍ରାସର ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲା। ବିଶେଷକରି ବୈଦେଶିକ ମୁଦ୍ରାଭଣ୍ଡାରର ବ୍ୟବହାର କରିବା ଯୋଗୁ ଏଥିରେ ହ୍ରାସ ଦେଖାଯାଇଥିଲା। ସେହିପରି କେନ୍ଦ୍ରୀୟ ବ୍ୟାଙ୍କର ସାପ୍ତାହିକ ତଥ୍ୟ ଅନୁସାରେ ମୁଦ୍ରାଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଅଂଶ ମନେକରାଯାଉଥିବା ବୈଦେଶିକ ପରିସମ୍ପତ୍ତି (ଆସେଟ୍) ଚଳିତ ବର୍ଷ ଡିସେମ୍ବର ୯ରେ ଶେଷ ହୋଇଥିବା ସପ୍ତାହରେ ୩.୧୪୧ ବିଲିୟନ ଡଲାର ବୃଦ୍ଧି ହୋଇ ୫୦୦.୧୨୫ ବିଲିୟନ ଡଲାରରେ ରହିଛି। ଉକ୍ତ ସପ୍ତାହରେ ଭାରତର ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ୨୯.୬ କୋଟି ଡଲାର ହ୍ରାସ ହୋଇ ୪୦.୭୯୨ ଡଲାର ହୋଇଯାଇଛି।

ଅପରପକ୍ଷରେ ଆର୍‌ବିଆଇର ତଥ୍ୟ ଅନୁସାରେ ବିଶେଷ ଆହରଣ ଅଧିକାର (ଏସ୍‌ଡିଆର୍) ୬.୧ କୋଟି ଡଲାର ବଢ଼ି ୪୦.୭୨୯ ବିଲିୟନ ଡଲାର ହୋଇଯାଇଛି। ଏପରିକି ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରେ ମଧ୍ୟ ସଂରକ୍ଷିତ ଦେଶର ମୁଦ୍ରାଭଣ୍ଡାର ୨୦ ଲକ୍ଷ ଡଲାର ବଢ଼ି ୫.୧୧ ବିଲିୟନରେ ପହଞ୍ଚିଛି।

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୧୬।୧୨**

କ୍ରମାଗତ ୨ ଦିନ ଲାଗି ଷ୍ଟକ୍ ବଜାରର କାରବାର ହ୍ରାସ ପାଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ(ଷ୍ଟକ୍ ବଜାର)ର ଫଳାଫଳ ଯୋଗୁ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍‌ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୬୧ (୪୬୧.୨୨) ପଏଣ୍ଟ ଖସି ୬୧,୩୩୮ (୬୧,୩୩୭.୮୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୬ (୧୪୫.୯୦) ପଏଣ୍ଟ ହ୍ରାସ ଘଟି ୧୮,୨୬୯ (୧୮,୨୬୯.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ରୁଙ୍ଗଟା ମାଇନ୍ସର ଓ୍ୱାର ରଡ୍ ମିଲ୍ କାର୍ଯ୍ୟକ୍ଷମ

**ନୂଆଦିଲ୍ଲୀ,୧୬।୧୨**

ଦେଶର ପ୍ରମୁଖ ମାଇନିଂ କମ୍ପାନୀ 'ରୁଙ୍ଗଟା ମାଇନ୍ସ ଲିମିଟେଡ୍' ପକ୍ଷରୁ ନିକଟରେ ଏକ ବଡ଼ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଝାଡ଼ଖଣ୍ଡସ୍ଥିତ ଚାଲିୟାମା ଷ୍ଟିଲ୍ ପ୍ଲାଣ୍ଟରେ ରୁଙ୍ଗଟା ଷ୍ଟିଲ୍ ଓ୍ୱାର ରଡସ୍ ମିଲ୍‌ର କାର୍ଯ୍ୟକ୍ଷମ କରାଯାଇଥିବା ଜଣାପଡ଼ିଛି। ବିଶେଷକରି କମ୍ପାନୀର ଓ୍ୱାର ରଡ୍ ମିଲ୍‌କୁ କାର୍ଯ୍ୟକ୍ଷମ କରାଯାଇଥିବାରୁ ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବା ଏବଂ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାର ସମାଧାନ ପ୍ରଦାନ କରିବାରେ ଏହା ରୁଙ୍ଗଟା ମାଇନ୍ସ ପାଇଁ ବେଶ୍ ସହାୟକ ହେବ। ସେହିଭଳି ରୁଙ୍ଗଟା ମାଇନ୍ସ ଲିମିଟେଡ୍‌ର ଓ୍ୱାର ରଡ୍ ସର୍ବଭାରତୀୟସ୍ତରରେ ଉପଲବ୍ଧ ହେବ। କେବଳ ଓ୍ୱାର ରଡ୍ ବିକ୍ରେତା ନୁହେଁ ବରଂ ଚୂଡ଼ାନ୍ତ ବ୍ୟବହାରକାରୀମାନଙ୍କ ଲାଗି ମଧ୍ୟ ଓ୍ୱାର ରଡ୍ ବିକ୍ରି ସୁବିଧା ଉପଲବ୍ଧ ହେବ। ସେହିପରି ରୁଙ୍ଗଟା ଓ୍ୱାର ରଡ୍ ବେଶ୍ ଉଜ୍ଜ୍ୱଳ ଏବଂ ଏକ କଏଲ୍ ବଣ୍ଡଲ ପ୍ୟାକେଜିଂରେ ତାହା ଆସୁଛି। ଏହା ସହିତ ଏହି ରଡ୍‌ଗୁଡ଼ିକର ଏକ ହଟ୍ ଚାର୍ଜିଂ ପ୍ଲାଣ୍ଟ ସହ ଏଲ୍‌ଆର୍‌ଏଫ୍ ଏବଂ ଇଣ୍ଡକ୍ସନ୍ ଫର୍ନାସ୍ ପାଇଁ ମଧ୍ୟ ବିକଳ୍ପ ରୁଟ୍ ରହିଛି। ରୁଙ୍ଗଟା ଷ୍ଟିଲ୍ ଓ୍ୱାର ରଡ୍ ପକ୍ଷରୁ ଏଚ୍‌ବି ଓ୍ୱାର ଶିଳ୍ପ, କେବୁଲ ଶିଳ୍ପ, ଇଲେକ୍ଟ୍ରୋଡ୍ ନିର୍ମାତା, ସ୍ୱତନ୍ତ୍ର ମାନର ଚୂଡ଼ାନ୍ତ ବ୍ୟବହାରକାରୀଙ୍କୁ ଓ୍ୱାର ରଡ୍ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ରଡ୍‌ଗୁଡ଼ିକୁ ଫାଷ୍ଟେନର ଶିଳ୍ପ ଏବଂ ଓ୍ୱାର ଡ୍ରଇଂ, ବାଇଣ୍ଡିଂ ଓ୍ୱାର, ବାର୍ବେଡ୍ ଓ୍ୱାର ଆଦି ପାଇଁ ବ୍ୟବହାର କରାଯାଇପାରିବ।

## ଆଇଫୋନ୍‌ରେ ଜିଓ ୫ଜିର ସେବା

**ନୂଆଦିଲ୍ଲୀ,୧୬।୧୨**




ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଆଇଫୋନ୍ ୧୨ ଓ ପରବର୍ତ୍ତୀ ଆଇଫୋନ୍ ମଡେଲଗୁଡ଼ିକ ପାଇଁ ଆଇଫୋନ ମଡେଲରେ ଜିଓ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ୨୦୨୨ ଡିସେମ୍ବର ୧୫ରୁ ଆଇଫୋନ୍ ୧୨ ଓ ପରବର୍ତ୍ତୀ ଆଇଫୋନ୍ ମଡେଲଗୁଡ଼ିକରେ ଅସୀମିତ ଡାଟା ସହ ଜିଓ ଟ୍ରୁ-୫ଜି ସେବା ଉପଲବ୍ଧ ହେଉଛି। ବିଶେଷକରି ଏହାର ବ୍ୟବହାରକାରୀମାନଙ୍କୁ ଆଇଫୋନ୍‌ର ସଦ୍ୟତମ ଆଇଓଏସ୍ ଏବଂ କ୍ୟାରିୟର ସେଟିଂକୁ ଅପ୍‌ଡେଟ୍ କରିବାକୁ ପଡ଼ିବ। ସେହିଭଳି ଜିଓ ଟ୍ରୁ-୫ଜି ସେବା ଆରମ୍ଭ ହୋଇସାରିଥିବା ସହରଗୁଡ଼ିକରେ ଅସୀମିତ ୫ଜି ବ୍ୟବହାର ପାଇଁ ଆଇଫୋନ୍ ଗ୍ରାହକମାନଙ୍କୁ ସକ୍ଷମ କରିବା ଲାଗି କମ୍ପାନୀ ପକ୍ଷରୁ ସେମାନଙ୍କ ନମ୍ବରରେ ଜିଓ ୱେଲ୍‌କମ୍ ଅଫର ମଧ୍ୟ ପ୍ରଦାନ କରାଯାଇଛି। ଅପରପକ୍ଷରେ ଆଇଫୋନ୍ ୧୨ମିନି, ଆଇଫୋନ୍ ୧୨, ଆଇଫୋନ୍ ୧୨ପ୍ରୋ, ଆଇଫୋନ୍ ୧୨ପ୍ରୋ ମ୍ୟାକ୍ସ, ଆଇଫୋନ୍ ୧୩ ମିନି, ଆଇଫୋନ୍ ୧୩, ଆଇଫୋନ୍ ୧୩ ପ୍ରୋ, ଆଇଫୋନ୍ ୧୩ ପ୍ରୋ ମ୍ୟାକ୍ସ, ଆଇଫୋନ୍ ଏସ୍‌ଇ ୨୦୨୨ (ଥାର୍ଡ ଜେନେରେଶନ), ଆଇଫୋନ୍ ୧୪, ଆଇଫୋନ୍ ୧୪ ପ୍ଲସ୍, ଆଇଫୋନ୍ ୧୪ ପ୍ରୋ, ଆଇଫୋନ୍ ୧୪ ପ୍ରୋ ମ୍ୟାକ୍ସରେ ବର୍ତ୍ତମାନ ଜିଓର ଟ୍ରୁ-୫ଜି ସେବା ହାସଲ କରିହେବ। ସେହିପରି ଆଇଫୋନ୍ ଡିଭାଇସ୍‌ରେ ୫ଜି ସେବାକୁ ଭାରତରେ ବ୍ୟବହାର କରିବା ସୁବିଧା ପ୍ରଦାନ କରିବା ଲାଗି ନଭେମ୍ବର ମାସର ପ୍ରଥମ ସପ୍ତାହରେ ଆପଲ୍ ପକ୍ଷରୁ କମ୍ପାନୀର ବିଟା ସଫ୍ଟୱେର ପ୍ଲାଟ୍‌ଫର୍ମରେ ଅପ୍‌ଡେଟ୍ ଜାରି କରାଯାଇଥିଲା।

## 'ଉତ୍ତର ଭାରତରେ ଟିକେଏମ୍‌ର ପ୍ରଥମ ଆଞ୍ଚଳିକ ଷ୍ଟକ୍‌ୟାର୍ଡ'

**ନୂଆଦିଲ୍ଲୀ,୧୬।୧୨**



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ଟୟୋଟା କିର୍ଲୋସ୍କର ମୋଟର'(ଟିକେଏମ୍)ର ଆଉ ଏକ ଷ୍ଟକ୍‌ୟାର୍ଡ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଉତ୍ତର ଭାରତରେ ଟିକେଏମ୍‌ର ପ୍ରଥମ ଆଞ୍ଚଳିକ ଷ୍ଟକ୍‌ୟାର୍ଡ ହରିୟାଣାର ଫାରୁକନଗରଠାରେ ଶୁଭାରମ୍ଭ କରାଯାଇଛି। ବିଶେଷକରି ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ଉତ୍ପାଦ ଏବଂ ସେବା ସହଜରେ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହାର ଶୁଭାରମ୍ଭ କରାଯାଇଥିବା ଟିକେଏମ୍ ପକ୍ଷରୁ କୁହାଯାଇଛି। ଉକ୍ତ ଷ୍ଟକ୍‌ୟାର୍ଡ ସ୍ଥାପନ ଦ୍ୱାରା ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଞ୍ଚଳ ଏବଂ ଜମ୍ମୁକଶ୍ମୀରର ଡିଲରମାନଙ୍କ ପାଇଁ ଗାଡ଼ି ଯୋଗାଣ ସହଜ ହେବ। ୫ ଏକର ପରିମିତ ଜମିରେ ଥିବା ଉକ୍ତ ଷ୍ଟକ୍‌ୟାର୍ଡରେ ୯୦୦ ଯାନର ପାର୍କିଂ କ୍ଷମତା ରହିଛି। ଏ ସମ୍ପର୍କରେ ଟିକେଏମ୍‌ର ଜେନେରାଲ ମ୍ୟାନେଜର ଭି. ୱିସ୍‌ଲିନ ସିଗାମଣି କହିଛନ୍ତି, ହରିୟାଣାଠାରେ ଆମର ପ୍ରଥମ ଆଞ୍ଚଳିକ ଷ୍ଟକ୍‌ୱାର୍ଡର ଉଦ୍‌ଘାଟନ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଆନନ୍ଦିତ । ଏପରିକି ଭାରତର ଉତ୍ତର ଭାଗ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଫାରୁକନଗର ଏକ ବ୍ୟବସାୟିକ ରଣନୈତିକ ସ୍ଥାନ ଭାବେ ପରିଗଣିତ ହୋଇଛି। ଉଲ୍ଲେଖଯୋଗ୍ୟ ଗତ ୨ ବର୍ଷ ମଧ୍ୟରେ ଟୟୋଟା ଉତ୍ତର ଭାରତରେ ୨୨ଟି ନୂତନ କଷ୍ଟମର ଟଚ୍ ପଏଣ୍ଟ ଦ୍ୱାରା ବିକ୍ରୟ ଏବଂ ସେବା ଯୋଗାଇଛି। ସୂଚନାଯୋଗ୍ୟ , ୨୦୨୦ରେ ଟିକେଏମ୍‌ର ପ୍ରଥମ ଆଞ୍ଚଳିକ ଷ୍ଟକ୍‌ୟାର୍ଡ ଗୁଆହାଟୀଠାରେ ଆରମ୍ଭ କରାଯାଇଥିଲା।

## 'ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ମେରିଟ୍ ସ୍କଲାରଶିପ'

**ନୂଆଦିଲ୍ଲୀ,୧୬।୧୨**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଆର୍‌ଭି ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ନାମଲେଖା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବିଶ୍ୱବିଦ୍ୟାଳୟର ୬ଟି ପ୍ରମୁଖ ସ୍କୁଲର ସମସ୍ତ ସ୍ନାତକ ଏବଂ ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ପ୍ରବେଶ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନପତ୍ର ମଧ୍ୟ ଗ୍ରହଣ କରାଯାଉଛି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟରେ ମଧ୍ୟ ଏ ନେଇ ସମସ୍ତ ସୂଚନା ଉପଲବ୍ଧ ଏବଂ ଅନ୍‌ଲାଇନ ଆବେଦନ ମାଧ୍ୟମରେ ପ୍ରାର୍ଥୀମାନେ ସେମାନଙ୍କର ବିଷୟବସ୍ତୁ ଅନୁଯାୟୀ ଆବେଦନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ବିଶେଷକରି ସ୍ନାତକ କାର୍ଯ୍ୟକ୍ରମ ପାଇଁ ଯୋଗ୍ୟତା ମାନଦଣ୍ଡ ୧୦+୨ କିମ୍ବା ସିବିଏସ୍‌ଇ, ଆଇଏସ୍‌ସି, ଆଇବି, କେମ୍ବ୍ରିଜ, ରାଜ୍ୟ ବୋର୍ଡ ଏବଂ ଅନ୍ୟାନ୍ୟ ସରକାରୀ ସ୍ୱୀକୃତିପ୍ରାପ୍ତ ବୋର୍ଡଠାରୁ ସମାନ ସମାପ୍ତି ପ୍ରମାଣପତ୍ର ଆବଶ୍ୟକ ରହିଛି, ଆର୍‌ଭି ସ୍କୋଲାଷ୍ଟିକ ଆଡ୍‌ମିସନ ଟେଷ୍ଟ ଏବଂ ଆର୍‌ଭି ବିଶ୍ୱବିଦ୍ୟାଳୟର ଚୟନ ପ୍ରକ୍ରିୟାରେ ଆବେଦନକାରୀଙ୍କ ପ୍ରଦର୍ଶନ ଉପରେ ଚୟନ ମାନଦଣ୍ଡ ଆଧାରିତ ହେବ। ଆର୍‌ଭି ବିଶ୍ୱବିଦ୍ୟାଳୟରେ ସମସ୍ତ ୟୁଜି ଏବଂ ପିଜି କାର୍ଯ୍ୟକ୍ରମ ପାଇଁ ଆର୍‌ଭିଏସ୍‌ଏଟି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷା। ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ମେରିଟ୍‌ସ୍କଲାରଶିପ ମଧ୍ୟ ପ୍ରଦାନ କରୁଛି।

ଏ ସମ୍ପର୍କରେ ଆର୍‌ଭି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ପ୍ରଫେସର ୱାଇ.ଏସ୍.ଆର୍. ମୂର୍ତ୍ତି କହିଛନ୍ତି, ଏଠାରେ ବିଶ୍ୱବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଏବଂ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ ଛାତ୍ରୀଛାତ୍ରୀମାନଙ୍କୁ ନୂତନ ଜ୍ଞାନ ଆହରଣ କରିବାକୁ ଆମେ ଉତ୍ସାହିତ କରିଥାଉ।

# ଫୁରସତ୍

## ୨୫୦୦ ବର୍ଷ ପୁରୁଣା ପ୍ରଶ୍ନର ସମାଧାନ କଲେ ଭାରତୀୟ ଛାତ୍ର

**ଇଂଲଣ୍ଡ**



କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଭାରତୀୟ ଛାତ୍ର ୨୫୦୦ ବର୍ଷ ପୁରୁଣା ସଂସ୍କୃତ ବ୍ୟାକରଣ ପ୍ରଶ୍ନର ସମାଧାନ କରି ଚର୍ଚ୍ଚାକୁ ଆସିଛନ୍ତି। ୨୭ ବର୍ଷୀୟ ଋଷି ଅତୁଲ ରାଜପୋପାଟ ସଂସ୍କୃତ ପଣ୍ଡିତ ପାଣିନୀଙ୍କ ଏହି ବ୍ୟାକରଣ ସମାଧାନ କରିବାରେ ସକ୍ଷମ ହାଇଛନ୍ତି। ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀଠାରୁ ସଂସ୍କୃତରେ ପାଣ୍ଡିତ୍ୟ ଲାଭ କରିଥିବା ବହୁ ଛାତ୍ର ଏହି ପ୍ରଶ୍ନର ସମାଧାନ କରିବାରେ ଅସମର୍ଥ ହୋଇଥିଲେ। ଅନ୍ୟପକ୍ଷେ ଏହି ପ୍ରଶ୍ନ ଅନେକଙ୍କୁ ବିବ୍ରତ ମଧ୍ୟ କରିଥିଲା। ବହୁବର୍ଷ ଧରି ସମାଧାନ ହୋଇପାରୁ ନ ଥିବା ପାଣିନୀଙ୍କ ବ୍ୟାକରଣ ପ୍ରଶ୍ନର ସମାଧାନ କରିବା ପାଇଁ ଅତୁଲଙ୍କୁ ପାଖାପାଖି ୨ ବର୍ଷରୁ ଅଧିକ ଦିନ ଲାଗିଯାଇଥିଲା।

ଅତୁଲ କେମ୍ବ୍ରିଜ୍‌ର ଏସ୍‌ଟି. ଜନ୍ସ କଲେଜରେ ଏସିଆନ୍ ମିଡିଲ ଇଷ୍ଟର୍ନ ଷ୍ଟଡିଜ୍‌ରେ ପିଏଚ୍‌ଡି କରୁଛନ୍ତି। ସଂସ୍କୃତରେ ପାଣ୍ଡିତ୍ୟ ହାସଲ କରିଥିବା ପାଣିନୀ ସଂସ୍କୃତ ବ୍ୟାକରଣରେ ଏକ 'ମେଟାରୁଲ' ବାହାର କରିଥିଲେ। ଏହାର ବ୍ୟବହାର ଦ୍ୱାରା ଅନେକ ବ୍ୟାକରଣ ପ୍ରଶ୍ନର ସମାଧାନ କରାଯାଇ ଆସୁଛି। ସଂସ୍କୃତ ବ୍ୟାକରଣ କ୍ଷେତ୍ରରେ ଦୁଇଟି ନିୟମକୁ ନେଇ ଯଦି କୌଣସି ପରିସ୍ଥିତିରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ, ତେବେ ସେମାନଙ୍କ ମଧ୍ୟରେ କ୍ରମାନୁଯାୟୀ ନିୟମର ପ୍ରୟୋଗ କରାଯାଇ ସମାଧାନ କରାଯାଏ। ଏହି କ୍ରମରେ ବହୁ ପଣ୍ଡିତ ଅଢ଼େଇ ହଜାର ବର୍ଷର ପ୍ରଶ୍ନର ସମାଧାନ କରିବାରେ ବିଫଳ ହେଉଥିଲେ। କିନ୍ତୁ ଅତୁଲ ଏହି ପାରମ୍ପରିକ ନିୟମର ବିପରୀତରେ ଯାଇ ଏହାର ସମାଧାନ କରିଛନ୍ତି। ୯ ମାସ କାଳ ଅତୁଲ ବହୁ ସଂସ୍କୃତ ସୂତ୍ର ଅଧ୍ୟୟନ କରିଥିଲେ। ସୁଫଳ ନ ହେବାରୁ ସେ ପ୍ରଶ୍ନର ସମାଧାନ କରିବେ ନାହିଁ ବୋଲି ସ୍ଥିର କରିନେଲେ। କିଛିଦିନ ପର୍ଯ୍ୟନ୍ତ ସେ ଏହାକୁ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ। କିନ୍ତୁ ପୁଣି ଯେତେବେଳେ ସେ ପଢ଼ାପଢ଼ି ଆରମ୍ଭ କଲେ ସେ ମସୟରେ ହଠାତ୍ ତାଙ୍କୁ ଏ ପ୍ରଶ୍ନର ସମାଧାନ ସୂତ୍ର ଜଣାପଡ଼ିଲା ବୋଲି ସେ କହିଛନ୍ତି। ଅତୁଲଙ୍କ ଏ ପ୍ରକାର ପ୍ରଶଂସନୀୟ କାର୍ଯ୍ୟ ପାଇଁ ତାଙ୍କୁ ପଢ଼ାଉଥିବା ପ୍ରଫେସର ଓ ସହପାଠୀ ଖୁସି ବ୍ୟକ୍ତ କରିଛନ୍ତି।

## ଝିଅକୁ ଚିଡ଼ିଆଖାନା ବୁଲାଇଲେ ପ୍ରିୟଙ୍କା



**ମୁମ୍ବାଇ:** ଗ୍ଲୋବାଲ ଆଇକନ ପ୍ରିୟଙ୍କା ଚୋପ୍ରା ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ବ୍ୟସ୍ତ ଥିବା ସତ୍ତ୍ୱେ ପ୍ରଶଂସକଙ୍କ ପାଇଁ ସମୟ ବାହାର କରନ୍ତି। ନିକଟରେ ସେ ଝିଅ ମାଲତୀ ମେରିଙ୍କୁ ଲସ୍ ଆଞ୍ଜେଲସରେ ଥିବା ଏକ ପ୍ରାଣୀ ଉଦ୍ୟାନ ବୁଲାଇ ନେଇଥିଲେ। ତାଙ୍କ ସହ ଥିଲେ ସ୍ୱାମୀ ନିକ୍ ଜୋନାସ। ପ୍ରିୟଙ୍କା ଇନ୍‌ଷ୍ଟାଗ୍ରାମ ଏକ ସୁନ୍ଦର ପାରିବାରିକ ଫଟୋ ଶେୟାର କରିଛନ୍ତି। ଫଟୋରେ ପ୍ରିୟଙ୍କା, ନିକ୍ ଏବଂ ମାଲତୀ ଆକ୍ୱାରିୟମ ନିକଟରେ ପୋଜ୍ ଦେଉଥିବା ନଜର ଆସିଛନ୍ତି। ମାଲତୀ ନିକ୍‌ଙ୍କ କୋଳରେ ଥାଇ ପ୍ରିୟଙ୍କାଙ୍କୁ ଚାହିଁ ରହିଛନ୍ତି। ପ୍ରିୟଙ୍କା ଏବଂ ନିକ୍ ଜୋନାସ ସରୋଗେସିରେ ଗତ ଜାନୁୟାରୀ ୧୫ରେ କନ୍ୟା ସନ୍ତାନର ମାତାପିତା ହୋଇଥିଲେ।

## ଚେନ୍ନାଇରେ ରିଲିଜ୍ ହେଲାନି 'ଅବତାର ଦ ଓ୍ୱେ ଅଫ୍ ଓ୍ୱାଟର'

**ଚେନ୍ନାଇ:** ବିଶ୍ୱବ୍ୟାପୀ ଯେଉଁ ଫିଲ୍ମକୁ ବହୁ ଉତ୍ସାହର ସହ ଦର୍ଶକ ଅପେକ୍ଷା କରି ରହିଥିଲେ ଶେଷରେ ଶୁକ୍ରବାର ହଲ୍‌ରେ ଏହା ରିଲିଜ ହୋଇଛି। 'ଅବତାର ଦ ଓ୍ୱେ ଅଫ୍ ୱାଟର'ର ପ୍ରଥମ ଭାଗକୁ ଯେପରି ଭଲ ପାଇବା ମିଳିଥିଲା, ବର୍ତ୍ତମାନ ୧୩ ବର୍ଷ ପରେ ଏହାର ଦ୍ୱିତୀୟ ଭାଗକୁ ନେଇ ଦର୍ଶକଙ୍କ ମଧ୍ୟରେ ଏକ ହାଇ ଲେବଲ କ୍ରେଜ୍ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଚେନ୍ନାଇର ଦର୍ଶକଙ୍କ ପାଇଁ ଏକ ଦୁଃଖଦ ଖବର। କାରଣ ଏହି ଫିଲ୍ମକୁ ଅନେକ ଲୋକପ୍ରିୟ ହଲ୍‌ରେ ରିଲିଜ କରାଯାଇ ନାହିଁ। ଥିଏଟରର ମାଲିକମାନେ ନିଜେ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି। ଏଥିସହ ଫିଲ୍ମ ରିଲିଜ ନ ହେବା ନେଇ ସେମାନେ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଜିଏସ ସିନେମାର ସିଇଓ ଅର୍ଚ୍ଚନା କଲପତି ଟୁଇଟ କରି କହିଛନ୍ତି ଯେ, ଆମକୁ ଦିଆଯାଇଥିବା ସର୍ତ୍ତାବଳୀରେ ସହମତ ନ ହେବାରୁ ଏହାକୁ ଚେନ୍ନାଇର ଅନେକ ଫିଲ୍ମ ହଲ୍‌ରେ ରିଲିଜ କରାଯାଇ ନାହିଁ। ବଡ଼ ପରଦାରେ ଏହି ଫିଲ୍ମକୁ ନ ଦେଖିବାର ଦୁଃଖ ନିଶ୍ଚିତ ରହିବ ବୋଲି ଅର୍ଚ୍ଚନା କହିଛନ୍ତି।




## ୪ ଗୋଡ଼ିଆ ଶିଶୁକନ୍ୟା ଜନ୍ମ



**ଗ୍ୱାଲିଅର:** ଯଦି ସୋସିଆଲ ମିଡିଆକୁ ଅଜବ ଜିନିଷର ଦୁନିଆ କୁହାଯାଏ, ତେବେ ଏହା ଭୁଲ ହେବ ନାହିଁ, ଏଠାରେ ଅନେକ ସମୟରେ ଏପରି କିଛି ଜିନିଷ ଦେଖିବାକୁ କିମ୍ବା ଶୁଣିବାକୁ ମିଳିଥାଏ ଯାହା ଆଶ୍ଚର୍ଯ୍ୟଜନକ। ଇତିମଧ୍ୟରେ ମଧ୍ୟପ୍ରଦେଶର ଗ୍ୱାଲିଅରରୁ ଏକ ଘଟଣା ସାମ୍ନାକୁ ଆସିଛି, ଯାହାକୁ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ସିକନ୍ଦର କାମ୍ପୋ ଅଞ୍ଚଳରେ ରହୁଥିବା ଆରତୀ କୁଶୱା କମଳା ରାଜା ହସ୍ପିଟାଲରେ ଗୋଟିଏ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ତେବେ ସେ ଜନ୍ମ ଦେଇଥିବା ଶିଶୁକନ୍ୟାର ୪ଟି ଗୋଡ଼ ଦେଖି ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୪ ଗୋଡ଼ିଆ ଶିଶୁକନ୍ୟା ଜନ୍ମ ହେବା ପରେ ସେମାନେ ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୋସିଆଲ ମିଡିଆରେ ଶିଶୁଟିର ଫଟୋ ଭାଇରାଲ ହେବାରେ ଲାଗିଛି। ଡାକ୍ତରଙ୍କ କହିବା ଅନୁଯାୟୀ ଏହାକୁ ଆଇସିଓପେଗସ୍ କୁହାଯାଏ। ଭ୍ରୂଣ ମାତୃଗର୍ଭରେ ଥିବା ସମୟରେ ବେଳେବେଳେ ଅତିରିକ୍ତ ବଢ଼ିଯାଇ ଆଇସିଓପେଗସ୍‌ର ଶିକାର ହୋଇଥାନ୍ତି। ଅନେକ କ୍ଷେତ୍ରରେ ଏହିପରି ଲକ୍ଷଣ ସାମ୍ନାକୁ ଆସିଛି।

ଧରିତ୍ରୀ
DHARITRI
ଶନିବାର, ୧୭ ଡିସେମ୍ବର, ୨୦୨୨

**ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଥମ ମହଲାରୁ ଫିଙ୍ଗିଦେଲେ ଶିକ୍ଷୟିତ୍ରୀ**

ଦିଲ୍ଲୀର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୁଣ୍ଡକୁ ଶିକ୍ଷୟିତ୍ରୀ କଇଁଚିରେ ପିଟିବା ସହ ସ୍କୁଲ୍ ବିଲ୍ଡିଂର ପ୍ରଥମ ମହଲାରୁ ତଳକୁ ଫିଙ୍ଗିଦେଇଛନ୍ତି। ଆହତ ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଶିକ୍ଷୟିତ୍ରୀ ଗୀତା ଦେଶୱାଲଙ୍କୁ ଅଟକ ରଖାଯାଇଛି। ଦିଲ୍ଲୀ ମଡେଲ ବସ୍ତି ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ବହୁସଂଖ୍ୟାରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ହୋହଲ୍ଲା କରୁଥିବାବେଳେ ପୋଲିସ ସ୍ଥିତିକୁ ଆୟତ୍ତ କରିଛି। ଶିକ୍ଷୟିତ୍ରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବ୍ଲାକ୍‌ମେଲ୍‌ର ମାଧ୍ୟମ ହୋଇପାରେ ପିଆଇଏଲ୍

**ନୂଆଦିଲ୍ଲୀ ,୧୬।୧୨(ଆଇଏଏନ୍‌ଏସ୍):** ଭିତ୍ତିଭୂମି ପ୍ରକଳ୍ପ ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ବ୍ଲାକ୍‌ମେଲ୍‌ର ମାଧ୍ୟମ ହୋଇପାରେ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଟିପ୍ପଣୀ ଦେଇଛନ୍ତି। ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ପିଆଇଏଲ୍ ଦ୍ୱାରା ସର୍ବାଧିକ ଟାର୍ଗେଟ କରାଯାଉଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ମୁମ୍ବାଇରେ ଜମି ପ୍ଲଟ୍ ପୁନଃ ବିକାଶ ବିରୋଧରେ ଏକ ପିଟିଶନକୁ ଶୁଣାଣି ଲାଗି ଗ୍ରହଣ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ଉକ୍ତ ପିଟିଶନ ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା ବମ୍ବେ ହାଇକୋର୍ଟ ଜାଣିବାକୁ ପାଇଥିଲେ।

### ଲିଙ୍ଗାୟତ ସନ୍ଥ ଆତ୍ମହତ୍ୟା ପଛରେ ମହିଳା ଭକ୍ତ

**ରାମନଗର(କର୍ଣ୍ଣାଟକ),୧୬।୧୨:** କର୍ଣ୍ଣାଟକ ରାମନଗର ଜିଲାର କଞ୍ଚୁଗାଲ ବନ୍ଦେ ମଠ ମହନ୍ତ ବାସବଲିଙ୍ଗା ଶ୍ରୀ ସ୍ୱାମୀଜୀ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ପୋଲିସ ସ୍ଥାନୀୟ କୋର୍ଟରେ ଶୁକ୍ରବାର ଚାର୍ଜଶିଟ୍ ଦାଖଲ କରିଛି। ଏହି ଆତ୍ମହତ୍ୟା ପଛରେ ମହିଳା ଭକ୍ତ ନୀଲମ୍ବିକେଙ୍କ ଭୂମିକା ରହିଥିବା ଚାର୍ଜଶିଟ୍‌ରେ ଅଭିଯୋଗ କରାଯାଇଛି। ମହିଳା ଭକ୍ତ ଜଣକ ଇଞ୍ଜିନିୟରିଂ ପଢୁଥିଲେ। ମହନ୍ତ ତାଙ୍କୁ ଏକଦା ଅପମାନିତ କରିଥିଲେ। ପ୍ରତିଶୋଧ ନେବା ଲାଗି ଅନ୍ୟ ଜଣେ ସନ୍ଥଙ୍କ ସହ ମିଶି ସେ ମହନ୍ତଙ୍କୁ ହନିଟ୍ରାପ୍‌ରେ ପକାଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ପ୍ରତିଶୋଧ ଏବଂ ଲୋଭ ଯୋଗୁ ହନିଟ୍ରାପ୍ କରାଯାଇ ମହନ୍ତଙ୍କୁ ନିର୍ଯାତନା ଦିଆଯାଇଥିଲା, ଯେଉଁଥିପାଇଁ ସେ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ ବୋଲି ଅଭିଯୋଗ କରାଯାଇଛି। ଏହି ମାମଲାରେ କନ୍ନୁରୁ ମଠର ମୃତ୍ୟୁଞ୍ଜୟ ସ୍ୱାମିଜୀ ଏବଂ ନୀଲମ୍ବିକେ ଓରଫ ଚନ୍ଦାଙ୍କୁ ଗିରଫ କରାଯାଇଛି।

### ସ୍କୁଲ ବସ୍‌ରେ ହୃଦ୍‌ଘାତ: ଛାତ୍ରଙ୍କ ମୃତ୍ୟୁ

**ଭିନ୍ଦ୍ ,୧୬।୧୨:** ମଧ୍ୟପ୍ରଦେଶର ଭିନ୍ଦ୍ ଜିଲାରେ ସ୍କୁଲ୍ ବସ୍‌ରେ ଯାଉଥିବା ଜଣେ ୧୨ ବର୍ଷର ଛାତ୍ର ହଠାତ୍ ମୂର୍ଚ୍ଛା ଯିବା ପରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁରେ ସେ ସର୍ବକନିଷ୍ଠ ହୋଇପାରନ୍ତି ବୋଲି ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି। ଇଟାୱା ରୋଡ୍‌ରେ ଥିବା ଏକ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ମନୀଷ ଯାଦଭ ଗୁରୁବାର ଭାଇ ସହ ମଧ୍ୟାହ୍ନ ଭୋଜନ କରିବା ପରେ ଅପରାହ୍ନ ୨ଟାରେ ସ୍କୁଲ୍ ବସ୍‌ରେ ଚଢ଼ିଥିଲେ। କିଛି ସମୟ ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଡ୍ରାଇଭର ଏନେଇ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ହୃଦ୍‌ଘାତରେ ମନୀଷଙ୍କ ମୃତ୍ୟୁ ଘଟିସାରିଥିବା ଜିଲା ହସ୍ପିଟାଲ ସର୍ଜନ ଡ.ଅନିଲ ଗୋୟଲ କହିଛନ୍ତି।

### ଅନ୍‌ଲାଇନରେ ଏସିଡ୍ ବିକ୍ରି: ୨ ଇ-କମର୍ସ ସଂସ୍ଥାକୁ ନୋଟିସ

**ନୂଆଦିଲ୍ଲୀ ,୧୬।୧୨:** ଅନ୍‌ଲାଇନରେ ଏସିଡ୍ ବିକିବା ଅଭିଯୋଗରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଦୁଇଟି ଇ-କମର୍ସ ସଂସ୍ଥା ଫ୍ଲିପ୍‌କାର୍ଟ ଇଣ୍ଟନେଟ୍ ପ୍ରା.ଲିଃ ଏବଂ ଫାସ୍‌ନିଅର ଟେକ୍‌ନୋଲୋଜିଜ୍ ପ୍ରା.ଲିଃକୁ ନୋଟିସ୍ ଜାରି କରିଛନ୍ତି। ଏସିଡ୍ ବିକ୍ରିରେ ନିୟମ ଉଲ୍ଲଂଘନ କରିଥିବାରୁ ୭ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ବିପଜ୍ଜନକ ଏସିଡ୍ ଉପଲବ୍ଧ ହେବା ଗ୍ରାହକ ତଥା ଜନସାଧାରଣଙ୍କ ପାଇଁ ବିପଜ୍ଜନକ ଓ ଅସୁରକ୍ଷିତ ବୋଲି ସିସିପିଏ କହିଛନ୍ତି। ବୁଧବାର ଦିଲ୍ଲୀର ଦ୍ୱାରିକା ଅଞ୍ଚଳରେ ଜଣେ ୧୭ ବର୍ଷୀୟ କିଶୋରୀଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ଫ୍ଲିପ୍‌କାର୍ଟରୁ ଏସିଡ୍ କିଣିଥିବା ଜଣାପଡ଼ିଥିଲା।

### ଟ୍ରେନ୍‌ରୁ ଡେଇଁ ୨ ନାବାଳକଙ୍କ ମୃତ୍ୟୁ

**କୋଚି,୧୬।୧୨:** କେରଳର କୋରାଛି ରେଳଷ୍ଟେଶନ ନିକଟରେ ୨ ଜଣ ନାବାଳକ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇଯିବାକୁ ଉଦ୍ୟମ କରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ କୋରାଛିର କୃଷ୍ଣକୁମାର(୧୭) ଏବଂ ସଞ୍ଜୟ (୧୬)। ରାତି ୩ଟାରେ ଟ୍ରେନ୍‌ଟି କୋରାଛି ଷ୍ଟେଶନରେ ନ ଅଟକିବାରୁ ନାବାଳକଦ୍ୱୟ ଡେଇଁପଡ଼ିଥିଲେ। ଭୋର ସମୟରେ ସେମାନଙ୍କ ମୃତଦେହ ମିଳିଥିଲା।



ବେଲଜିୟମରେ ଦରଦାମ ବୃଦ୍ଧିର ପ୍ରତିବାଦରେ ବ୍ରସେଲ୍ସରେ ଜଣେ ବ୍ୟକ୍ତି ସ୍ମୋକ୍ ଗ୍ରେନେଡ୍ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ରାକୁଲପ୍ରୀତ୍‌ଙ୍କୁ ଇଡି ସମନ

**ହାଇଦ୍ରାବାଦ,୧୬।୧୨**



ଟଲିଉଡ୍ ଡ୍ରଗ୍ସ କାରବାର ସହ ଜଡିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିନେତ୍ରୀ ରାକୁଲ ପ୍ରୀତ୍ ସିଂଙ୍କୁ ସମନ ଜାରି କରିଛି। ଏହି ମାମଲାରେ ଇଡି ଗତବର୍ଷ ସେପ୍ଟେମ୍ବରରେ ରାକୁଲଙ୍କୁ ଜେରା କରିଥିଲା। ୪ ବର୍ଷ ହେଲା ଇଡି ତେଲୁଗୁ ସିନେମା ଇଣ୍ଡଷ୍ଟ୍ରିଜ୍‌ରେ ବେଆଇନ ନିଶା କାରବାରର ତଦନ୍ତ ଚଳାଇଥିବାବେଳେ ଅନେକ ଅଭିନେତାଙ୍କୁ ଜେରା କଲାଣି। ୨୦୧୭ ଜୁଲାଇରେ ସଙ୍ଗୀତକାର କାଲ୍‌ଭିନ୍ ମାସ୍‌କାରେନ୍‌ହାସ୍ ଓ ଅନ୍ୟ ୨ ଜଣଙ୍କଠାରୁ ୩୦ ଲକ୍ଷ ଟଙ୍କାର ଡ୍ରଗ୍ସ ଜବତ ହୋଇଥିଲା। ପୂର୍ବରୁ ଇଡି ଏହି ମାମଲାରେ ଟଲିଉଡ୍ ସେଲିବ୍ରିଟି ରବି ତେଜା, ଚାର୍ମି କୌର, ନବଦୀପ, ମୁମିଥ ଖାନ୍, ତନିଶ, ନନ୍ଦୁ, ତରୁନ୍ ଏବଂ ରାଣା ଡଗୁବତିଙ୍କୁ ସମନ କରିଛି।

# ‘ଗୁଜରାଟ କଂସେଇ ଏବେ ପ୍ରଧାନମନ୍ତ୍ରୀ’

## ୟୁଏନ୍‌ଏସ୍‌ସିରେ ଭାରତ- ପାକିସ୍ତାନ ମୁହାଁମୁହିଁ

**ନ୍ୟୁୟର୍କ/ନୂଆଦିଲ୍ଲୀ,୧୬।୧୨**



ବିଲାୱଲଙ୍କ ବିବାଦୀୟ ମନ୍ତବ୍ୟ



ପାକ୍ ଆତଙ୍କବାଦର କେନ୍ଦ୍ରସ୍ଥଳୀ: ଜୟଶଙ୍କର

ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ ମୃତ। କିନ୍ତୁ ଗୁଜରାଟର କଂସେଇ ଏବେ ବି ଜୀବିତ ଏବଂ ସେ ଭାରତର ପ୍ରଧାନମନ୍ତ୍ରୀ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ସମାଲୋଚନା କରିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନକୁ ‘ଆତଙ୍କବାଦର କେନ୍ଦ୍ରସ୍ଥଳ’ ବୋଲି ଅଭିହିତ କରିଥିବାବେଳେ ଏହାର ଜବାବ ଦେବାକୁ ଯାଇ ବିଲାୱଲ ଏପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ଯାହାକୁ ନେଇ ଝଡ଼ ସୃଷ୍ଟି ହୋଇଛି।

୨୦୨୨ ଡିସେମ୍ବର ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷତା ଭାରତ ଭାଗରେ ପଡ଼ିଛି। ଚଳିତ ଅଧିବେଶନରେ ପ୍ରସଙ୍ଗ ରହିଛି ‘ନ୍ୟୁ ଓରିଏଣ୍ଟେଶନ ଫର୍ ରିଫର୍ମଡ୍ ମଲ୍ଟିଲେଟରାଲିଜମ୍’ ଅର୍ଥାତ୍ ସଂସ୍କାରିତ ବହୁପକ୍ଷବାଦ ପାଇଁ ନୂତନ ଅଭିବିନ୍ୟାସ। ଜାତିସଂଘ ମୁଖ୍ୟାଳୟରେ ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଡ. ସୁବ୍ରମଣ୍ୟମ୍ ଜୟଶଙ୍କର ଏ ସମ୍ପର୍କିତ ଖୋଲା ବିତର୍କରେ ଅଧ୍ୟକ୍ଷତା କରି କହିଥିଲେ, ସୁରକ୍ଷା ପରିଷଦରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବା ଅନୁଚିତ। ଯେଉଁ ଦେଶ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଲାଡେନ୍‌ଙ୍କୁ ସୁରକ୍ଷା ପ୍ରଦାନ କରିଥିଲା, ସେହି ରାଷ୍ଟ୍ର ଏବେ ଜାତିସଂଘରେ ପ୍ରବଚନ ଦେବାର ବିଶ୍ୱସନୀୟତା ହରାଇଛି। ସାରା ବିଶ୍ୱ ପାକିସ୍ତାନକୁ ‘ଆତଙ୍କବାଦର କେନ୍ଦ୍ରସ୍ଥଳୀ’ ଭାବେ ଦେଖୁଛି। ପାକିସ୍ତାନ ନିଜ କର୍ମରେ ଶୁଦ୍ଧତା ଆଣି ଏକ ଭଲ ପଡ଼ୋଶୀ ହେବାକୁ ଉଦ୍ୟମ କରିବା ଉଚିତ। ଆତଙ୍କବାଦର ଉତ୍ପତ୍ତି କେଉଁଠୁ ହୋଇଛି ତାହା ବିଶ୍ୱ ଭୁଲିନାହିଁ। ଏହି ଅବସରରେ ସେ ଇସ୍‌ଲାମାବାଦ ଉଦ୍ଦେଶ୍ୟରେ ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରି କ୍ଲିଣ୍ଟନ ଦେଇଥିବା ସନ୍ଦେଶର ଅବତାରଣା କରି କହିଥିଲେ, ଘରେ ସାପ ପାଳିଥିବା ଲୋକେ ଶେଷରେ ନିଜେ ହିଁ ଦଂଶନର ଶିକାର ହୋଇଥାଆନ୍ତି। ସାପ କେବଳ ପଡ଼ୋଶୀଙ୍କୁ କାମୁଡ଼ିବ ବୋଲି ଭାବିବା ଅନୁଚିତ। ତାକୁ ରଖିଥିବା ଲୋକେ ବି ସର୍ପ ଦଂଶନରେ ମରିଥାଆନ୍ତି ବୋଲି ୨୦୧୧ ଅକ୍ଟୋବରରେ ପାକିସ୍ତାନ ଗସ୍ତ ବେଳେ ହିଲାରି କହିଥିବା ଜୟଶଙ୍କର ପ୍ରକାଶ କରିଥିଲେ। ହିଲାରିଙ୍କ ଏହି ପୁରୁଣା କାହାଣୀକୁ ମନେପକାଇ ଜୟଶଙ୍କର ଦେଇଥିବା ମନ୍ତବ୍ୟ ଉପରେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ପ୍ରତିକ୍ରିୟା ରଖି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ୟକ୍ତିଗତ ଭାବେ ସମାଲୋଚନା କରିବାକୁ ପଛାଇ ନ ଥିଲେ। ବିଲାୱଲ କହିଥିଲେ, ଲାଡେନ୍ ଆଉ ନାହାନ୍ତି। କିନ୍ତୁ ଗୁଜରାଟର କଂସେଇ ଏବେ ଭାରତର ପ୍ରଧାନମନ୍ତ୍ରୀ ହୋଇଯାଇଛନ୍ତି। ବିଲାୱଲଙ୍କ ମନ୍ତବ୍ୟକୁ ଭାରତରେ ଦୃଢ଼ ନିନ୍ଦା କରାଯାଇଛି। ଲାଡେନଙ୍କୁ ଜଣେ ଶହୀଦ ଭାବେ ମହିମାମଣ୍ଡିତ କରୁଥିବା ପାକିସ୍ତାନ ଲଖ୍‌ଭି, ହାଫିଜ୍ ସଇଦ, ମାସୁଦ୍ ଆଝାର, ସାଜିଦ ମିର୍ ଓ ଦାଉଦ୍ ଇବ୍ରାହିମ୍‌ଙ୍କୁ ଆଶ୍ରୟ ଦେଇଛି। କିନ୍ତୁ ଆତଙ୍କବାଦୀଙ୍କୁ ପୂର୍ବ ଭଳି ବ୍ୟବହାର କରିପାରୁ ନାହିଁ। ଏଥିଲାଗି ହତାଶ ହୋଇ ବିଲାୱଲ ଏପରି ଅଭଦ୍ର ଟିପ୍ପଣୀ ଦେଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଯେଉଁ ଭାଷା ପ୍ରୟୋଗ କରିଛନ୍ତି, ସେଥିରୁ ବୁଝାପଡୁଛି ଯେ ତାଙ୍କ ଦେଶ ଉଭୟ ଆର୍ଥିକ ଓ ମାନସିକ ସ୍ତରରେ ଦେବାଳିଆ ହୋଇଯାଇଛି। ସେ ଜଣେ ବିଫଳ ରାଷ୍ଟ୍ରର ପ୍ରତିନିଧି। ଏଭଳି ମାନସିକତା ଥିବା ବ୍ୟକ୍ତିଙ୍କଠାରୁ ଆଉ କ’ଣ ଆଶା କରାଯାଇପାରେ। ସେହିପରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ବିଲାୱଲଙ୍କ ମନ୍ତବ୍ୟକୁ ‘ଖଳ ଓ ଲଜ୍ଜାଜନକ’ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ବୋଧହୁଏ ପାକିସ୍ତାନ ୧୯୭୧ର ଯନ୍ତ୍ରଣାକୁ ଭୁଲିପାରି ନାହିଁ। ସେତେବେଳେ ୯୩,୦୦୦ରୁ ଅଧିକ ପାକିସ୍ତାନୀ ସୈନ୍ୟ ଆତ୍ମସମର୍ପଣ କରିଥିଲେ। ବିଲାୱଲଙ୍କ ଜେଜେବାପା ତଥା ପୂର୍ବତନ ରାଷ୍ଟ୍ରପତି ଜୁଲଫିକର ଅଲି ଭୁଟ୍ଟୋ ପରାଜୟ ପରେ କାନ୍ଦିଥିଲେ।

ପ୍ରକାଶ ଯେ, ୨୦୦୨ରେ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଦଙ୍ଗାରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ମୋଦିଙ୍କୁ କ୍ଲିନ୍‌ଚିଟ୍ ମିଳିସାରିଛି। ଏହାକୁ ଇଙ୍ଗିତ କରି ବିଲାୱଲ ଦେଇଥିବା ମନ୍ତବ୍ୟର ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସ ଆଗରେ ଭାଜପା କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ସ୍ଲୋଗାନ ଦେଇଛନ୍ତି, ପାକିସ୍ତାନ ହାଏ ହାଏ, ବିଲାୱଲ ଭୁଟ୍ଟୋ କ୍ଷମା ମାଗ।

### କିଭ୍‌ରେ ମିଶାଇଲ ବର୍ଷା

**କିଭ୍,୧୬।୧୨**

ରୁଷିଆ ପକ୍ଷରୁ ଶୁକ୍ରବାର କିଭ୍ ସମେତ ୪ ୟୁକ୍ରେନୀୟ ସହରରେ ୬୦ରୁ ଊର୍ଦ୍ଧ୍ୱ ମିଶାଇଲ ମାଡ଼ କରାଯାଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଦ୍ୱିତୀୟ ବଡ଼ ସହର ଖାରକିଭ୍‌ରେ ଅନେକ ହଜାର ଲୋକ ବାସଚ୍ୟୁତ ହୋଇ ଷ୍ଟେଶନଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଜାପୋରିଝିଆ ଓ କ୍ରିଭି ରିହରେ ମଧ୍ୟ ଅନେକ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆମେରିକା ୟୁକ୍ରେନ୍‌କୁ ପାଟ୍ରୋଇଟ୍ ଏୟାର ଡିଫେନ୍ସ ସିଷ୍ଟମ୍ ଓ ତାକୁ ପରିଚାଳନା କରୁଥିବା କ୍ରିୟୁ ଦେଲେ ସେମାନେ ମଧ୍ୟ ରୁଷୀୟ ଟାର୍ଗେଟର ଶିକାର ହେବେ ବୋଲି ଏହା ପୂର୍ବରୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ଚେତାବନୀ ଦେଇଥିଲା।

### ଆଲୋଚନା ଏକମାତ୍ର ବିକଳ୍ପ

**ପୁଟିନ୍‌ଙ୍କୁ ମୋଦିଙ୍କ ପରାମର୍ଶ**

**ନୂଆଦିଲ୍ଲୀ,୧୬।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଶକ୍ତି, ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗ ସମେତ ଅନେକ ଦ୍ୱିପାକ୍ଷିକ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। ଆଲୋଚନା ଓ କୂଟନୈତିକ ଉପାୟରେ ହିଁ ୟୁକ୍ରେନ୍ ସଙ୍କଟର ସମାଧାନ ହୋଇପାରିବ ବୋଲି ପୁଟିନ୍‌ଙ୍କୁ ମୋଦି ଫୋନ୍‌ରେ କହିଛନ୍ତି। ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଏହା ହେଉଛି ଦୁଇନେତାଙ୍କ ମଧ୍ୟରେ ଫୋନ୍ ଜରିଆରେ ପଞ୍ଚମ ଆଲୋଚନା। ସେପ୍ଟେମ୍ବରରେ ସମରକନ୍ଦ ଏସ୍‌ସିଓ ସମ୍ମିଳନୀରେ ମଧ୍ୟ ମୋଦି ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ ବୋଲି କହିଥିଲେ।

## ରାଜୌରୀ ସେନା କ୍ୟାମ୍ପରେ ୨ ଜଣଙ୍କ ମୃତ୍ୟୁ

**ଶ୍ରୀନଗର,୧୬।୧୨**

**ପ୍ରତିବାଦରେ ବିକ୍ଷୋଭ**



ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ଥିବା ସେନା କ୍ୟାମ୍ପ ବାହାରେ ଦୁଇଜଣ ନିରୀହ ଲୋକଙ୍କ ମୃତ୍ୟୁ ସହ ଜଣେ ଆହତ ହେବା ଘଟଣାକୁ ନେଇ ଶୁକ୍ରବାର ସ୍ଥାନୀୟ ଲୋକେ ପୁଞ୍ଚ୍-ରାଜୌରୀ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଜଣା ଆତଙ୍କବାଦୀଙ୍କ ଗୁଳିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ସେନା ସଫେଇ ଦେଇଥିବାବେଳେ ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଖବର ଅନୁଯାୟୀ ଶୁକ୍ରବାର ଭୋର ସମୟରେ ସେନା କ୍ୟାମ୍ପ୍‌ର ଆଲ୍‌ଫା ଗେଟ୍ ବାହାରେ ଦୁଇଜଣ ସ୍ଥାନୀୟ ଲୋକଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା। ମୃତକମାନେ ହେଲେ ରାଜୌରୀ ଜିଲାର କମଲ କୁମାର ଏବଂ ସୁରିନ୍ଦର କୁମାର। ଘଟଣାସ୍ଥଳରୁ କେତେକ ଖାଲି ଖୋଖା ମିଳିଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ, ସେନା ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

### ଆପାର୍ଟମେଣ୍ଟରେ ନିଆଁ: ୧୦ ମୃତ

**ପ୍ୟାରିସ୍,୧୬।୧୨**

ଫ୍ରାନ୍ସର ଲିଓନ୍ ସହରରେ ଥିବା ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ଶୁକ୍ରବାର ନିଆଁ ଲାଗି ୫ ଶିଶୁଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ସହରର ଭଲ୍ସ-ଏନ୍-ଭେଲିନ୍‌ଠାରେ ଥିବା ୮ ମହଲା ବିଲ୍ଡିଂରେ ରାତି ୩ଟା ୧୨ ମିନିଟରେ ନିଆଁ ଲାଗିଥିଲା। ନିଆଁଲିଭା କାର୍ଯ୍ୟରେ ୧୭୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।



ନୂଆଦିଲ୍ଲୀର ସାକେତସ୍ଥିତ ଡିଏଲ୍‌ଏଫ୍ ଆଭେନ୍ୟୁରେ ଆୟୋଜିତ ନିସାନ କୋନ୍ନିଚିୱା ଜାପାନ ୨୦୨୨ କାର୍ଯ୍ୟକ୍ରମରେ ଜଣେ ଜାପାନୀ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

## ନିର୍ଭୟା ପାଣ୍ଠିର ଅଧା ବିନିଯୋଗ ହୋଇଛି

**ନୂଆଦିଲ୍ଲୀ ,୧୬।୧୨**

**ଗଣବଳାତ୍କାରକୁ ୧୦ ବର୍ଷ**

ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ୧୦ ବର୍ଷ ବିତିଛି। ହେଲେ ରାଜଧାନୀର ମହିଳାମାନଙ୍କ ପାଇଁ କିଛି ବଦଳି ନ ଥିବା ନିର୍ଭୟାର ମାଆବାପା କହିଛନ୍ତି। ଏଠାରେ ଅନେକ ମହିଳା ଯୌନ ଉତ୍ପୀଡ଼ନର ଶିକାର ହେଉଥିବା ନିର୍ଭୟାଙ୍କ ମାଆ ଆଶାଦେବୀ କହିଛନ୍ତି। ଦିଲ୍ଲୀରେ ମହିଳା ସୁରକ୍ଷିତ ନୁହନ୍ତି ବୋଲି ଆଶାଦେବୀଙ୍କ ସ୍ୱାମୀ ବଦ୍ରିନାରାୟଣ ସିଂ କହିଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ପାରାମେଡିକାଲ ଛାତ୍ରୀ ନିର୍ଭୟା ତାଙ୍କ ପୁରୁଷବନ୍ଧୁଙ୍କ ସହ ବସ୍‌ରେ ଯାଉଥିବାବେଳେ ତାଙ୍କୁ ୬ ଜଣ ଗଣବଳାତ୍କାର କରିବା ସହ ଚଳନ୍ତା ବସ୍‌ରୁ ଠେଲିଦେଇଥିଲେ। ୧୫ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ନିର୍ଭୟାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହେବା ସହ ସରକାର ଆଇନରେ ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ। ମହିଳାମାନଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ୨୦୧୩ରେ ନିର୍ଭୟା ପାଣ୍ଠି ଗଠନ କରିଥିଲେ ହେଁ ଏହାର ଅଧା ବିନିଯୋଗ ହୋଇଥିବା ଜଣାପଡ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୨୨ ମାର୍ଚ୍ଚ ସୁଦ୍ଧା ଏହି ପାଣ୍ଠିକୁ ମୋଟ ୬,୨୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ୩,୦୬୯ କୋଟି ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଛି। ପାଣ୍ଠି ଗଠନ ହେବାର ପ୍ରଥମ ୫ ବର୍ଷରେ ୩,୨୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା ଏବଂ ଏଥିରେ ମହିଳାଙ୍କ ସୁରକ୍ଷା ଲାଗି ବିଭିନ୍ନ ଭିତ୍ତିଭୂମି ଓ ପ୍ରୋଜେକ୍ଟ କାର୍ଯ୍ୟ ହୋଇଥିଲା। ମହାମାରୀଠାରୁ ୨,୯୦୫ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ହେଁ ବ୍ୟୟ ପରିମାଣ ବହୁତ କମ୍ ରହିଛି।

## ବିହାର ମଦମୃତ୍ୟୁ ସଂଖ୍ୟା ୫୦

**ନୂଆଦିଲ୍ଲୀ/ପାଟନା,୧୬।୧୨**

**ଏସ୍‌ଆଇଟି ତଦନ୍ତ, କ୍ଷତିପୂରଣ ଦାବିରେ ସୁପ୍ରିମକୋର୍ଟରେ ପିଟିଶନ**



ବିହାର ସରନ ଜିଲା ଅନ୍ତର୍ଗତ ଛାପ୍ରାରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁସଂଖ୍ୟା ୫୦ ଟପିଛି। ପଡୋଶୀ ସିୱାନ ଜିଲାରେ ମଦ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମଦମୃତ୍ୟୁ ଘଟଣାର ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଦ୍ୱାରା ନିରପେକ୍ଷ ତଦନ୍ତ ଏବଂ ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ୬ ବର୍ଷ ହେଲା ବିହାରରେ ମଦକୁ ନିଷେଧ କରାଯାଇଥିବାବେଳେ ଏତେସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମଙ୍ଗଳବାର ରାତିରୁ ମଦମୃତ୍ୟୁ ଆରମ୍ଭ ହୋଇଥିଲା।

ବିହାରର ଆର୍ଯ୍ୟବର୍ତ୍ତ ମହାସଭା ଫାଉଣ୍ଡେଶନ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନରେ ନିବେଦନ କରାଯାଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠରେ ଜରୁରୀ ଶୁଣାଣି ନିମନ୍ତେ ନିବେଦନ କରାଯାଇଥିଲା। ତେବେ ଖଣ୍ଡପୀଠ ଏହାର ଜରୁରୀ ଶୁଣାଣି ପାଇଁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟରେ ଶୀତ ଅବକାଶ ପୂର୍ବରୁ ଶୁକ୍ରବାର ଶେଷ କାର୍ଯ୍ୟଦିବସ ଥିଲା। ଜାନୁୟାରୀ ୨ରେ କୋର୍ଟ ଖୋଲିବ। ମଦ ମୃତ୍ୟୁକୁ ନେଇ ବିରୋଧୀ ନୀତୀଶ କୁମାର ସରକାରଙ୍କୁ ଦାୟୀ କରିଥିବାବେଳେ ଯିଏ ପିଇବ ସିଏ ମରିବ କହି ମୁଖ୍ୟମନ୍ତ୍ରୀ କ୍ଷତିପୂରଣ ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ମଦମୃତ୍ୟୁ ପ୍ରସଙ୍ଗରେ ୩ ଦିନ ହେଲା ବିହାର ବିଧାନସଭାରେ ଅଚଳାବସ୍ଥା ଲାଗିରହିଥିବାବେଳେ ବିରୋଧୀ ଦଳ ଭାଜପା ସଦସ୍ୟମାନେ ରାଜଭବନ ଅଭିମୁଖେ ପ୍ରତିବାଦ ଯାତ୍ରା ବାହାର କରିଥିଲେ।

ସରନ ଜିଲା ମଦମୃତ୍ୟୁକୁ ନେଇ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଶୁକ୍ରବାର ବିହାର ସରକାର ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି। ୨୦୧୬ ଏପ୍ରିଲରେ ବିହାରରେ ମଦ ବିକ୍ରି ଓ ପିଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବାବେଳେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଏନ୍‌ଏଚ୍‌ଆର୍‌ସି ଜାଣିବାକୁ ପାଇଛନ୍ତି।

### ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଏନ୍‌ଏଚ୍‌ଆର୍‌ସି ନିଜ ଆଡୁ ମାମଲା ବିଚାରପାଇଁ ଗ୍ରହଣ କରିଥିଲେ। ମଦମୃତ୍ୟୁ ଘଟଣାରେ ପୋଲିସ ଏତଲାର ସ୍ଥିତି, ମଦ ପିଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କ ଚିକିତ୍ସା, କ୍ଷତିପୂରଣ ଆଦି ସବିଶେଷ ରିପୋର୍ଟ ଦେବା ଲାଗି ଏନ୍‌ଏଚ୍‌ଆର୍‌ସି ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମହିଳାଙ୍କ ସ୍ୱାସ୍ଥ୍ୟ, ସଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ

ଜୁନାଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ହିଞ୍ଜଲିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସଚ୍ଛତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୈଭଲ୍ୟା ଏଜୁକେସନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପ୍ରଧାନ ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ସିଆରସିସି ଗୋଦାବରିଶ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଫାଉଣ୍ଡେଶନର ବ୍ଲକ ପରିଚାଳିକା ସୁପ୍ରିୟା କୁମାରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗଜବାହଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କର୍ଲାମୁଣ୍ଡା,୧୬।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ବ୍ଲକ ଅଧକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର, ଗଜବାହଲ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ପଣ୍ଡିତ ପଧାନ, ସମାଜ ସଂସ୍କାରକ ବାବା ଭଗବାନ ସାହୁ, ପରିଚାଳନା କମିଟି ସଭାପତି ଡୁଲେଶ୍ୱର ପଧାନ, ଏବିଇଓ ସହଦେ ସୁନା ପ୍ରମୁଖ ଯୋଗଦେଇ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ରୁପ୍ରା ରୋଡ୍,୧୬।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ରୁପ୍ରାରୋଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରୁପ୍ରାରୋଡ ସରପଞ୍ଚ ହେମନ୍ତ କୁମାର ଭୋଇ ମୁଖ୍ୟଅତିଥି ଭାବେ ଏବଂ କେସିଙ୍ଗା ସଙ୍କୁଳ ପ୍ରମୁଖ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଘନଶ୍ୟାମ ଭୋଇ, ସମ୍ପାଦକ ସଞ୍ଜୀବ କୁମାର ଦାସ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପବିତ୍ର ମୋହନ ଛୁରିଆ କ୍ରୀଡା ପରିଚାଳନା କରିଥିବା ବେଳେ ସୁଶ୍ରୀ ରୋଜି ତାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା କ୍ରୀଡା ଉତ୍ସବରେ ସହଯୋଗ କରିଥିଲେ।

### ଗୁମାପଦର ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ରୁପ୍ରାରୋଡ୍,୧୬।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଗୁମାପଦର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ, ମୁଖ୍ୟବକ୍ତା ଭାବେ ଶାନ୍ତପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଜିତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ନର୍ଲା ନୋଡାଲ ସିଆରସିସି କେଦାରନାଥ ନାଗ, ପୂର୍ବତନ ସରପଞ୍ଚ ଟିକେରାମ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ଲିଲି ପୁଟେଲ, ପ୍ରଧାନ ଶିକ୍ଷକ ମଳୟ ମହାନନ୍ଦ, ସହକାରୀ ଶିକ୍ଷକ ପବିତ୍ର ରଣା ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ନେପାଳ ବିଶ୍ୱାଳ। ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### ୨୨ ଗାଡ଼ିରୁ ୧.୯୧ ଲକ୍ଷ ଜରିମାନା ଆଦାୟ

ନୂଆପଡ଼ା ଅଫିସ,୧୬।୧୨: ନୂଆପଡା ଜିଲା ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ପ୍ରତିଦିନ ହଜାର ହଜାର ଗାଡି ଚଳାଚଳ କରୁଛି। କେତେ ଗାଡି ଟ୍ୟାକ୍ସଫାଙ୍କି ଯାଉଥିବା ବେଳେ କେତେ ଗାଡି ଓଭରଲୋଡ କରି ଯାଉଛନ୍ତି। ଚାରିଚକିଆ ଗାଡି ଚାଳକମାନେ ସିଟବେଲ୍ଟ ଲଗାଉ ନ ଥିବା ବେଳେ ବାଇକ୍ ଆରୋହୀ ବିନା ହେଲମେଟରେ ଗାଡି ଚଳାଉଛନ୍ତି। ବିଭାଗ ପକ୍ଷରୁ କଡାକଡି ଯାଞ୍ଚ କରା ଯାଉ ନ ଥିବାରୁ ଚାଳକମାନେ ବେପାରୁଆ ଭାବେ ଚଳାଉଛନ୍ତି। ଦିନକୁ ଦିନ ଦୁର୍ଘଟଣା ଘଟୁଥିବା ବେଳେ ରାଜସ୍ୱ ଆୟ ମଧ୍ୟ ହୋଇ ପାରୁନାହିଁ। ଦୁର୍ଘଟଣା କମାଇବା ସହ ରାଜସ୍ୱ ଆୟ ବୃଦ୍ଧି ପାଇଁ ପୋଲିସ ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନର ମିଳିତ ଆନୁକୂଲ୍ୟରେ ୩୫୩ ନଂ. ଜାତୀୟ ରାଜପଥ ତରବୋଡଠାରେ ମୋଟର ଗାଡି କଡାକଡି ଭାବେ ଯାଞ୍ଚ କରାଯାଇଛି। ସେହି ସମୟରେ ନିଶାଦ୍ରବ୍ୟ ସେବନ କରି ଗାଡି ଚଳାଉଥିବା ୬ଟି ମୋଟରସାଇକେଲ ଜବତ କରିବା ସହ ବିନା ହେଲମେଟ, ଓଭରଲୋଡ କରି ଯାଉଥିବା ୨୨ଟି ଗାଡିଠାରୁ ୧ ଲକ୍ଷ ୯୧ ହଜାର ଟଙ୍କା ଜରିମାନା ଆୟ କରାଯାଇଛି। ଯାଞ୍ଚ ସମୟରେ ମୋଟରଯାନ ଇନ୍‌ସପେକ୍ଟର ବିଜୟ କୁମାର ଦେହୁରି, ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଶୀ, ରାମଲାଲ ଜୁରିଆ ଓ ପୋଲିସ ଫୋର୍ସ ପ୍ରମୁଖ ଉପସ୍ଥିତ ଥିଲେ।

# ଟଙ୍କିକିଆ ଚାଉଳ ପାଇଁ ଖର୍ଚ୍ଚ ୧୦ରୁ ଊର୍ଦ୍ଧ୍ୱ ଟଙ୍କା

ନୂଆପଡ଼ା ଅଫିସ,୧୬।୧୨

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ଭିତରେ ବାସ କରୁଥିବା ଆଦିବାସୀଙ୍କ ସମସ୍ୟା ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଯାଥା ପୂର୍ବଂ ତଥା ପରଂ। ସୁନାବେଡା ପଞ୍ଚାୟତ ଅଧୀନ ଶିବ ନାରାୟଣପୁର, ଝରଲାଆମ, ଉପକାପାଣି ଓ ସୋସେଙ୍ଗ ପଞ୍ଚାୟତ ଅଧୀନ ଭାଓସିଲ ଓ ରଜାକେନ୍ଦୁ ଗ୍ରାମ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଏବେ ବି ଭଲ ରାସ୍ତା ନାହିଁ। ଫଳରେ ସେମାନଙ୍କୁ ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ପାହାଡିଆ ରାସ୍ତା ହୋଇଥିବାରୁ ପ୍ରତି ମାସରେ ନ ଯାଇ ୩/୪ ମାସରେ ଥରେ ଗାଡି କରି ନୂଆପଡା ଦେଇ ବୁଲି ୧୦୦ କି.ମି. ଦୂର ପଞ୍ଚାୟତକୁ ଯାଉଛନ୍ତି। ପାହାଡିଆ ରାସ୍ତା ଦେଇ ଗଲେ ପଞ୍ଚାୟତ କାର୍ଯ୍ୟାଳୟ ୩୦ କି.ମି. ହେବ। ହେଲେ ବୃଦ୍ଧାବୃଦ୍ଧ, ବିଦ୍ୟାଙ୍ଗମାନେ ପାହାଡିଆ ରାସ୍ତାରେ ଚାଲି ଯିବା ସମ୍ଭବ ନୁହେଁ। ପାହାଡିଆ ରାସ୍ତା ଦେଇ ଚାଉଳ ବୋହି ଆଣିବା କଷ୍ଟକର ବୋଲି ୩/୪ ମାସରେ ଥରେ ଏକ ଗାଡି ଭଡ଼ାକରି ଧରମବନ୍ଧା, ନୂଆପଡା ଦେଇ ୧୦୦ କି.ମି. ଯାଇ



ଅଭିଯୋଗକାରୀ ଆଦିବାସୀମାନେ।

■ ପ୍ରତି ୩/୪ ମାସରେ ଥରେ ରାଶନ ସାମଗ୍ରୀ ଆଣିବାକୁ ଯାଆନ୍ତି

■ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ରାସ୍ତା ନାହିଁ

ଚାଉଳ ଓ ଭତ୍ତା ଆଣୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସରକାର କିଲୋଗ୍ରାମ ଏକ ଟଙ୍କାରେ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦେଉଥିବା ବେଳେ ସୁନାବେଡା ଅଭୟାରଣ୍ୟ ଭିତରେ ବାସ କରୁଥିବା ଆଦିବାସୀଙ୍କ ପାଇଁ କିଲୋଗ୍ରାମ ପ୍ରତି ୧୦ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିବାକୁ ପଡୁଛି। ଗ୍ରାମବାସୀଙ୍କ କହିବା ଅନୁସାରେ ପାହାଡିଆ ରାସ୍ତା ହୋଇଥିବାରୁ ଆମେ ସୁବିଧାରେ ଯାଇପାରୁ ନାହୁଁ। ପାହାଡ ରାସ୍ତା ଦେଇ ଚାଲି କରି ଗଲେ ଆମକୁ ୨ ଦିନରେ ଗାଁକୁ ଫେରିବାକୁ ପଡୁଛି। ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି, ଏଣୁ ଏହି ତିନି ଚାରିଟି ଗାଁ ମଧ୍ୟ ଭାଗରେ କ୍ୟାମ୍ପ କରି ପ୍ରତି ମାସରେ ଭତ୍ତା ଟଙ୍କା ଓ ରାଶନ ସାମଗ୍ରୀ ଦିଆଗଲେ ଆମେ ସୁବିଧାରେ ପାଇପାରିବୁ ଲୋକାମାନେ କହିଛନ୍ତି। ଏ ସମ୍ପର୍କରେ କୋମନା ବିଡିଓ ସୁଶାନ୍ତ କୁମାର ରଣାଙ୍କୁ ପଚାରିବାରୁ ସର୍ବେ ସରିଛି। ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଏହି ସମସ୍ୟା ସମାଧାନ ଶୀଘ୍ର କରାଯାଉ ବୋଲି କମଲ ସିଂ ଧରୁଆ, ଦେଓରାଜ ଧରୁଆ, ଧର୍ମୁ ମାଝି, କୁଶୁ ଧରୁଆ, କୁନ୍ତି ଧରୁଆ, ତଳସି ଧରୁଆ, ଭାଗବତି ଧରୁଆ, ସରଦି ମାଝି ପ୍ରମୁଖ ଦାବି କରିଛନ୍ତି।

## ନିଖୋଜ ମଇଁଷି ଚରାଳିଙ୍କ ମୃତଦେହ ଜବତ

ନୂଆପଡ଼ା ଅଫିସ,୧୬।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ଇଛାପୁର ଗାଁର ଜଣେ ମଇଁଷି ଚରାଇବାକୁ ଯାଇ ନିଖୋଜ ହୋଇଥିଲେ। ଏହି ଘଟଣାର ୩ ଦିନ ପରେ ସୁନ୍ଦର ଜଳସେଚନ ପ୍ରକଳ୍ପ ଜଡାମୁଣ୍ଡାରୁ ମୃତଦେହ ଗ୍ରାମବାସୀଙ୍କ ସହାୟତାରେ କୋମନା ଅଗ୍ନିଶମ ବିଭାଗ ଓ ତରବୋଡ ପୋଲିସ ଜବତ କରିଛି। ମୃତକ ହେଲେ ଜଡାମୁଣ୍ଡା ପଞ୍ଚାୟତ ଇଛାପୁର ଗାଁ ରଶ୍ୟାମସୁନ୍ଦର ମିର୍ଦ୍ଧା (୫୦)। ପ୍ରାପ୍ତସୂଚନା ମୁତାବକ ଗତ ବୁଧବାର ପୂର୍ବାହ୍ନରେ ରଶ୍ୟାମସୁନ୍ଦର ଇଛାପୁର ଗାଁର ଜଣେ ବ୍ୟକ୍ତିଙ୍କ ପୋଡ, ମଇଁଷି ଚରାଇବା ପାଇଁ ସୁନ୍ଦର ଜଳସେଚନ ପ୍ରକଳ୍ପ ପଟେ ନେଇଥିଲେ। ଇଛାପୁର ପଟୁ ଦର୍ଲିପଡା ଗାଁ ପଟେ ଡ୍ୟାମ ପାଣିରେ ପ୍ରତିଦିନ ପାରି କରି ଚରାଇବା ନେଇଥାନ୍ତି। ବୁଧବାର ମଧ୍ୟ ପାରି କରୁଥିଲେ। ପାଣିରେ ପାରି ହେବା ବେଳେ ପୋଡ, ମଇଁଷିଙ୍କ ଲାଞ୍ଜ ଧରି ପାରିହୁଅନ୍ତି। ବୁଧବାର ପାରି ହେବା ସମୟରେ ଲାଞ୍ଜରୁ ହାତ ଛାଡି ହୋଇଯାଇଥିବା ବୋଲି ପରିବାର ଲୋକେ କହୁଛନ୍ତି। ଏ ନେଇ ତରବୋଡ ଫାଣ୍ଡିରେ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କୋମନା ଅଗ୍ନିଶମ ବିଭାଗ କର୍ମଚାରୀମାନେ ୨ ଦିନ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ପୂର୍ବାହ୍ନରେ ସୁନ୍ଦର ଜଳସେଚନ ପ୍ରକଳ୍ପରେ ଏକ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୂର୍ବାହ୍ନରେ ଗ୍ରାମବାସୀଙ୍କ ସହାୟତାରେ ପୋଲିସଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପାଣିରୁ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଚିହ୍ନଟ ପାଇଁ କହିଥିଲେ। ପରିବାର ଲୋକେ ମୃତଦେହ ରଶ୍ୟାମସୁନ୍ଦରଙ୍କ ବୋଲି ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ ସୂଚନା ଦେଇଛନ୍ତି।

## କୁଶୁର୍ଲା ମକରମେଳା ପ୍ରସ୍ତୁତି, ନୂତନ କର୍ମକର୍ତ୍ତା



ବୈଠକରେ ଆଲୋଚନା କରାଯାଉଛି।

ପଲମ/କର୍ଲାମୁଣ୍ଡା, ୧୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲାସ୍ଥିତ ନୀଳକଣ୍ଠେଶ୍ୱର ଶୈବ ପୀଠରେ ଶୁକ୍ରବାର ୭୩ତମ ମକର ମେଳା ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ମକରମେଳା ଜାନୁୟାରୀ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ୪୫ଖଣ୍ଡ ଗ୍ରାମକୁ ନେଇ ସିଦ୍ଧାନ୍ତ ହୋଇଛି। ପୂର୍ବତନ ସଭାପତି ଜଗତରାମ ଭୋଇଙ୍କୁ ଚଳିତବର୍ଷ ନୂତନ ସଭାପତି ଭାବେ ଚୟନ କରାଯାଇଛି। ପୂର୍ବତନ ସମ୍ପାଦକ ନୈରୁତ ଜାନୀଙ୍କ ବଦଳରେ ସୁଶାନ୍ତ ଜାନୀ ସମ୍ପାଦକ ଭାବେ ଚୟନ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀଧର ସାହୁ ସାପଲହରାଙ୍କୁ ଚୟନ କରାଯାଇଛି। ଆସନ୍ତା ୨୦ ତାରିଖରେ ନୀଳକଣ୍ଠେଶ୍ୱର ମନ୍ଦିରରେ ତଦନ୍ତ କମିଟି ଓ ଉପଦେଷ୍ଟା କମିଟି ଏକ ବୈଠକ ଅନୁଷ୍ଠିତ ହେବ। ସେହିଦିନ ନବଗଠିତ ସଦସ୍ୟଙ୍କୁ ନେଇ ଶପଥପାଠ କରିବା ପାଇଁ ସ୍ଥିର କରାଯାଇଛି। ଚଳିତ ମକରମେଳାରେ ମୀନା ବଜାର, ଦୋଳି, ସାଇକେଲ ଷ୍ଟାଣ୍ଡ ଇତ୍ୟାଦିର ଦେଇଥିବା ଆବେଦନର ତଦନ୍ତ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଯାଇଛି।

# ମା' ବାପାଙ୍କ ଦେହାନ୍ତ ପରେ ଆଶୀର୍ବାଦ ଯୋଜନା ସହାୟ

ଭବାନୀପାଟଣା,୧୬।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କଲମ ପଞ୍ଚାୟତ ଠେମରା ଗାଁରେ ରହୁଥିଲେ ନରେଶ ମାଝିଙ୍କ ପରିବାର। ପରିବାର କହିଲେ ସ୍ତ୍ରୀ ବାନୁଆ ମାଝି ଓ ଦୁଇ ଝିଅ ବୈଷ୍ଣବୀ ମାଝି ଓ ନବ୍ୟା ମାଝି। ହେଲେ ଦଇବର ବିଚିତ୍ର ଲୀଳା। ଅଜଣା ରୋଗରେ ଆକ୍ରାନ୍ତ ହୋଇ ବାନୁଆଙ୍କ ଦେହାନ୍ତ ହେଲା। ପରେ ନରେଶ ଛୁଆମାନଙ୍କ ଦେଖାଶୁଣା କରିବା ପାଇଁ ବିନତା ମାଝିଙ୍କୁ ଦ୍ୱିତୀୟ ବିବାହ କରି ଘରକୁ ଆଣିଲେ। ହେଲେ ଗତବର୍ଷ କରୋନାରେ ଆକ୍ରାନ୍ତ ହୋଇ ନରେଶଙ୍କ ମୃତ୍ୟୁ ହୋଇଥିଲା। ଏହାର କିଛିଦିନ ବ୍ୟବଧାନରେ ବିନତା ମଧ ପିଲାମାନଙ୍କୁ ଛାଡି ଅନ୍ୟତ୍ର ପଳାୟନ କଲେ। ଫଳରେ ୨ ଛୋଟ ଝିଅ ଦେଖୁ ଦେଖୁ ଅନାଥ ହୋଇଗଲେ। ଏହି ଦୁଃଖଦ ଘଟଣା ବିଷୟରେ ଖବର ପାଇ ସାମାଜିକ କର୍ମୀ ଯଶୋବନ୍ତ ରଣା ସେମାନଙ୍କ ଘରେ ପହଞ୍ଚ ଥିଲେ। ୨ ଅସହାୟ ଛୋଟ



୨ ଛୋଟ ଝିଅ, ଜେଜେମା ଓ ସାମାଜିକ କର୍ମୀ।

ଝିଅଙ୍କୁ ଭବାନୀପାଟଣାସ୍ଥିତ ଡିସିପିୟୁ ଅଫିସ ନେଇ ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିଥିଲେ। ଏହି ଯୋଜନାରେ ସାମିଲ ହେବା ପରେ ୨ ଛୋଟ ଝିଅଙ୍କୁ ମାସିକ ତିନି ହଜାର ଟଙ୍କା ମିଳୁଛି। ସେହିପରି ୨ ଝିଅ ଏବେ ଖୁସିରେ ପାଠ ପଢିପାରୁଛନ୍ତି। ଜଣେ ଝିଅ ମାଡିଙ୍ଗସ୍ଥିତ ଆଶ୍ରମ ସ୍କୁଲରେ ପଢୁଥିବା ବେଳେ ଆଉ ଜଣେ ଗାଁ ସ୍କୁଲରେ ପଢୁଛନ୍ତି। ଏହି ଯୋଜନା ପାଇଁ ୨ ଝିଅଙ୍କ ଜେଜେମା ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହ ସାମାଜିକ କର୍ମୀ ଯଶୋବନ୍ତ ରଣାଙ୍କୁ ମଧ ଧନ୍ୟବାଦ ଜଣେଇଛନ୍ତି।

## ବିଶ୍ୱକପ ହକି ଅବସରରେ ବାର୍ଷିକ କ୍ରୀଡ଼ା

ରୁପ୍ରା ରୋଡ୍,୧୬।୧୨(ଡି.ଏନ.ଏ.)

ପୁରୁଷ ବିଶ୍ୱକପ ହକି ଅବସରରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ତୁଲାପଡା ସରକାରୀ ଦାମୋଦର ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। କ୍ରୀଡା ଶିକ୍ଷକ ସନ୍ତୋଷାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ନାରାୟଣ ପଧାନ (୧), ନାରାୟଣ ପଧାନ (୨), ସୁରେଶ ନାୟକ, ଶରତ ନାୟକ, ଧ୍ରୁବ ନାଗ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ମଲ୍ଲିହାର ପଧାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଅଞ୍ଜଳି ପଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ହକି ଖେଳ ପରେ ୧୦୦, ୨୦୦, ୪୦୦, ୬୦୦, ମିଟର ଦୌଡ ପ୍ରତିଯୋଗିତା ହୋଇଥିଲା। ଫୁଟବଲ, ଭଲିବଲ, ଚୌକିବସା, ସଟପୁଟ, ଡିସକସ ଆଦି ଖେଳ ହେବ ବୋଲି ପରିଚାଳକ ସନ୍ତୋଷାନନ୍ଦ ନାୟକ ପ୍ରକାଶ କରିଛନ୍ତି।

## ଷଷ୍ଠ ତମ ବିରାଟ ଧନୁଯାତ୍ରା ଉଦ୍‌ଘାଟିତ




ଧନୁଯାତ୍ରା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୧୬।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ା-ଦମାପଲାଠାରେ ଷଷ୍ଠତମ ବିରାଟ ଧନୁଯାତ୍ରା ଆରମ୍ଭ ହୋଇଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଧନୁଯାତ୍ରା ପ୍ରଥମ ସନ୍ଧ୍ୟାରେ ଗ୍ରାମର ଗଉନ୍ତିଆ ତଥା ରାଜା ପରିବାର ସଦସ୍ୟ ରାମକୀଙ୍କର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଚିନ୍ଦାଗୁଡା ଗ୍ରାମପଞ୍ଚାୟତ ସରପଞ୍ଚ ଜେମାମଣି ରଣା, ନାଏବ ସରପଞ୍ଚଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଖଡ଼ିଆଳ ଅଞ୍ଚଳର ସାହିତ୍ୟ ସଂସ୍କୃତିର ଇତିହାସ ଉପରେ ଆଲୋକପାତ କରି ପୂର୍ବସ୍ମୃତିକୁ ମାନେ ପକାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ଯୁବରାଜ କଂସ ଦୁର୍ମୁଲା ରାକ୍ଷସଙ୍କ ବଧ ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ। ଅନୁଷ୍ଠାନ ହେମନ୍ତ କୁମାର ମାଝି, ସୁନୀଲ ମାଝି, ଜାତୀନ୍ଦ୍ର ବିଶି, ଭକ୍ତ ଦୁରିଆ, ଭୋଳାନାଥ ପଟେଲ, ସନ୍ତୋଷ ବିଶି, ପିଙ୍ଗଲ ମାଝି, ଯୁକ୍ତ ତାଣ୍ଡି, ଦେବାନନ୍ଦ ତାଣ୍ଡିଙ୍କ ସମେତ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମେଦିନୀପୁର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଥମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଭବାନୀପାଟଣା,୧୬।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ପ୍ରଥମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ମୁଖ୍ୟବକ୍ତା ଖବରଦାତା ସ୍ୱାଧୀନ ପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗୌରୀ କୁମାର ମିଶ୍ର, ଲବ୍ଧ ପ୍ରତିଷ୍ଠିତ ଚିତ୍ର ଶିଳ୍ପୀ ମୁକୁନ୍ଦ ରେଞ୍ଜୀ, ବିଶିଷ୍ଟ କ୍ରିଡ଼ାବିତ



ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥି।

ପ୍ରବିଣ କୁମାର ମହାନ୍ତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଭୋଇ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ୬ଟି ହାଉସ ପରେଡ ମାଧ୍ୟମରେ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମାସ ଡ୍ରିଲ ପିରାମିଡ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଦିବସରେ ବେଙ୍ଗ ଡିଆଁ, ଦୌଡ଼ ପ୍ରତିଯୋଗିତା, ଗଣିତ ଦୌଡ, କବାଡିପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ, ଲକ୍ଷ୍ମୀ ବଗର୍ତ୍ତୀ, ନିଶାମଣି ଦେଇ, ସଭ୍ୟା ମଞ୍ଜରୀ ପଟ୍ଟନାୟକ, କଲ୍ୟାଣୀ ଦାଶ, ସୁଚେତା ଦାଶ, ଜ୍ୟୋତ୍ସ୍ନା ମୟୀଦୋରା, ପ୍ରତିଭା ଦାଶ ଓ ପୂର୍ବତନ ଶିକ୍ଷୟତ୍ରୀ ମିନା ବିଦ୍ୟାଧର, ରିନା ମହାପାତ୍ର ପ୍ରମୁଖ ଛାତ୍ର କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ଉପାଧକ୍ଷ ଆଶିଷ କୁମାର ପଣ୍ଡା ଧାରାବିବରଣୀ ଉପସ୍ଥାପନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନସିକ ରୋଗୀଙ୍କୁ ଆସ୍ଥାଗୃହକୁ ପଠାଗଲା

ଖଡ଼ିଆଳ,୧୬।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆଁ ଗ୍ରାମର ଗରିବ ଅସହାୟ ହିରାଧର ମେହେରଙ୍କ ସ୍ତ୍ରୀ ମାନସିକ ରୋଗୀ ଜ୍ୟୋତି ମେହେରଙ୍କୁ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ ଆସ୍ଥା ଗୃହକୁ ପଠାଯାଇଛି। ୩ ପୁଅଙ୍କୁ ନେଇ ତାଙ୍କର ପରିବାର ଚାଲିଥିବା ବେଳେ ସ୍ତ୍ରୀ ମାନସିକ ରୋଗୀ। ଅର୍ଥ ଅଭାବରୁ ହିରାଧର ସ୍ତ୍ରୀଙ୍କ ଚିକିତ୍ସା କରିପାରି ନ ଥିଲେ। ଏଥିସହ ତିନି ପୁଅଙ୍କ ଲାଳନ ପାଳନ ଠିକ ଭାବେ କରିପାରୁ ନ ଥିଲେ। ପ୍ରଥମେ ହିରାଧରଙ୍କ ୩ ପୁଅଙ୍କୁ ଉଦ୍ଧାର କରି ଖଡ଼ିଆଳସ୍ଥିତ କାରୁଣ୍ୟ ବାଲ ନିକେତନ ଆଶ୍ରମରେ ପାଠ ପଢିବାକୁ ପ୍ରଶାସନ ଛାଡ଼ିଛି। ପରେ ଖଡ଼ିଆଳ ସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡ଼ ରଞ୍ଜିତ ରାଉତଙ୍କ ତତ୍ତ୍ୱାବଧାନରେ ଡ଼ ଅର୍ଣ୍ଣବ ଶଙ୍କର ଦାଶ ଅସହାୟ ମାନସିକ ରୋଗୀ ଜ୍ୟୋତିଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



ହେଲେ ଜ୍ୟୋତିଙ୍କ ରୋଗ ଠିକ ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡଠାରେ ଥିବା ଆସ୍ଥା ଗୃହକୁ ଶୁକ୍ରବାର ସ୍ଥାନାନ୍ତର କରିଛନ୍ତି। ଅଧିକ ଚିକିତ୍ସା ପାଇଁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ ରଞ୍ଜିତ ରାଉତ ଜିଲା ପ୍ରଶାସନକୁ ଅବଗତ କରିବା ପରେ ଜିଲାପାଳ ଓ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନାନ୍ତର କରାଯାଇଛି। ସୁନ୍ଦରଗଡ ଆସ୍ଥା ଗୃହରେ ସମସ୍ତ ଚିକିତ୍ସା ସୁବିଧା ମିଳିବ ବୋଲି ଡ଼ ରାଉତ ପ୍ରକାଶ କରିଥିଲେ।

# ଜିଲାସ୍ତରୀୟ ନିଯୁକ୍ତିମେଳା: ୪୩୮ ଯୁବତୀଯୁବକ ଚୟନ

ନୂଆପଡ଼ା ଅଫିସ,୧୬।୧୨

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ନୂଆପଡା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥନୀୟ ପୋଲିସ ପଡିଆଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ରୋଜଗାର ବିନିମୟ ବିନୋଦ ପ୍ରକାଶ ଲାର୍କ୍ରାଙ୍କ ପୌରହିତ୍ୟ ମେଳାରେ ଜିଲାପାଳ ହେମାକାନ୍ତ ସାଏ ମୁଖ୍ୟଅତିଥି, ଜିଲା ଅରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ମଧୁଛନ୍ଦା ସାହୁ, ସଦର ବିଡିଓ ସୁବେଦାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିଲାପାଳ ରାଜ୍ୟ ସରକାର ଏପରି




ନିଯୁକ୍ତି ମେଳାରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ମେଳା ଆୟୋଜନ କରି ଗ୍ରାମାଞ୍ଚଳର ଯବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ଆଣି ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରାଧିକରଣ ମଧ୍ୟ ଖୋଲିଛନ୍ତି ବୋଲି କହିଥିଲେ। ମେଳାରେ ନୂଆପଡା ଓ କୋମନା ବ୍ଲକର ମୋଟ ୭୨୯ଜଣ ଯୁବତୀଯୁବକ ଯୋଗଦେଇଥିବା ବେଳେ ୧୩ଜଣ ନିଯୁକ୍ତିଦାତା ଓ ୯ଜଣ ପ୍ରକଳ୍ପ କାର୍ଯ୍ୟକାରିଣି ସଂସ୍ଥା ଯୋଗଦାନ କରିଥିଲେ। ଜିଲାର ୪୩୮ଜଣ ଯୁବତୀଯୁବକଙ୍କୁ ବିଭିନ୍ନ ନିଯୁକ୍ତି ସଂସ୍ଥା ପଞ୍ଜୀକୃତ କରିଥିବା ବେଳେ ୨୦୯ଜଣଙ୍କୁ ତାଲିମ ପ୍ରଦାନ ପାଇଁ ଚୟନ କରାଯାଇଥିବା ଜିଲା ରୋଜଗାର ଅଧିକାରୀ ଲାର୍କ୍ରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଜିଲା ପରିଷଦ ବରିଷ୍ଠ ସାହାୟକ ବିଭୁଦତ ମିଶ୍ର ପରିଚାଳନା କରିଥିଲେ। ଶନିବାର ଖଡିଆଳ ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆରେ ୨ୟ ପର୍ଯ୍ୟାୟ ନିଯୁକ୍ତି ମେଳା ହେବ।

# କଂସ ବଧ ସହ ଶେଷ ହେଲା ବୌଦ୍ଧ ଧନୁଯାତ୍ରା

**ବୌଦ୍ଧ,୧୬।୧୨(ସ୍ୱ.ପ୍ର.)**

ବୌଦ୍ଧ ଭୈରବୀ ପଡ଼ିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଦୀର୍ଘ ୮ଦିନ ଧରି ଚାଲିଥିବା ଧନୁଯାତ୍ରା ନାଟ୍ୟୋତ୍ସବ ଶୁକ୍ରବାର ଉଦ୍‌ଯାପନୀ ଦିନ କଂସ ବଧ ସହ ଧନୁଯାତ୍ରା ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅକ୍ରୁର କୃଷ୍ଣ, ବଳରାମ ଦୁଇ ଭାଇଙ୍କୁ ରଥରେ ବସାଇ ସହରର ରାଜରାସ୍ତାରେ ଶୋଭାଯାତ୍ରା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରଭୂ କୃଷ୍ଣବଳରାମଙ୍କ ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତମାନେ ରହି ଦର୍ଶନ କରିବା ସହ ଆତସବାଜୀ ଓ ଦୁଲଦୁଲି ବାଜାରେ ସହର କମ୍ପି ଉଠିଥିଲା। ଗୋଟିଏ ପଟେ ପ୍ରଭୂ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ଚାଲିଥିବାବେଳେ ଅନ୍ୟପଟେ ପ୍ରତାପୀ କଂସ ମହାରାଜଙ୍କ ସହ ବାଣାସୁର, ଶିଶୁପାଳ, ଜରାସନ୍ଧ ଏକ ବିରାଟ ରଥରେ ନାଚ, ଗୀତ, ଦୁଲଦୁଲି, ଘଣ୍ଟପାଟ ପଟୁଆରରେ ନଗର ପରିଭ୍ରମଣ କରିଥିଲେ। ଉଭୟଙ୍କ ରଥଯାତ୍ରା ପଡିଆକୁ ଆସିବା ପରେ ନାଟକ ଆରମ୍ଭ ହୋଇଥିଲା। ନାଟକରେ



ଶ୍ରୀକୃଷ୍ଣ ଓ ବଳରାମ ନଗର ପରିକ୍ରମା ସମୟରେ ପୂଜାର୍ଚ୍ଚନା କରାଯାଉଛି।

## କୃଷ୍ଣବଳରାମଙ୍କ ନଗର ପରିକ୍ରମା

ସୁଦାମା ମାଳିର ଫୁଲ ବେଶ, ମଲ୍ଲ ଯୁଦ୍ଧ, କୁବୁଜା ଉଦ୍ଧାର, ରଜକ ଦର୍ପ ଦଳନ ଆଦି ନାଟକ ପରିବେଷଣ ହୋଇଥିଲା। ଏହି ନାଟ୍ୟୋତ୍ସବରେ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହୋଇଆସୁଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ହୃଦାନନ୍ଦ ମେହର, ନିର୍ଦ୍ଦେଶକ ଦେବାଙ୍ଗନ ମେହେର ମଞ୍ଚାସୀନ ଥିଲେ। ଶେଷ ଦିନର ଯାତ୍ରାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ସିଡବ୍ଲ୍ୟୁସି ପ୍ରତିନିଧି ମଣ୍ଡଳୀଙ୍କ କ୍ଷେତ୍ର ପରିଦର୍ଶନ

**ସାଲୁଙ୍କି ନଦୀର ଗମ୍ଭୀରାଦରଠାରେ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା**



ସିଡବ୍ଲ୍ୟୁସିର ପ୍ରତିନିଧିଙ୍କ କ୍ଷେତ୍ର ପରିଦର୍ଶନ।

**ବୌଦ୍ଧ/ବଘିଆପଡ଼ା,୧୬।୧୨ (ସ୍ୱ.ପ୍ର/ଡି.ଏନ.ଏ):** ବୌଦ୍ଧ ଜିଲାର ଗମ୍ଭୀରାଦରଠାରେ ସାଲୁଙ୍କି ନଦୀ ଉପରେ ଜଳ ସଂରକ୍ଷଣ ପାଇଁ ବ୍ୟାରେଜ ଓ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦ୍ର ଜଳ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା କିଷାନ ସଂଘ ପକ୍ଷରୁ ମଧ୍ୟ ବହୁବାର ଗମ୍ଭୀରାଦରଠାରେ ଏକ ଡ୍ୟାମ କରି ଚାଷ ଜମିକୁ ପାଣି ଯୋଗାଇ ଦେବାକୁ ଦାବି ହୋଇଆସୁଥିଲା। ଏହି ପ୍ରକଳ୍ପ ଯଦି କାର୍ଯ୍ୟକ୍ଷମ ହୁଏ ଆଗାମୀ ଦିନରେ ଜିଲାର ଚାଷୀ ଉପକୃତ ହୋଇପାରିବେ। ଦାବିପତ୍ର ପ୍ରଦାନ ପରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ବୌଦ୍ଧ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହାର ସର୍ଭେ କରାଯିବାକୁ ଏକ ପ୍ରସ୍ତାବ ସରକାରଙ୍କୁ ଦେବାକୁ କମିଟି ରାଜି ହୋଇଛି। କମିଟିରେ ସିଡବ୍ଲ୍ୟୁସିର ମୁଖ୍ୟଯନ୍ତ୍ରୀ ଇଂ ଏ.କେ ପ୍ରଧାନ, ଡେପୁଟି ଡାଇରେକ୍ଟର ଆର.ରାମ ପ୍ରସାଦ, ମେଗାଲିଫ୍ଟ ଅଧିକ୍ଷଣ ଯନ୍ତ୍ରୀ ଗୁରୁଚରଣ ପୃଷ୍ଟି ପ୍ରମୁଖ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ପ୍ରେମାନନ୍ଦ ମିଶ୍ର, ସୂର୍ଯ୍ୟନାରାୟଣ ମହାପାତ୍ର, ବିଶିକେଶନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା

**ସୋନପୁର,୧୬।୧୨(ନି. ପ୍ର.):** ସୋନପୁର ସଦର ବ୍ଲକ ଅନ୍ତର୍ଗତ ପ୍ରତାପପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାପଥର ସରପଞ୍ଚ ନବୀନ ମେହେର ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ୱାର୍ଡ ସଭ୍ୟ ବିଶ୍ୱନାଥ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୁନିୟର ରେଡକ୍ରସ ପରାମର୍ଶ ଦାତା ଶିକ୍ଷକ ଗୋପେଶ ପଣ୍ଡା କ୍ରୀଡା ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ମେହେର, ଶିକ୍ଷକ ଅକ୍ଷୟ କୁମାର ଜେନା, ମହେନ୍ଦ୍ରୀ ପଣ୍ଡା , ଜୟରାମ ପଣ୍ଡା ଓ ସ୍ୱେଚ୍ଛାସେବୀ ବିକାଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସମ୍ବଲପୁରୀ ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

**ବୌଦ୍ଧ,୧୬।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଚାଲିଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଗଡଜାତ ଲୋକ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କ ଯୋଜନା ସମନ୍ୱୟ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଉପଜିଲାପାଳ ରବୀନ୍ଦ୍ରନାଥ କହଁର ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଥମେ ମା' ଭୈରବୀ ଓ ଜଗନ୍ନାଥଙ୍କଠାରେ



ଗଡଜାତ ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଗଡ଼ଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପୂଜାର୍ଚ୍ଚନା କରାଯାଇଥିଲା। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଛି। ୭୦ ଷ୍ଟଲରେ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଉଥିବାବେଳେ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲାଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ ଶିଶୁ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ସିନେ କଳାକାର ସୁଶ୍ରୀ ଚାନ୍ଦିନୀ ଜେନାଙ୍କ ଅଭିନୟ ଓ ସମ୍ବଲପୁରୀ ଲୋକନୃତ୍ୟରେ ମଞ୍ଚ ଦୁଲୁକି ଥିଲା। ଶୀତ ସତ୍ତ୍ୱେ ଲୋକମାନେ ନାଚକୁ ଉପଭୋଗ କରିଥିଲେ।

# ବିଶ୍ୱକପ୍ ହକି ଅବସରରେ ବାର୍ଷିକ କ୍ରୀଡ଼ା

**ରୁପ୍ରା ରୋଡ଼,୧୬।୧୨(ଡି.ଏନ.ଏ.)**

ପୁରୁଷ ବିଶ୍ୱକପ ହକି ଅବସରରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ତୁଲାପଡା ସରକାରୀ ଦାମୋଦର ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। କ୍ରୀଡା ଶିକ୍ଷକ ସନ୍ତୋଷାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ନାରାୟଣ ପଧାନ (୧), ନାରାୟଣ ପଧାନ (୨), ସୁରେଶ ନାୟକ, ଶରତ ନାୟକ, ଧ୍ରୁବ ନାଗ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ମଲ୍ଲିହାର ପଧାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଅଞ୍ଜଳି ପଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ହକି ଖେଳ ପରେ ୧୦୦, ୨୦୦, ୪୦୦, ୬୦୦, ମିଟର ଦୌଡ ପ୍ରତିଯୋଗିତା ହୋଇଥିଲା।

# ଦିଗଶିରା ଆଞ୍ଚଳିକ ଧନୁଯାତ୍ରାର କଂସବରଣ ଓ ଶୁଭସ୍ତମ୍ଭ ସ୍ଥାପିତ

**ଡୁଙ୍ଗୁରିପାଲି,୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମରେ ଜାନୁୟାରୀ ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ୧୨ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର କଂସବରଣ ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ସନ୍ଧ୍ୟାରେ ଦିଗଶିରା ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଯାତ୍ରା ପଡିଆରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ କଂସ ଭୂମିକାରେ ଅଭିନୟ କରିବାକୁ ବରଗଡ଼ ଜିଲା ଦେଓଗାଁ ଗ୍ରାମର ଜଗଦାନନ୍ଦ ମିଶ୍ରଙ୍କୁ ଯାତ୍ରା କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ କମିଟିର ସଭାପତି ତଥା ଦିଗଶିରା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲବ ମେହେରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧନୁଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଦିଗଶିରା ଗ୍ରାମର ଶିଶୁ କଳାକାର ଆୟୁଷ୍ମାନ ଦାଶ କୃଷ୍ଣ ଭୂମିକାରେ ଓ ଅଂଶୁମାନ ଦାଶ ବଳରାମ ଭୂମିକାରେ ଅଭିନୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯାତ୍ରା କମିଟିର ସମ୍ପାଦକ ଭାବେ ପ୍ରଦୀପ ମହାନନ୍ଦ ରହିଛନ୍ତି। ଏହାଛଡା କାର୍ଯ୍ୟକାରୀ କମିଟିରେ ସଭ୍ୟ ଭାବେ ମନମୋହନ ଦାସ, ଜିତୁ ପଧାନ, ରାଜେନ୍ଦ୍ର ପଧାନ, ଦୁଃଖୁ ରଣା, ଦୀନବନ୍ଧୁ ସୁନା, ସହଦେବ ପଧାନ, ରମେଶ ମେହେର, ମହେଶ୍ୱର ସୁନା, ମନୋଜ ପୁଟେଲ, ମହାଦେବ ସାଗର, ପବିତ୍ର ଦଣ୍ଡସେନା, ଭୂତନାଥ ମେହେର, ଶଶୀ ମିଶ୍ର, ବିଜେ ବେହେରା, ଆନନ୍ଦ ମେହେର, ସୁରେଶ ବାଗ, ସର୍ଜନ ମହାନନ୍ଦ, ଆନନ୍ଦ ସାହୁ, ଦୁଃଖୁ ବାରିକ, ରାଜ କୁମାର ରଣା, ସୁଶାନ୍ତ ମେହେର, ପରଦେଶୀ ରଣା, ଇନ୍ଦ୍ର ମେହେର, ହାଡୁ ମେହେର, ନାରାୟଣ ରଣା, ହିମାଂଶୁ ସୁନା ରହିଛନ୍ତି। ବୈଠକରେ ମଧ ଗ୍ରାମବାସୀ ଉପସ୍ଥିତ ଥିଲେ। ଯାତ୍ରା ପଡିଆକୁ ମଥୁରା ନଗରୀ ଭାବେ ରଖାଯାଇଥିବା ବେଳେ ଗଡତିଆପଡ଼ାକୁ ଗୋପପୁର ଭାବେ ରଖାଯାଇଛି। ଶେଷରେ ଦୀନବନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



ଦିଗଶିରା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଉପସ୍ଥିତ କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀ।

# ଶ୍ରୀରାମ କଲେଜର ୪୪ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଏସ.ରାମପୁର/ସୋନପୁର, ୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ କଲେଜର ୪୪ ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତରଣୀସେନ ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ତଥା ପରିଚାଳନା କମିଟିର ସଭ୍ୟ ଦୁର୍ଗାପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମପୁର ରାମଜୀ ମନ୍ଦିରରୁ ଛାତ୍ର ଅଙ୍କିତ କୁମାର ସାହୁ, କରଣ ସେଠ, ଧନଞ୍ଜୟ ଭୋଇ, ବିକାଶ ଭୋଇ, ଦେବେନ୍ଦ୍ର ବେହେରା ଓ ସିପନ ପଧାନ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସିଦ୍ଧାର୍ଥ ମହାବିଦ୍ୟାଳୟ, ବିନିକା ର ଖେଳ ଶିକ୍ଷକ ନାରାୟଣ ଚୌଧୁରୀ, ସୁଜିତ ଭୋଇ, ଦେବାନନ୍ଦ ଭୋଇ,ସ୍ୱପ୍ନ ସାଗର ସରାଫ ସମେତ ସୁରେଶ ମେହେର ବିଭିନ୍ନ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ସମୁଦାୟ ୪୪ ଗୋଟି ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସିଦ୍ଧାର୍ଥ ମହାବିଦ୍ୟାଳୟ ବିନିକା ଓ ଶ୍ରୀରାମ ମହାବିଦ୍ୟାଳୟ, ରାମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା କବାଡି ପ୍ରତିଯୋଗିତାରେ ସ୍ଥାନୀୟ ମହାବିଦ୍ୟାଳୟ ବିଜୟୀ ଲାଭ କରିଥିଲା। ଯୁକ୍ତ ଦୁଇ ଛାତ୍ରୀ ରଶ୍ମି ପାଣ୍ଡେ, ଯୁକ୍ତ ଦୁଇ ଛାତ୍ର ଓଁ ପ୍ରକାଶ ଭୁଏ, ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ଚିନ୍ମୟୀ ନାୟକ ଓ ଯୁକ୍ତ ତିନି ବର୍ଷର ଛାତ୍ର ଭୋଳାନାଥ ବାରିକ ଚାମ୍ପିୟନ ହୋଇଥିଲେ। କ୍ରୀଡା ଉତ୍ସବର ଆବାହକ ଅଧ୍ୟାପକ ମିଳନ କୁମାର ବର୍ଗେ, ଡ. ଲିଙ୍ଗରାଜ ସାହୁ, ଟିକେଚାନ୍ଦ ବାଗ,ଅଧ୍ୟାପିକା ମୋନାଲିଶା ମହାନ୍ତି ଓ ସୁଜାତା ସାହୁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୁରସ୍କାର ବିତରଣରେ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ଓ ଅଧ୍ୟାପକ ଅଶ୍ୱିନୀ କୁମାର ପର୍ଡିଆ ସହଯୋଗ କରିଥିଲେ। ପ୍ରାକ୍ତନ ଛାତ୍ର ଶଶୀକାନ୍ତ ସାହୁ ଓ ମହାବିଦ୍ୟାଳୟର ଆଲୁମିନି ଆସୋସିଏସନ ତରଫରୁ ଭିନ୍ନ ଭିନ୍ନ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଟିକେଚାନ୍ଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ବୀରମହାରାଜପୁରରେ ମେଡିକାଲ କର୍ମଚାରୀମାନଙ୍କ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ଅମରପାଲି,୧୬।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡୀୟ ଚିକିତ୍ସାଳୟ ପରିସରରେ ଉପଖଣ୍ଡସ୍ତରୀୟ ଡାକ୍ତର ଓ କର୍ମଚାରୀମାନଙ୍କୁ ନେଇ ଏକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଏସଡିଏଚର ଅଧ୍ୟକ୍ଷ ଡା. ସତ୍ପେଶର ବେହେରା ଓ ହିସାବ ରକ୍ଷକ ଅବିନାଶ ହୋତା, ଟେକନିସିଆନ ପ୍ରତ୍ୟୁଷ ରଥ ଓ ଫାର୍ମାସିଷ୍ଟ ପ୍ରିୟବ୍ରତ ଜଗଦଲା ନିଜ ନିଜ ଗ୍ରୁପରୁ ବିଜୟୀ ହୋଇଥିବା ବେଳେ ମହିଳା ବିଭାଗରେ ପ୍ରିୟଙ୍କା ସାହୁ ଓ ସ୍ୱାଗତିକା ସ୍ୱାଇଁ ବିଜୟୀ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଖେଳାଳିମାନେ ଶନିବାର ଆୟୋଜିତ





ବୀରମହାରାଜପୁର ଡାକ୍ତରଖାନା ପରିସରରେ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି।

ହେବାକୁ ଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସଚନା ମିଳିଛି। ବୀରମହାରାଜପୁର ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଏସ.ଡି.ଏଚ ପରିସର ରେ ଅନୁଷ୍ଠିତ ହେବ।

# ତେଲିପାଲିକୁ ହରାଇ ଉଫୁଲା ସେମିଫାଇନାଲରେ

**ଅମରପାଲି,୧୬।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସ ଷ୍ଟାର କ୍ଲବ ଆନୁକୂଲ୍ୟରେ ହେଉଥିବା ୩୦ତମ ଅମରପାଲି କ୍ରିକେଟ କପର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ମ୍ୟାଚ ଅନ୍ଧାରି ଓ ଉଫୁଲା ମଧ୍ୟରେ ଥିଲା। ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୦୦ ରନ କରିଥିଲା। ଜବାବରେ ଅନ୍ଧାରି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୯୮ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମାନେଶ୍ୱର ଓ ତେଲିପାଲି ମଧ୍ୟରେ ହୋଇଥିଲା। ମାନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୯ରନ କରିଥିଲା। ଜବାବରେ ତେଲିପାଲି ଦଳ ୮.୫ ଓଭରରେ ୩ ଉଇକେଟ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ଉଫୁଲା ଓ ଦ୍ୱିତୀୟ ମ୍ୟାଚର ବିଜେତା ତେଲିପାଲି ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଉଫୁଲା ବ୍ୟାଟିଂ କରି ରାଜକୁମାର ମେହେରଙ୍କ ୨୫ବଲରୁ ୮୪ରନ ଓ ସୁନିଲ ସେଠୀଙ୍କ ୬୫ରନ ସହାୟତାରେ ନିର୍ଦ୍ଧାରିତ ୧୦ଓଭରରେ ଗୋଟିଏ ଉଇକେଟ ହରାଇ ୧୬୪ ରନ କରିଥିଲା। ଜବାବରେ ତେଲିପାଲି ଦଳ ୧୦ ଓଭରରେ ୯ ଉଇକେଟ ହରାଇ ୮୫ରନ କରିଥିଲା। ଫଳରେ ଉଫୁଲା ବିଜୟୀ ହୋଇ ସେମିଫାଇନାଲ ରେ ପ୍ରବେଶ କରିଛି। ଆୟୋଜକ କମିଟିର ସଭାପତି ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଅମରପାଲିସ୍ଥିତ ସାଇ ଶିକ୍ଷା ନିକେତନରର ସମ୍ପାଦକ ସରୋଜ କୁମାର ସାହୁ ଓ ଶିକ୍ଷାବିତ ବ୍ରହ୍ମାନନ୍ଦ ପଧାନ ଅତିଥି ଭାବେ ଯୋଗଦେଇ ଉଫୁଲାର ରାଜକୁମାର ମେହେରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ସୁରେଶ ବିଶି,ଶ୍ରୀତମ ପଧାନ,ସମ୍ବିତ ମାଝି,ଭାଗବତ ପଧାନ ଓ ଅନନ୍ତ ପ୍ରଧାନ ଅମ୍ପାୟାର,ଯୁଧିଷ୍ଠିର ସାହୁ ସ୍କୋରିଂ,ନିତମ ରଞ୍ଜନ ପଧାନ ଓ ରିମନ ସାହୁ ଅନ୍‌ଲାଇନ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ ଓ ଶୁଭେନ୍ଦୁ ଶେଖର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।





ଅତିଥିଙ୍କ ସହିତ ବିଜୟୀ ଉଫୁଲା ଦଳ।

# ସମିତି ନିବନ୍ଧନ ନବୀକରଣକୁ ସ୍ୱେଚ୍ଛାସେବୀ ସଙ୍ଗଠନର ବିରୋଧ

**ସୋନପୁର,୧୬।୧୨(ନି.ପ୍ର.)**

ରାଜ୍ୟ ସରକାର ସ୍ୱେଚ୍ଛାସେବୀ ସଂଗଠନଗୁଡିକ ପ୍ରତି ପାତରଅନ୍ତର ମନୋଭାବ ପୋଷଣ କରୁଛନ୍ତି। ସମବାୟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ସରକାରୀ ଅନୁଷ୍ଠାନଗୁଡିକୁ ନବୀକରଣରୁ ବାଦ୍ ଦିଆ ଯାଇଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ନବୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଏଣିକି ପ୍ରତି ୫ ବର୍ଷରେ ସଂଗଠନଗୁଡିକ ସମ୍ପୂର୍ଣ୍ଣ କାଗଜାତ ଦାଖଲ କରି ନବୀକରଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସରକାରଙ୍କ ଏଭଳି ମନୋଭାବକୁ ସୁବର୍ଣ୍ଣପୁର ଜିଲାର ସ୍ୱେଚ୍ଛାସେବୀ ସଂଗଠନଗୁଡିକ ବିରୋଧ କରିଛନ୍ତି। ଶୁକ୍ରବାର ସ୍ୱେଚ୍ଛାସେବୀ ସଂଗଠନ ରେଆରର ସୋନପୁର ବ୍ଲକ ଧୋବାମୁଣ୍ଡାସ୍ଥିତ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ରେଆର ସୋନପୁର ଓ କ୍ଲାପ କଟକର ମିଳିତ ଆୟୋଜନରେ ଅନୁଷ୍ଠିତ ବୈଠକକୁ ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିଲେ। କ୍ଲାପ



ବୈଠକରେ ଉପସ୍ଥିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା।

ଅନୁଷ୍ଠାନର ସଭାପତି ଡ. ବିକାଶ ଦାସ ଯୋଗଦେଇ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ପ୍ରତି ସରକାରଙ୍କ ମନୋଭାବକୁ ସମାଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲାର ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସରକାରଙ୍କ ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିବାକୁ ଡ. ଦାସ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅନ୍ୟତମ ସଦସ୍ୟ ପୁରୁଷୋତ୍ତମ ସାହୁ ତାଙ୍କ ବକ୍ତବ୍ୟରେ ଜିଲାର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଗଠିତ ହୋଇ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଚନ୍ଦ୍ରଶେଖର ପୁରୋହିତ ଏ କ୍ଷେତ୍ରରେ ଆଇନଗତ ସହାୟତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସାଗର ସଙ୍ଗମ ରାଜୁ, ଗୌରୀଶ୍ୟାମ ପଣ୍ଡାଙ୍କ ସମେତ ସୁବର୍ଣ୍ଣା, ଗ୍ରାମଥାନ, ଏଚଟୁଓ, ଯୁବ ମହାସଂଘ ଉଲୁଣ୍ଡା, ସିୟା ପରିବାର, ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟ, ଲାଲ ବାହାଦୁର ଯୁବକ ସଂଘ, ମହାନଦୀ ଯୁବ ସଂଗଠନ, ଯୁବ ଜ୍ୟୋତି ଯୁବକ ସଂଘ, ଜିଲା ଆର୍ଯୁବେଦିକ ସଂଘ ଓ ଜିଲା ଭିନ୍ନକ୍ଷମ ଅଭିଭାବକ ସଂଘର ପ୍ରତିନିଧି ଯୋଗ ଦେଇଥିଲେ। ତରଭା ମୂକ ବଧିର ବିଦ୍ୟାଳୟର ସମ୍ପାଦକ ରାଜେନ୍ଦ୍ର ରଣା ଧନ୍ୟବାଦ ପ୍ରଦାନ କରିଥିଲେ। ସୁଶାନ୍ତ ସା, ଗୁଣନିଧି ମାଝୀ, ମନୋଜ ସ୍ୱାଇଁ, ଉଦ୍ଧବ ବାଘ, ସୁଦାମ ଗାଇଗରିଆ, ସନ୍ଧ୍ୟା ଜଗଦଲା ଓ ସୋନାଲି ସୁନା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଶାସ୍ତ୍ରୀୟ ସଙ୍ଗୀତ ସାଧନାର ଉଦାହରଣ ଏଲ୍. ନୀତେଶ କୁମାର

ଦେବଗଡ଼, ୧୬।୧୨(ଡି.ଏନ୍.ଏ.)

ଦେବଗଡ଼ ସହରରେ ଜନ୍ମିତ ପଶ୍ଚିମ ଓଡ଼ିଶାର ଗୌରବ ଏଲ୍. ନୀତେଶ କୁମାର। ଶାସ୍ତ୍ରୀୟ ସଙ୍ଗୀତ ଶିଖିବାର ଆଗ୍ରହ ତାଙ୍କୁ ଆଗକୁ ନେବାରେ, ସଙ୍ଗୀତ ଜଗତରେ ଏକ ଉଦାହରଣ ପାଲଟିବାକୁ ସହାୟ ହୋଇଛି। ବର୍ତ୍ତମାନ ସେ ମୁମ୍ବାଇରେ ଗୁରୁ ପଦ୍ମଶ୍ରୀ ଅନୁପ ଜଲୋଟାଙ୍କ ନିକଟରେ ସଙ୍ଗୀତ ଶିକ୍ଷା ଗ୍ରହଣ କରୁଛନ୍ତି। ତାଙ୍କ ଗୁରୁକୁଳରେ ଶିକ୍ଷାଦାନ ମଧ୍ୟ କରୁଛନ୍ତି। ନିକଟରେ ତାଙ୍କର ଭଜନ ପରମ୍ପରା ଆଲବମ୍ ଟି-ସିରିଜ କମ୍ପାନୀରେ ମୁକ୍ତିଲାଭ କରିଛି। ଯେଉଁଥିରେ ଏଲ୍. ନୀତେଶ କୁମାର ଓ ତାଙ୍କ ଗୁରୁ ଅନୁପ ଜଲୋଟା କଣ୍ଠଦାନ କରିଛନ୍ତି। ମୁମ୍ବାଇଠାରେ ଏହି ଆଲବମ୍‌ର ଶୁଭାରମ୍ଭ କରିଥିଲେ ଦୂରଦର୍ଶନରେ ପ୍ରସାରିତ ହୋଇଥିବା 'ରାମାୟଣରେ' ଶ୍ରୀରାମଚନ୍ଦ୍ରଙ୍କ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ ଏବଂ ଭଜନ ସମ୍ରାଟ ପଦ୍ମଶ୍ରୀ ଅନୁପ ଜଲୋଟା। ନୀତେଶ ୧୦ ବର୍ଷ ବୟସରେ ତାଙ୍କ ମାଆ ଲଳିତା ସାହୁଙ୍କଠାରୁ ପ୍ରେରଣା ପାଇ ସଙ୍ଗୀତ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଦେବଗଡ଼ର ସଙ୍ଗୀତ ଗୁରୁ ମୀନକେତନ ମହାନ୍ତିଙ୍କଠାରୁ ସେ ପ୍ରଥମେ ସଙ୍ଗୀତ ଶିକ୍ଷା କରିଥିଲେ। ପରେ ଗୁରୁ ରାଜେନ୍ଦ୍ର କୁମାର ବେହେରାଙ୍କଠାରୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ। ଗୁରୁ ରଞ୍ଜନ ବେହେରାଙ୍କଠାରୁ ଭଜନ ଶିକ୍ଷା କରିଥିଲେ। ପିଲାଟି ଦିନରୁ ତାଙ୍କର ଭଜନ ଓ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଆଗ୍ରହ ରହିଥିଲା।



ଗୁରୁ ପଦ୍ମଶ୍ରୀ ଅନୁପ ଜଲୋଟାଙ୍କ ସହ ନୀତେଶ।




ଭଜନ ପରମ୍ପରା ଆଲବମ୍ ଶୁଭାରମ୍ଭ ମୂହୂର୍ତ୍ତ।

ଦେବଗଡ଼ରୁ ଫିଜିକ୍ସରେ ସ୍ନାତକ ପରେ ଭୁବନେଶ୍ୱର ଯାଇଥିଲେ। ସେଠାରେ ସେ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ। ଏହି ସମୟରେ କଲିକତାର ଅନୋଲ ଚାଟାର୍ଜୀଙ୍କଠାରୁ ମଧ୍ୟ ଶିକ୍ଷା ଲାଭ କରିଥିଲେ। ୨୦୧୪ରେ ଅନୁପ ଜଲୋଟା ଭୁବନେଶ୍ୱର ଆସିଥିବାବେଳେ ଏକ କାର୍ଯ୍ୟକ୍ରମରେ ଏଲ୍.ନୀତେଶ କୁମାର ତାଙ୍କୁ ଭେଟିଥିଲେ। ସଙ୍ଗୀତ ଶିକ୍ଷା ପ୍ରତି ଆଗ୍ରହ ଓ ତାଙ୍କର ସୁମଧୁର କଣ୍ଠ ଶୁଣି ନୀତେଶଙ୍କୁ ମୁମ୍ବାଇ ଯିବାକୁ କହିଥିଲେ। ତା'ପରେ ୨୦୧୬ରେ ସେ ମୁମ୍ବାଇ ଯାଇଥିଲେ। ସେଠାରେ ସେ ଅନୁପ ଜଲୋଟାଙ୍କଠାରୁ ଭଜନ, ଶାସ୍ତ୍ରୀୟ ସଙ୍ଗୀତ



ଏଲ୍. ନୀତେଶ କୁମାର।

ଶିକ୍ଷା ଆରମ୍ଭ କରିଥିଲେ। ସେହିଦିନଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ତାଙ୍କର ସଙ୍ଗୀତ ଶିକ୍ଷା ଆଜି ପର୍ଯ୍ୟନ୍ତ ଜାରି ରଖିଛନ୍ତି। ନୀତେଶ ଜଣେ ଉପଯୁକ୍ତ ଶିଷ୍ୟ ଭାବେ ଅନୁପ ଜଲୋଟାଙ୍କ ଶିକ୍ଷା, ପ୍ରତ୍ୟେକ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି।

ସେ ଗୁରୁଶିଷ୍ୟ ପରମ୍ପରାର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି। ନୀତେଶ ଦେବଗଡ଼ ସହରର ବାସିନ୍ଦା ପ୍ରେମରାଜ ସାହୁଙ୍କ ସାନପୁଅ। ଚାରି ଭାଇଙ୍କ ମଧ୍ୟରେ ସେ ସାନ। ନୀତେଶ ଛତିଶଗଡ଼ର ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଏହା ମଧ୍ୟରେ ଭାରତର ପ୍ରମୁଖ ସହର ସହିତ ୧୨ଶହରୁ ଊର୍ଦ୍ଧ୍ୱ ସ୍ଥାନରେ ଭଜନ, ଶାସ୍ତ୍ରୀୟ ସଙ୍ଗୀତ ଗାଇ ସୁନାମ ଅର୍ଜନ କରିଛନ୍ତି। ଏହା ସହ ବିଦେଶରେ, ଯେପରିକି ଦକ୍ଷିଣ ଆଫ୍ରିକା, ଦୁବାଇ, ଅଷ୍ଟ୍ରେଲିଆ ଆଦି ଦେଶରେ ନିଜର ଉତ୍କୃଷ୍ଟ କଳା ପରିବେଷଣ କରି ଖୁବ୍ ଆଦର ଓ ପ୍ରଶଂସା ପାଇଛନ୍ତି। କେଉଁଠି ସେ ଗୁରୁ ଜଲୋଟାଙ୍କ ସହିତ ଗାଇଛନ୍ତି ତ କେଉଁଠି ଅନୁରାଧା ପୋଡ଼୍‌ୱାଲଙ୍କ ସହିତ ଗାଇଛନ୍ତି। କେଉଁଠି ଏକୁଟିଆ ମଧ୍ୟ ମଞ୍ଚରେ ଗାଇ ଶ୍ରୋତାଙ୍କ ମନ କିଣିଛନ୍ତି। ସେ ଭଜନ, ଶାସ୍ତ୍ରୀୟ ସଙ୍ଗୀତ ଗାଇବା ସହ ଭଲ ଭାବେ ହାରମୋନିୟମ ବଜାଇ ପାରନ୍ତି। ସେ ଦେଶର ପ୍ରତିଷ୍ଠିତ ଓ ସୁନାମଧନ୍ୟ ମ୍ୟୁଜିକ କମ୍ପାନୀ ଆଲବମରେ ଗାଇଛନ୍ତି। ପ୍ରତିଷ୍ଠିତ ମ୍ୟୁଜିକ କମ୍ପାନୀଗୁଡ଼ିକ ନୀତେଶଙ୍କୁ ନେଇ ସଙ୍ଗୀତ ଆଲବମ ପ୍ରସ୍ତୁତ କରିବାକୁ ବେଶି ଆଗ୍ରହୀ ଥିବା ଜଣାଯାଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସିନିୟର ସ୍କଲାରଶିପ୍ ପାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୯ରେ ପୁରସ୍କୃତ ହୋଇଛନ୍ତି। ଏହା ସହ ସେ ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ହନୁମତି କ୍ରିପା ସଙ୍ଗୀତ କଳା ମଞ୍ଚ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେ ଦେଶର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ହୋଇ ତାଙ୍କର ଗୁରୁଙ୍କ ନାମ ରଖିବେ ବୋଲି କହିଛନ୍ତି। ବାସ୍ତବିକ ତାଙ୍କର ସଙ୍ଗୀତ ଶିକ୍ଷା କରିବାର ଆଗ୍ରହ ତାଙ୍କୁ ଆଜି ଦେବଗଡ଼ରୁ ମୁମ୍ବାଇକୁ ଟାଣିନେଇଛି।

## ସଂକ୍ଷେପରେ

### ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ସୁନ୍ଦରଗଡ଼,୧୬।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଦୌରାଜଜ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତ ସୁନୀଲ ଲାକ୍ରାଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଖତାଙ୍ଗ ତଳସାହି ଗ୍ରାମରେ ଏହି ଘଟଣା ୨୦୧୭ ମସିହାରେ ଘଟିଥିଲା। ଏହି ଘଟଣାରେ ଥିବା ଅଭିଯୁକ୍ତ ସୁନୀଲ ପୂର୍ବ ଜମିଜମା ବିବାଦ ଶତ୍ରୁତାକୁ ନେଇ ନିଜ ଭାଉଜକୁ ଘରେ ଶୋଇଥିବା ସମୟରେ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଆଘାତରେ ଭାଉଜ ମୁଣ୍ଡରୁ ରକ୍ତ ବାହାରି ତଳେ ପଡିଯାଇଥିଲେ। ପରେ ତାଙ୍କୁ ଡାକ୍ତରଖାନାକୁ ନେବା ପରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏହା ପରେ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ସେ ସମୟରେ ଥିବା ଅତିରିକ୍ତ ଥାନା ଅଧିକାରୀ ସସ୍ମିତା ମହନ୍ତ ରାଜଗାଙ୍ଗପୁର ଥାନା କେଶ ନଂ. ୧୩୭/ତାରିଖ ୧୬।୫।୨୦୧୭ରେ ତଦନ୍ତ କରିଥିଲେ। ୧୬ ଜଣଙ୍କ ସାକ୍ଷୀ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ଼ଯୁକ୍ତି ଏବଂ ପ୍ରତ୍ୟେକ୍ଷଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ଜିଲ ଦୌରା ଜଜ୍ ପଟ୍ଟନାୟକ ଦଫା ୩୦୪(୧) ଅନୁଯାଇ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ସରକାରୀ ଓକିଲ ଅବଦୁଲ ସମିମ ଅଖତର ପରିଚାଳନା କରୁଥିଲେ।

### ସେଟେଲମେଣ୍ଟ ପଟ୍ଟା ବଣ୍ଟନ ସ୍ଥାନରେ ଦୁଇ ଭାଇଙ୍କୁ ମାଡ଼

ବଡ଼ଗାଁ, ୧୬।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁର ମଣ୍ଡପ ନିକଟରେ ଶୁକ୍ରବାର ରାଜସ୍ୱ ବିଭାଗ ଦ୍ୱାରା ସେଟେଲମେଣ୍ଟ ପଟ୍ଟା ବଣ୍ଟନ କରାଯାଉଥିବାବେଳେ ଗୋଟିଏ ପରିବାରର ଜଣେ ମହିଳାଙ୍କ ସମେତ ୩ରୁ ଉର୍ଦ୍ଧ ବ୍ୟକ୍ତି ଦୁଇ ଭାଇଙ୍କୁ ମାଡ଼ ମାରି ଆହତ କରିଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଖର୍ଲା ଗ୍ରାମର ଭବାନୀ ଶଙ୍କର ନାଏକ (୭୨) ଓ ତାଙ୍କ ଭାଇ ବିନୋଦ ନାଏକ (୬୦) ଗରିଆମାଲ ଗାଁକୁ ବଣ୍ଟା ଯାଉଥିବା ପଟ୍ଟା ନେବା ପାଇଁ ଆସିଥିଲେ। ଭବାନୀ ଶଙ୍କର ତାଙ୍କ ପଟ୍ଟା ପାଇଲାପରେ ଗରିଆମାଲ ଗ୍ରାମର ବିଜୟଲକ୍ଷ୍ମୀ ରାଉତ ପଟ୍ଟା ଛଡ଼ାଇ ନେଇଥିଲେ। ଏହାପରେ ବିଜୟଲକ୍ଷ୍ମୀଙ୍କ ପୁଅ ବିକ୍ରମ ଓ ସ୍ୱାମୀ ଉପେନ୍ଦ୍ର ରାଉତ ଦୁଇ ଭାଇଙ୍କୁ ମାଡ଼ ମାରିଥିଲେ। ରକ୍ତାକ୍ତ ଅବସ୍ଥାରେ ଉଭୟେ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ଡିସେମ୍ବର ୨୨ରେ ବରିଷ୍ଠ ମହିଳା, ପୁରୁଷ ଭଲିବଲ ଖେଳାଳି ଚୟନ ଶିବିର

ସୁନ୍ଦରଗଡ,୧୬।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଉରକେଲା ଡିଏଭି ବିଦ୍ୟାଳୟ ଖେଳ ପଡିଆରେ ଆସନ୍ତା ଡିସେମ୍ବର ୨୨ରେ ଜିଲାର ବରିଷ୍ଠ ମହିଳା ଓ ପୁରୁଷ ଭଲିବଲ ଦଳ ପାଇଁ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ତେଣୁ ଇଚ୍ଛୁକ ଖେଳାଳି ନିଜ ନାମ ପଞ୍ଜିକରଣ ପାଇଁ ଆଧାରକାର୍ଡ ସହିତ ଉକ୍ତ ଦିନ ସକାଳ ୧୦ଟା ମଧରେ ଉପରୋକ୍ତ ଦର୍ଶାଯାଇଥିବା ଖେଳ ପଡିଆରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗନେଇ ପାରିବେ। ସବିଶେଷ ବିବରଣୀ ପାଇଁ ଜିଲା ଭଲିବଲ ସମ୍ପାଦକ ପ୍ରସାଦ ନାଏକଙ୍କୁ ୮୩୨୮୩୨୦୦୬, ରାଉରକେଲାର ରାଧାମୋହନ ନାଏକଙ୍କୁ ୯୪୩୭୪୦୭୧୯୫ ଏବଂ ଜ୍ଞାନରଞ୍ଜନ ପ୍ରହରାଜଙ୍କୁ ୭୮୦୯୫୬୨୩୮୬ ସମ୍ପର୍କ କରିବାକୁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ସୂଚନା ଦେଇଛନ୍ତି ।

### ସରକାରୀ ମେଡିକାଲ କଲେଜ, ହସ୍ପିଟାଲର ପ୍ରଥମ ବ୍ୟାଚ୍ ମୁଖ୍ୟ ଡାକ୍ତରଖାନା ପରିଦର୍ଶନ

ସୁନ୍ଦରଗଡ଼,୧୬।୧୨(ଡି.ଏନ.ଏ): ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଏବଂ ହସପିଟାଲର ନୂତନ କରି ଯୋଗ ଦେଇଥିବା ପ୍ରଥମ ବ୍ୟାଚ ଡାକ୍ତରୀ ଛାତ୍ରୀଛାତ୍ର ପ୍ରଥମ କରି ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନରେ ଆସିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପୂର୍ଣ୍ଣଚନ୍ଦ୍ର ସାହୁ ନବାଗତ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ରୋଗୀମାନଙ୍କ ପ୍ରତି ମାନବିକତା, ଦୟା ଓ ସମର୍ପିତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ଚୋରି ସାମଗ୍ରୀ ଉଦ୍ଧାର: ଅଟୋ ଜବତ, ୩ ଗିରଫ

ଲହୁଣୀପଡା,୧୬।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ-ବାରସୁଆଁ ପୂର୍ତ୍ତ ବିଭାଗ ରାସ୍ତାର ଦଲମକୁଚା ଗ୍ରାମ ନିକଟରେ ଲାଗିଥିବା ଲୁହାର ସ୍ପିଡ଼ ବ୍ରେକର ଚୋରିକରି ଲୁହା କଣ୍ଟା ବ୍ୟବସାୟୀ ପାଖରେ ବିକ୍ରି କରିଥିବା ଦୁଇ ବ୍ୟକ୍ତି ଓ ବେନିୟମ କଣ୍ଟା ବ୍ୟବସାୟୀ ମୋଟ ତିନିଜଣଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗାଡ଼ିର ଦ୍ରୁତଗତି ହ୍ରାସ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ସ୍ପିଡ଼ ବ୍ରେକର ମାନ ରଖାଯାଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ସୂଚନା ଖୁମ୍ବ ଦିଆଯାଇଛି। ସେସବୁକୁ ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଗଣିଘଷା ଗ୍ରାମର ଜର୍ମିଆ ମୁଣ୍ଡା(୨୬) ଓ ମଜେଶ ମୁଣ୍ଡା(୫୦) ଚୋରି କରି ବଡ଼ପୁରୁଣାପାଣି ପଞ୍ଚାୟତ ଜୁନିଆନି ଗ୍ରାମର ମଇମୁଦ୍ଦିନୀ ଅଲ୍ଲୀ (୪୫)ପାଖରେ ବିକ୍ରି କରି ଦେଇଥିଲେ। କୌଣସି ସୂତ୍ରରୁ ଖବରପାଇ ଲହୁଣୀପଡା ପୋଲିସ ଘଟଣାକୁ ଗୁରୁତର ଭାବେ ବିଚାରକୁ ନେବା ସହିତ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। ପୋଲିସ ତିନିଜଣଙ୍କୁ ପଚରାଉଚରା କରିଥିଲା। ସେମାନଙ୍କଠାରୁ ୭ ପିସ୍ ଲୁହାଖୁଣ୍ଟ, ଅକ୍ସିଜେନ ସିଲିଣ୍ଡର ଓ କିଛି ଲୁହା ଛଡ଼ ବୋଝେଇ ହୋଇଥିବା ଅଟୋ ଜବତ କରିବା ସହିତ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ସମ୍ବର୍ଦ୍ଧନା ସଭା

ଦେବଗଡ଼,୧୬।୧୨(ଡି.ଏନ୍.ଏ.)

ସ୍ଥାନୀୟ ନୋଟ୍ରୀ ଡେମ ଏକାଡେମୀରେ 'ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ସମ୍ବନ୍ଧିତ ଏକ ସଭା ଅନୁଷ୍ଠିତ ହେବା ସହ ଅହମ୍ମଦାବାଦଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ନୋଟ୍ରୀ ଡେମ ଏକାଡେମୀର ଛାତ୍ରୀ ଅନୁଷ୍କା ଲାକ୍ରା ଓ ଜ୍ୟୋତିର୍ମୟୀ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ଅଧକ୍ଷା ସିଷ୍ଟର ସୁସ୍ମିତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ, ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଗୁରୁ, ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ନକୁଳ ଚନ୍ଦ୍ର ମହାନ୍ତ, ଚିନ୍ମୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ରୋଜି ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାସହ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଅବଦାନ ଏବଂ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଟପ୍ପୋଙ୍କ ଦ୍ୱାରା ଅହମ୍ମଦାବାଦଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ନୋଟ୍ରୀ ଡେମ ଏକାଡେମୀର ଛାତ୍ରୀ ଅନୁଷ୍କା ଲାକ୍ରା ଓ ଜ୍ୟୋତିର୍ମୟୀ ସୁବୁଦ୍ଧିଙ୍କୁ ସିଲ୍ଡ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭା ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରଠାରେ ଆୟୋଜିତ ୩୦ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉପରୋକ୍ତ ଛାତ୍ରୀ ଦ୍ୱୟ ଅନୁଷ୍ଠାନର ମାର୍ଗଦର୍ଶକ ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ପ୍ରକଳ୍ପ 'ରିଭାଇଟାଲାଇଜିଂ ଦ ୱେଲ୍-ନେସ୍ ' ପ୍ରଦର୍ଶନ କରି ସଫଳତା ହାସଲ କରିବା ସହ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।



'ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ସମ୍ବନ୍ଧିତ ସଭାରେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମାଈ ହାତୀ ମୃତ୍ୟୁ ଘଟଣା: ଦୁଇ ଚାଷୀଙ୍କୁ ଅଟକ ନେଇ ଉତ୍ତେଜନା

ଦେବଗଡ଼, ୧୬।୧୨(ଡି.ଏନ୍.ଏ.)

ଗୁରୁବାର ଦେବଗଡ ଜିଲାର ଖିଲବେର୍ଣ୍ଣୀ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଇହାତୀ ମୃତ୍ୟୁ ଘଟଣାରେ ବନବିଭାଗ ପକ୍ଷରୁ ତଦନ୍ତ ଜୋରଦାର କରାଯାଇଛି। ଏହି ଘଟଣାରେ ବନବିଭାଗ ପକ୍ଷରୁ ଖିଲବେର୍ଣ୍ଣୀ ଗ୍ରାମର ଦୁଇଜଣ ଚାଷୀଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଦୁଇ ଗ୍ରାମବାସୀଙ୍କୁ ଅଟକ ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ବନବିଭାଗ କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଗ୍ରାମବାସୀ ବିରୋଧ କରିଛନ୍ତି। ମୃତହାତୀକୁ ବ୍ୟବଚ୍ଛେଦ ପରେ ପୋତିଦିଆଯାଇଛି। ହାତୀର ବିଭିନ୍ନ ଅଙ୍ଗର ଅଂଶବିଶେଷ ଓୟୁଏଟି ଭୁବନେଶରକୁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଦେବଗଡ଼ ଡିଏଫ୍ଓ ମଗର ଧାନାଜୀ ରାଓସୋ ସୂଚନା ଦେଇଛନ୍ତି।

## କଳାକାର ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ




ସୁନ୍ଦରଗଡ଼,୧୬।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ କଳାକାର ମଞ୍ଚ ତରଫରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଓଡ଼ିଆ ସିନେ ଅଭିନେତା ପ୍ରଦୀପ ଦତ୍ତ ଓ ବରିଷ୍ଠ କଳାକାର ରଞ୍ଜୁ ଠାକୁର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଇଡ଼ ଅଫ୍ ସୁନ୍ଦରଗଡ଼ ଭାବେ ପରିଚିତ ହୋଇଥିବା ସୁଜାତା ନାଏକ, ଚିତ୍ରକଳାରେ ରାଷ୍ଟ୍ରୀୟ ପୁରସ୍କାର ପାଇଥିବା ରାଜେନ୍ଦ୍ର ମେହେର, ନୂତନ ଓଡ଼ିଆ ଚଳଚ୍ଚିତ୍ର ପ୍ରତୀକ୍ଷାର ସଙ୍ଗୀତ ନିର୍ଦ୍ଦେଶକ ଦୂର୍ଗାମାଧବ ପଣ୍ଡା ଏବଂ ଗୀତିକାର ଆଶିଷ ପ୍ରଧାନଙ୍କୁ ସୁନ୍ଦରଗଡ଼ କଳାକାର ମଞ୍ଚ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ର କଳାକାର ରୋଶନ ସାହୁ, ଉଦ୍ଧବ ଭିତ୍ରିଆ, ଗୋପାଳ ପୃଷ୍ଟେଠ, ସୁନିତା ସାହୁ, ସୁସ୍ମିତା ହୋତା, ବିବେକ ନାଏକ, କବିତା ସାହୁ, ଲିପ୍ସା ଦାସ, ଅମୃତା ଶୁକ୍ଳା, ଲକ୍ଷ୍ମୀକାନ୍ତ ନାଏକ, ଚୈତାଲୀ ଦତ୍ତ, ନିଳିମା ମିସ୍ତ୍ରୀ, କୁନାଲ ଦେଓ, ଅକ୍ଷୟ ଡାକୁଆ, ବିସ୍ମୟ ପଟ୍ଟନାୟକ, ରାକ୍ଷୀ ସାହୁ, ସ୍ମିତା ରାଣୀ ମିଶ୍ର, ସୀମା ପଟେଲ, ୱରିୟର ପଟେଲ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦେବଗଡ଼ ଜିଲାରେ ଧାନମଣ୍ଡି ଶୁଭାରମ୍ଭ

ଦେବଗଡ଼, ୧୬।୧୨(ଡି.ଏନ୍.ଏ.)

ଖରିଫ ଧାନ କ୍ରୟ ନିମନ୍ତେ ଦେବଗଡ଼ ଜିଲାରେ ଶୁକ୍ରବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ତିଲେଇବଣି ବ୍ଲକ ସୁଗୁଡ଼ା କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ସୋମେଶ ଉପାଧ୍ୟାୟ ମଣ୍ଡିର ଶୁଭାରମ୍ଭ କରିଛନ୍ତି। ସେହିପରି ଜିଲାର ରିଆମାଳ ବ୍ଲକରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଓ ବାରକୋଟ ବ୍ଲକ ବସାଲୋଇ ପଞ୍ଚାୟତରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଫିତାକାଟି ମଣ୍ଡିର ଶୁଭାରମ୍ଭ କରିଛନ୍ତି। ଚଳିତ ଖରିଫ ଋତୁରେ ଜିଲାର ୨୯ସେବା ସମବାୟ ସମିତି ଜରିଆରେ ୪୫ ପିପିସି ସେଣ୍ଟରରେ ୨୦ହଜାର ୧୫୭ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଏଫ୍ଏକ୍ୟୁମାନର ଧାନ ୨ହଜାର ୪୦ ଟଙ୍କା ପ୍ରତି କୁଇଣ୍ଟାଲ ଏବଂ ଏଏଫ୍ଏକ୍ୟୁ ଧାନ ୨ହଜାର ୬୦ ଟଙ୍କା ପ୍ରତି କୁଇଣ୍ଟାଲ ଦରରେ ସାଢେ ୫ଲକ୍ଷ କୁଇଣ୍ଟାଲ ଧାନ ସେବା ସମବାୟ ସମିତି ଜରିଆରେ କ୍ରୟ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ସାରିଛି। ସେହିପରି ଚଳିତବର୍ଷ ଜିଲାରେ ପ୍ରଥମ ଥର ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ତିଲେଇବଣି ବ୍ଲକର ପାଳକୁଦର ଓ ରିଆମାଳ ବ୍ଲକର ତେଲିମୁଣ୍ଡାରେ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଏସ୍ଏଆରସିଏସ୍ ନିମାଇଁ ଚରଣ ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ନିର୍ବାହୀ ଅଧିକାରୀ ଲୁକାଶ ପ୍ରଧାନ, ଏଆର୍‌ସିଏସ୍ ପଦ୍ମଲୋଚନ ବେହେରା, ସୁଗୁଡ଼ା ସେବା ସମବାୟ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ମିଲର ସଞ୍ଜୀବ ଅଗ୍ରୱାଲ ଓ ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କ ସମେତ ବହୁ କୃଷକ ଯୋଗଦେଇଥିଲେ। ଟୋକନ ପାଇଥିବା ଚାଷୀ ମଣ୍ଡିରେ ନିଜ ଧାନ ବିକ୍ରି କରିଥିଲେ।



ସୁଗୁଡ଼ାରେ ଜିଲାପାଳ ସୋମେଶ ଉପାଧ୍ୟାୟ ମଣ୍ଡିର ଶୁଭାରମ୍ଭ କରୁଛନ୍ତି।

## ବିଧାୟକ, ଅଧକ୍ଷା, ବିଡିଓଙ୍କ ସହ ନାଚିଲେ ଜନପ୍ରତିନିଧି

ବଡ଼ଗାଁ, ୧୬।୧୨(ଡି.ଏନ୍.ଏ.)



ବିଧାୟକ, ବିଡ଼ିଓ, ବ୍ଲକ ଅଧକ୍ଷା ଓ ଜନପ୍ରତିନିଧି ସମୂହ ନୃତ୍ୟ ପରିବେଷଣ କରୁଛନ୍ତି।

### ବିଶ୍ୱ କପ୍ ହକି ଉପଲକ୍ଷେ ବ୍ଲକସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

ଓଡ଼ିଶାର ରାଉରକେଲା ଓ ଭୁବନେଶ୍ୱରରେ ହେବାକୁ ଥିବା ବିଶ୍ୱକପ ପୁରୁଷ ହକି ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ହକି ଓ ଫୁଟବଲ ପ୍ରତିଯୋଗିତା ହୋଇଛି। ଗୁରୁବାର ଠାରୁ ବ୍ଲକର ବିଭିନ୍ନ ଜୋନରେ ସାଂସ୍କୃତିକ ପ୍ରତିଯୋଗିତାଗୁଡିକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ 'କ' ଜୋନର ଭୋଇପାଲି ଗ୍ରାମରେ ଥିବା କଲ୍ୟାଣ ମଣ୍ଡପଠାରେ ୭ଟି ପଞ୍ଚାୟତର ୧୮ଟି ସାଂସ୍କୃତିକ ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜ ପୃଷେଟ, ବିଡ଼ିଓ କ୍ଷମାନିଧି ଭୋଇ, ଏବିଡିଓ ଉଷାବତୀ ଗରଡିଆ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବ୍ଲକ ଉପାଧକ୍ଷା ରଶ୍ମିତା ପଟେଲ, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ଫୁଲବାରୀ ସରପଞ୍ଚ ଯୋଗିନ୍ଦ୍ର କିଷାନ, ଟିକିଲିପଡା ସରପଞ୍ଚ ସାବିତ୍ରୀ ମାଝୀ, ବରଗାଁକଛାର ସରପଞ୍ଚ ରଜେଶ୍ୱରୀ କାଲୋ, ବଡ଼ଗାଁ ସରପଞ୍ଚ ସୁଗାଡ ସାମୁଏଲ ସଏ, ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ସାଂସଦ ପ୍ରତିନିଧି ଶିଶିର ରାଉତରାୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଡ଼ିଓ ଭୋଇ ସାଂସ୍କୃତିକ ପ୍ରତିଯୋଗିତାର ଉଦ୍ଦେଶ୍ୟ ଉପରେ ସୂଚନା ଦେଇ କଳା ସଂସ୍କୃତି ଉପରେ ସରକାରଙ୍କ ଆଭିମୁଖ୍ୟ ଜଣାଇଥିଲେ। ଜିଲା ତଥା ବ୍ଲକ ସଂସ୍କୃତି ବିଭାଗର ଉପସଭାପତି ଫକିରଚରଣ ବାଡ଼ା, କଳା ସଂସ୍କୃତି ଓ ଲୋକକଳା ଉପରେ ସମ୍ୟକ ବୁଝାଇଥିଲେ। କଳା ସଂସ୍କୃତିର ବିକାଶ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ସାଂସ୍କୃତିକ ପ୍ରତିଯୋଗିତାରେ କୁରେଇବଗା ଗ୍ରାମର ଶାନ୍ତିଲତା ମାଝିଙ୍କ ଦଳ ଆଦିବାସୀ କିସାନ ଝୁମେର ନୃତ୍ୟ, ମାଲିଆ କିସାନଙ୍କ ଦଳ ଆଦିବାସୀ କରମା ନୃତ୍ୟ, ନିରଞ୍ଜନ ତରିଆଙ୍କ ଦଳ ଉଦଣ୍ଡ କୀର୍ତ୍ତନ, ଫୁଲବାରି ଗ୍ରାମର କ୍ଷେତ୍ର ମୋହନ କିସାନଙ୍କ କିସାନ ନୃତ୍ୟ, ବୁଦନା ଗାଁର ସାଂସ୍କୃତିକ ଦଳ ଆଦିବାସୀ ନୃତ୍ୟ, ଇତମା ନିକଟ ଝାରମୁଣ୍ଡା ଗ୍ରାମର ବିଳାସିନୀ ବେହେରାଙ୍କ ଦଳ କୀର୍ତ୍ତନ, କୁମବାହାଲ ଗ୍ରାମର ମିତ୍ରଭାନୁ ପୃଷେଟଙ୍କ ଦଳ କୃଷ୍ଣଗୁରୁ, କୁସ୍ଥୁନା ଗ୍ରାମର କୁନ୍ତୀ ଦାସଙ୍କ ଦଳ ସଙ୍କୀର୍ତ୍ତନ, ପଟୁଆବେଡାର ନୃତ୍ୟ ଦଳ ମୁଣ୍ଡା ନାଚ ଓ ମହପଡାର ସାଂସ୍କୃତିକ ଦଳ କିସାନ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଜିଲା ସଂସ୍କୃତି ବିଭାଗର ଉପସଭାପତି ଫକିରଚରଣ ବାଡ଼ା, ଗାଳ୍ପିକ ହୃଦାନନ୍ଦ ପଟେଲ, ନିଖିଳ ପାଲା ପରିଷଦର ଉପଦେଷ୍ଟା ପ୍ରତାପ ବେଜୀ, ପାଲା କଳାକାର ଗୋକୁଳାନନ୍ଦ ବାରିକ ପ୍ରତିଯୋଗିତାରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ପଟୁଆବେଡା ଗାଁର ଯଶୋଦା ରୋହିଦାସଙ୍କ ଦଳ ପ୍ରଥମ, ବୁଦନା ଗାଁର ଶିବ ଶଙ୍କର ସାଙ୍କ ଦଳ ଦ୍ୱିତୀୟ ଓ କଣ୍ଟିଆମୁରା ଗ୍ରାମର ପଙ୍କଜ ମାଝିଙ୍କ ଦଳ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତା ଶେଷରେ ବିଡ଼ିଓ, ବିଧାୟକ, ବ୍ଲକ ଅଧକ୍ଷା, ଉପାଧକ୍ଷା, ଏବିଡ଼ିଓ, ଜିଲା ପରିଷଦ ସଭ୍ୟଙ୍କ ସହିତ ସମସ୍ତ ସରପଞ୍ଚ ଏବଂ ବ୍ଲକ କର୍ମଚାରୀ ସମୂହ ନୃତ୍ୟ କରିଥିଲେ। ବିଡ଼ିଓ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିଲେ।

# ପ୍ରାୟଶ୍ଚିତ୍ତ

ଗଳ୍ପ

ରାଧାରାଣୀ ତ୍ରିପାଠୀ

କେଉଁ ଏକ ଉ.ପ୍ରା. ବିଦ୍ୟାଳୟ। ଚାଲିଛି ନାମଲେଖା ଅଭିଯାନ। ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଅଛି ପ୍ରଥମ ଶ୍ରେଣୀର ତଦାରଖ କାର୍ଯ୍ୟଭାର। ଫର୍ମ ଅନୁଯାୟୀ ପିଲା ଏବଂ ତା' ଅଭିଭାବକଙ୍କୁ ଡାକି ଚାଲି କରୁଥା'ନ୍ତି ସେ। ହଠାତ୍ ଗୋଟିଏ ଫର୍ମକୁ ଦେଖି ହାତ ତାଙ୍କର ଅଟକିଗଲା। ବଡ଼ ବିଚିତ୍ର ହିସାବରେ ଫର୍ମଟି ପୂରଣ କରାଯାଇଛି। ପିଲାଟିର ବୟସ ଏଗାର। ପୁଣି ବାପା ମାଆଙ୍କ ନାମ ତଥା ତା' ନିଜ ନାମ ବି ବିଚିତ୍ର। ସ୍ଥାୟୀ ଠିକଣା ଦେଖିଲେ ତ ମୁଣ୍ଡ ଗୋଳମାଳ ହୋଇଯାଉଛି। ସମ୍ପୃକ୍ତ ଅଭିଭାବକ ତଥା ଆବେଦନକାରୀ ଛାତ୍ରକୁ ପାଖକୁ ଡାକିଲେ ପ୍ରଧାନ ଶିକ୍ଷକ। ପିଲାଟିକୁ ପ୍ରଶ୍ନ କଲେ- 'ତୁମ ନାମ ?'

'ଦଙ୍ଗୌପ୍ତି।'

'ପିତାଙ୍କ ନାମ ?'

'ହୃତ ଦଙ୍ଗାକାରୀ।' ପିଲାଟି ନିର୍ବିକାର ଭାବେ ଉତ୍ତର ଦେଉଥାଏ। ମାତାଙ୍କ ନାମ ପଚାରିବା ପୂର୍ବରୁ ପିଲାଟି କହିଉଠିଲା, ''ଏହି ଦୁଇ ନାଆଁରୁ ଆପଣ ବୁଝିପାରୁଥିବେ ନିଶ୍ଚୟ ମୋ' ମାଆ ନାମର ମର୍ମାର୍ଥ ?''

ମାତ୍ର ଏଗାର ବର୍ଷର ପିଲା ମୁହଁରୁ ଏତେ ବଡ଼ ବଡ଼ କଥା ଶୁଣି ଚମକି ପଡ଼ିଲେ ପ୍ରଧାନ ଶିକ୍ଷକ। ପିଲାଟିର ଅଭିଭାବକ ତା' ଅଜାକୁ କହିଲେ, ''ଆପଣ କୁହନ୍ତୁ, ଆମ ସହ କ'ଣ ଆପଣ ଖେଳ ଖେଳୁଛନ୍ତି ? କ'ଣ ଫାର୍ସ ଚାଲିଛି ?''

''ଖେଳ ତ ମୋ' ନାତିର ଜୀବନ ସହିତ ଖେଳୁଛନ୍ତି ଆପଣଙ୍କ ସ୍କୁଲ ପରି ସ୍କୁଲମାନେ। ଗତ ପାଞ୍ଚବର୍ଷ ହେଲା ଦୌଡ଼ି ଦୌଡ଼ି ହାଲିଆ ହୋଇଗଲିଣି ମୁଁ। କୋଉଠି ହେଲେ ନାଁ ଲେଖା ହୋଇପାରୁନି। ଏଥର ବି ଧାଇଁ ଆସିଛି ବଡ଼ ଆଶା ନେଇ।''

ଏଥର ପିଲାଟି କହିଲା, ''ଆଜିକୁ ବାରବର୍ଷ ତଳେ ଏଇ ସହରରେ ଯେଉଁ ଦଙ୍ଗା ହୋଇଥିଲା ତା'ର ଦୁଷ୍ପରିଣତି ହୋଇଛି ମୁଁ। ଏଥିରେ ମୋର କି ମୋ' ମାଆର କିଛି ଦୋଷ ନାହିଁ। ତଥାପି ମୁଁ ଦଣ୍ଡ ପାଉଛି ସାର୍।''

''ଆପଣଙ୍କ ନାଁ କ'ଣ ମଉସା ?'' ପଚାରିଲେ ପ୍ରଧାନ ଶିକ୍ଷକ। ତା'ପରେ ସେମାନଙ୍କୁ ଫେରିଯିବାକୁ କହିଲେ ସେ। ପୁଣି କହିଲେ, ''ଆସନ୍ତାକାଲି ମୋତେ ଦେଖାକର। ହେଲେ ଆଜି ମୋତେ କ୍ଷମାକର।'' ଚାଳିଶ ବର୍ଷ ବୟସ୍କ ପ୍ରଧାନ ଶିକ୍ଷକ ଦୋହଲି ଯାଇଥିଲେ ପିଲାଟିର ଦମ୍ଭୋକ୍ତିରେ, ବୁଢ଼ାଟିର ନାଁ ଶୁଣିବା ପରେ। ଛୁଟିନେଇ ଫେରିଯାଇଥିଲେ ଘରକୁ। ଘରୁ ପୁଣି ସ୍ଥାନୀୟ ପାର୍କକୁ। ପାର୍କର ଗୋଟିଏ ଗଛତଳେ ବସି ପଡ଼ିଲେ ସେ। ତାଙ୍କ ମନ ଭିତରେ ପ୍ରତିଧ୍ୱନିତ ହେଉଥାଏ ବୁଢ଼ାଟିର ନାଁ। ''ନଟ ଭୋଳ... ନଟ ଭୋଳ...।''

ବୁଢ଼ାଟିର ନାଁ ତାଙ୍କୁ ଫେରାଇ ନେଉଥିଲା ବାରବର୍ଷ ପଛକୁ। ସେତେବେଳକୁ ସେ ଗଜାଭେଣ୍ଡିଆ। ସତେଇଶ ବର୍ଷର ଉଦ୍ଦାମ ଯୁବକ। ସ୍ନାତକୋତ୍ତର ପାଠ ସାରି କିଛି ପିଲାଙ୍କୁ ଟିଉସନ ଦେଉଥିଲେ ନିଜ ଘରେ। ତାଙ୍କର ଗୋଟିଏ ଛାତ୍ରୀ ଥିଲା 'ସରସତା'।




ନବମ ଶ୍ରେଣୀରେ ପଢ଼େ। ଖୁବ୍ ସୁନ୍ଦରୀ। ଭଗବାନଙ୍କ ଏକ ସୁନ୍ଦର ସୃଷ୍ଟି। ବୋଧେ ତାକୁ ଫୁର୍ସତରେ ତିଆରି କରିଥିଲେ ଭଗବାନ। ଏଇ ନଟ ମଉସାଙ୍କ ଝିଅ।

ସହର ମୁଣ୍ଡରେ ନଟ ମଉସାଙ୍କ ଗୋଟେ ଭାତ ଆଉ ଜଳଖିଆ ହୋଟେଲ ଥିଲା। ହଁ, ହୋଟେଲ ହିଁ କୁହାଯିବ। ଚାଳ ପଲିଥିନ୍‌ଘେରା ହୋଟେଲ। ଶସ୍ତା ସୁନ୍ଦର, ସ୍ୱାସ୍ଥ୍ୟକର ଆଉ ପେଟପୂରା ଖାଇବାକୁ ମିଳୁଥିଲା ମାତ୍ର ତିରିଶ ଟଙ୍କାରେ, ଯାହାକି ଏବେକାର ରେଷ୍ଟୁରାଣ୍ଟରେ ନିଶ୍ଚୟ ହଜାରେ ଟଙ୍କା ଉପରେ ପଡ଼ିବ।

ସେଦିନ କୌଣସି ଗୋଟିଏ କାରଣରୁ ସହରସାରା ଦଙ୍ଗା ପରିସ୍ଥିତି ଉପୁଜି ଥିଲା। ଚାରିଜଣ ସାଙ୍ଗଙ୍କ ପ୍ରରୋଚନାରେ ପଡ଼ି ସେ ବି ବାହାରି ଯାଇଥିଲେ। ରାସ୍ତାଘାଟରେ ଟାୟାର ଜାଳିଥିଲେ। ଦୋକାନ ଜାର ବନ୍ଦ ରଖିବା ପାଇଁ ଧମକାଉଥିଲେ ଦୋକାନୀଙ୍କୁ। ତାଙ୍କୁ ଏସବୁ ମଜା ଲାଗୁଥାଏ। ଠେଲାବାଲାଙ୍କଠାରୁ ଚାଟ୍ ଗୁପ୍‌ଚୁପ୍ ଖାଉଥିଲେ ବିନା ପଇସାରେ। ଖାଇସାରି କହୁଥିଲେ, ''ଠେଲା ବନ୍ଦକର। ନ ହେଲେ ଅନ୍ୟ ଦଳ ଆସିଲେ ତୋ' ଠେଲା ଓଲଟାଇ ଦେବେ।'' ଧୀରେ ଧୀରେ ସାଙ୍ଗମାନଙ୍କ ସହ ମନ୍ତ୍ରି କରୁ କରୁ ଗୋଟେ ମଦ ଦୋକାନରୁ ମଦ ବି ପିଇଲେ। ମନା କରୁଥିଲେ ସତ, କିନ୍ତୁ ସାଙ୍ଗମାନେ ମାଡ଼ିବସି ତାଙ୍କୁ ମଦ ପିଆଇଦେଲେ। ପୁଣି ତାଙ୍କୁ ଗାଳି ବି ଦେଉଥା'ନ୍ତି, ''ଶଳା ମାଇଚିଆ। ମଦ ପିଇବିନି କହୁଛି। ଆବେ ଯିଏ ମଦ ପିଏନି ସେ କି ମରଦ ପୁଅ ବେ ?'' ଶେଷରେ ପାଳି ପଡ଼ିଲା ନଟ ହୋଟେଲର। ସମୟ ପାଖାପାଖି ଅଢ଼େଇଟା ହୋଇଥିବ। ସମସ୍ତେ ପାଟିତୁଣ୍ଡ କରି ପଶିଗଲେ ହୋଟେଲ ଭିତରକୁ। ନଟ ମଉସାଙ୍କୁ ତୁ ତା, ବେ ବା, ରେ ରା, ଗାଳିକରି ମାଗିଲେ ମାଉଁସ ଝୋଳ। ''ଆବେ ନଟ ଭୋଳ, ବେଗି ଆଣେ ମାଉଁସ ଝୋଳ।'' ପାଟି କରୁଥା'ନ୍ତି ସମସ୍ତେ। ସେତେବେଳେ ଗୋଟିଏ ପାଣିଦ୍ରମ୍ ପଛପଟେ ଲୁଚିଥାଏ ସରସତା। ଭୟରେ ତ୍ରସ୍ତା ହରିଣୀ ଭଳି କନକନ ହେଉଥାଏ।

ଜଣକର ନଜର ପଡ଼ିଗଲା ସରସତା ଉପରେ। ''ଆବେ ମାଉଁସ ଝୋଳ ଛାଡ଼। ଏଇ ନଟ ବୁଢ଼ାକୁ ବାନ୍ଧି ପକାଅ। ମୁଁ ତୁମକୁ କଞ୍ଚା କଅଁଳ ମାଉଁସ ଖିଲେଇବି ଏଇନେ।'' କିଛି ସମୟ ଭିତରେ ସରସତାର ଜୀବନରେ ବିରସତା ଭରିଦେଇ ସେଇଠୁ ବୀରଦର୍ପରେ ଚାଲିଯାଇଥିଲେ ସମସ୍ତେ। ସେ ନିଜେ ବି ଭୁଲି ଯାଇଥିଲେ ଗୁରୁ-ଶିଷ୍ୟର ସମ୍ପର୍କକୁ। ସେ ବି ସେଇ ପାଜିମାନଙ୍କ ସହ ସଇତାନ ପାଲଟି ଯାଇଥିଲେ ସେଦିନ। ପରଦିନ ଖବରକାଗଜ ଶିରୋନାମରେ ଥିଲା ଗୋଟିଏ ବିଚିତ୍ର ଖବର। ''ଦଙ୍ଗାର ଦୁଷ୍ପରିଣାମ, ନଟ ଭୋଳଙ୍କ ସ୍ତ୍ରୀଙ୍କ ହୃଦ୍‌ଘାତରେ ମୃତ୍ୟୁ।'' ଏତେ ବଡ଼ ଖବର କାଗଜରେ କେବଳ ଏଇ ଗୋଟିଏ ଖବର ତାଙ୍କ ଆଖିକୁ ଜଳ ଜଳ ଦିଶୁଥିଲା। ସେ ମର୍ମେମର୍ମେ ଅନୁଭବ କରୁଥିଲେ ଝିଅର ଦୁରବସ୍ଥା ଦେଖି ନିଶ୍ଚୟ ତାଙ୍କର ହୃଦ୍‌ଘାତ ହୋଇଥିବ। ସେଇଦିନ ପରଠାରୁ ସେ ସହର ଛାଡ଼ି ଚାଲିଯାଇଥିଲେ ଦିଲ୍ଲୀ। ପାଞ୍ଚବର୍ଷ ପରେ ଫେରିଲେ। ଅନେକ ଜାଗାରେ ଅନେକ ଚାକିରି କରିବା ପରେ ଏବେ ଏଇ ସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱ ବହନ କରିଛନ୍ତି।

ପୁଣି ଧୀରେ ଧୀରେ ବର୍ତ୍ତମାନକୁ ଫେରି ଆସୁଥିଲେ ପ୍ରଧାନ ଶିକ୍ଷକ। ଏବେ ତାଙ୍କ ଆଖି ଆଗରେ ଝୁଲି ଯାଉଥାଏ ସେଇ ଫର୍ମଟି। ''ଆବେଦନକାରୀଙ୍କ ନାମ: ଦଙ୍ଗୌପ୍ତି। ପିତାଙ୍କ ନାମ: ହୃତ ଦଙ୍ଗାକାରୀ। ମାତାଙ୍କ ନାମ: ମୃତ ଧର୍ଷିତା। ସ୍ଥାୟୀ ଠିକଣା: ଦଙ୍ଗାସ୍ଥଳୀ, ଦଙ୍ଗାଞ୍ଚଳ।'' ତାଙ୍କ ମୁଣ୍ଡ ଗୋଳମାଳ ହେବାକୁ ଲାଗିଲା। ସେ ମନେମନେ ଭାବୁଥାନ୍ତି ଏଇ ପିଲାଟି ଯେ ମୋର ଔରସର, ମୋରି ସନ୍ତାନ ହୋଇ ନ ଥିବ କିଏ କହିପାରେ ? ଆରେ ସେ ଠିକ୍ ହିଁ ତ କହିଛି, 'ହୃତ ଦଙ୍ଗାକାରୀ'। ଗୋଟିଏ ଚଉଦ ବର୍ଷର ଝିଅର ଜୀବନକୁ ବିପନ୍ନ କରି ସମସ୍ତେ ସେଇ ଦଙ୍ଗାରେ ହଜି ହିଁ ତ ଯାଇଥିଲେ। ପିଲାଟିକୁ ଜନ୍ମଦେଇ ସରସତା ମୃତ୍ୟୁବରଣ କରିଥିବ ବୋଧହୁଏ। ସମାଜର କ୍ରୂରତା ପିଲାଟିକୁ ଆବଶ୍ୟକତାଠାରୁ ଯେ ଅଧିକ ବୟସ୍କ କରି ତୋଳିଛି ଆଉ ରକ୍ଷ କରିଦେଇଛି, ଏଥିରେ ସନ୍ଦେହ ନାହିଁ।

ପରଦିନ। ବିଦ୍ୟାଳୟ ପରିସରରେ ନଟ ଭୋଳ ନିଜ ନାତିକୁ ଧରି ଚାହିଁ ରହିଥା'ନ୍ତି ପ୍ରଧାନ ଶିକ୍ଷକଙ୍କ ଆସିବା ବାଟକୁ। କିଛି ସମୟ ଭିତରେ ନୂଆ ଫର୍ମଟିଏ ଧରି ପହଞ୍ଚିଲେ ପ୍ରଧାନ ଶିକ୍ଷକ। ଏଥର ନୂତନ ରୂପେ ଫର୍ମ ପୂରଣ କରିବାକୁ ହେବ। କହିଲେ ସେ- ''ଆଚ୍ଛା, ପିତାଙ୍କ ନାମରେ ମୋ' ନାମ ବସେଇବା। ଗୁରୁ ବି ପିତା ସମାନ। ତେବେ ପିତାଙ୍କ ନାମ ନରହରି ସାହୁ। ମାତାଙ୍କ ନାମ ଧର୍ଷିତା ନ କରି କରିବା ସର୍ସିତା। ଆବେଦନକାରୀଙ୍କ ନାମ ଗୋଟିଏ ବଢ଼ିଆ ନାମ ମୁଁ ଭାବିଛି। କ'ଣ ତୋ' ମନକୁ ପାଇବ ?'' ପଚାରିଲେ ପିଲାଟିକୁ। ନଟ ଭୋଳ ପଚାରିଲେ, ''କି ନାମ ଆଜ୍ଞା ?'' ସେ କହିଲେ- 'ଆତ୍ମଜ'। ଅଜା ନାତି ଖୁସି ହୋଇଗଲେ ନାଁଟି ଶୁଣି। ସମସ୍ତଙ୍କ ଅଜାଣରେ ପ୍ରଧାନ ଶିକ୍ଷକ ଦୀର୍ଘଶ୍ୱାସଟାଏ ମାରି ନିଜକୁ ଆଶ୍ୱସ୍ତ ମନେକରୁଥିଲେ। ଶେଷରେ ନଟକୁ କହିଲେ, ''ବୁଝିଲ ମଉସା, ତୁମେ କିଛି ଚିନ୍ତା କରିବନି। ତୁମ ନାତିର ପାଠପଢ଼ା ଖର୍ଚ୍ଚ ମୁଁ ବହନ କରିବି। ସେ ଯେତେ ପଢ଼ିବ ତାକୁ ସେତେ ପଢ଼େଇବି। ଆମ ପୁଅ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଆସନରେ ବସିବ। ସମସ୍ତ ଅନ୍ୟାୟୀଙ୍କୁ ଦଣ୍ଡ ଦେବ।'' ପରେ ପରେ ତାଙ୍କ ପାଟିରୁ ଅସ୍ପଷ୍ଟ ଭାବେ ଗୋଟିଏ ବାକ୍ୟ ଖସି ଆସିଲା ଆପେ ଆପେ- ''ଆଉ ମୋ' ପରି ଅନ୍ୟାୟୀର ବି ନ୍ୟାୟବିଧାନ କରିବ।''

ମୋ: ୮୨୪୯୮୦୭୨୬୭

## କବିତା

### ଅଜ୍ଞାନତା

ନିରାକାର ଦାସ

ଅଜ୍ଞାନତା ସବୁ ଦୁଃଖର କାରଣ ବୋଲି
ଜାଣିଲା ପରେ
ଜ୍ଞାନ ବାଣ୍ଟିବାକୁ ଏତେ କୁଣ୍ଠା କାହିଁକି
ହେ ମହାଜନ ?
ଜ୍ଞାନର ସ୍ଥାଣୁତା, ଜ୍ଞାନୀଙ୍କ କ୍ଳୀବତା
ଦୁନିଆକୁ ଦେଇଥାଏ ବନ୍ଧ୍ୟାର ବନ୍ଧନ
ଏକଥା ଜାଣିଲା ପରେ
ତୁମେ ଚେଇଁ ଶୋଇଛ କେମିତି
ହେ ସାଧୁଜନ ?

ତୁମ ନିଷ୍ପ୍ରଭ ନୈତିକତା,
ମୋହାନ୍ଧ ମାନବିକତା
ମର୍ଯ୍ୟାଦାହୀନ ମହନୀୟତା,
ଆଲୋକକୁ ଅଟକଉଥିବା ଜାଣି
ସୁଖ ନିଦ୍ରାରେ ଶୋଉଛ କେମିତି
ହେ ସନ୍ଥଜନ ?
ତୁମ ଦର୍ଶନର ଏମିତି ଦୈନ୍ୟ
ଆଦର୍ଶର ଏତେ ସଙ୍କଟ
ଶୁଣିଲା ପରେ ଦେଖ
ସଂସାରର ସବୁ ସମ୍ରାଟ୍‌ମାନେ କେମିତି
ସତରଞ୍ଜି ଖେଳରେ କାଟୁଛନ୍ତି ଦିନ ?

ବେପାରୀମାନେ ବ୍ୟବସାୟୀରୁ
ବିତ୍ତଶାଳୀ ହୋଇ
ବଢ଼ାଉଛନ୍ତି କେମିତି
ଶୋଷଣର ନିଖୁଣ ବିଜ୍ଞାନ ?
ପଢ଼ାଉଛନ୍ତି କେମିତି
ଅସମାନତାର ଅସଂଖ୍ୟ ଭଜନ ?
ତୁମେ ଯଦି ତୁମ କାମନାର
କୋଣାର୍କ ତୋଳିବା ପାଇଁ
ଧରମାମାନଙ୍କୁ ଧରେଇବ ମୃତ୍ୟୁବାସ
ଉଠେଇବ ନିତି ଅତ୍ୟାଚାରୀଙ୍କ ଆକାଶଦୀପ
ବସେଇବ ନିତି ଈଶ୍ୱର ଦୁଆରେ
ଅନ୍ଧବିଶ୍ୱାସର ଅଜ୍ଞାନ କଳସ
ବଢ଼େଇ ଚାଲିବ ବେପାରୀଙ୍କ ଅୟସ ବୟସ
ତେବେ ପାଦେ ମାଟିକୁ କାମୁଡ଼ି ପଡ଼ିଥିବା
ମଣିଷର ହେବ ହିଁ ହେବ ସର୍ବନାଶ।

ସବୁ ସ୍ୱପ୍ନକୁ ନିରାଶା ନିଆଁରେ
ଜାଳୁଥିବା ଜୀବନ
ଛାଡ଼ିବ ଖାଲି ତତଲା ନିଃଶ୍ୱାସ।
ହେ ସାଧୁଜନ !
ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ
ଫେରେଇ ଆଣ ହରେଇଥିବା ବିଶ୍ୱାସ।
ଉଠେଇ ଆଣ ଶୋଇ ପଡ଼ିଥିବା
ସମ୍ଭାବନାର ବଂଶୀବାଦକ।
ଅଜ୍ଞାନର ଗଡ଼ିଆରେ ଭରିଦିଅ
ଜ୍ଞାନର ପୀୟୂଷ ।

ମୋ: ୮୪୫୫୮୮୫୦୧୩

### ଶୋଷ ଥାଉ କି ନ ଥାଉ

ଅକ୍ଷୟ ପାତ୍ର

ଶୋଷ ଥାଉ କି ନ ଥାଉ
ଏଠି କାଳେ ବାରବାହାନାରେ
ଜିଇବାର ଶୋଷ ଭିଏଇବାକୁ ପଡ଼େ !

ନିଜ ସ୍ଥିତିର ଅସାରତା ହେଉ
ଅବା ସାରବତ୍ତା
ଢକ୍ ଢକ୍ ପିଇଯିବାକୁ ପଡ଼େ
ଜିଇଥିବାର ପ୍ରମାଣ ଦେବାକୁ !

ଏଠି ଜିଇରହିବା ମାନେ
ଶୋଷିଲା ରହିବା,
ସେଇ ଶୋଷକୁ ଭିଏଇବା
ଯାହା କେବେ ବି ମେଣ୍ଟେନି
ପୁଣି ଯାହା ନିଜ ସାରବତ୍ତା ବା
ଅସାରତାକୁ ଢକ୍ ଢକ୍ ପିଇଯିବା ବିନା
ତୁଷ୍ଟ ବି ହୁଏନି !

ଆହା !
ଜୀବିତ ଅଛ ମାନେ ତ
ଢୋକି ଚାଲିଛ
ତମର ସେଇ ଧରାବନ୍ଧା
ଭୋକକୁ
ଭେକକୁ
ପ୍ରେମକୁ
ବିରାଗକୁ
ଲୁହକୁ
ଲହୁକୁ
କଥିତ ଦମ୍ଭ ଓ ଅତଳାତଳ ଅସହାୟତାକୁ
ନୀଳକଣ୍ଠ ପରି
ଶୋଷ ଥାଉ କି ନ ଥାଉ !

ମୋ: ୮୮୯୫୮୮୪୯୬୦

### ସ୍ମୃତି ପାଉଁଶ

ବିଜୟ କୁମାର ପଣ୍ଡା

ଛାଇକୁ ନିଜର କରିବା
ଯେବେଠୁଁ ଶିଖିଲି
ପଛ କଥା ଭୁଲି
ନିଜ ଭିତରେ ନିଜେ ଯେବେଠୁଁ ଜିଇଲି
ତମେ ଈର୍ଷାରେ ଜଳିଲ
ମୋ ଦୁନିଆରେ ପୁଣିଥରେ
ପାଦ ଥାପିବାକୁ ଚାହିଁଲ,
ସ୍ମୃତିର ପାଉଁଶରେ ସ୍ୱପ୍ନ ଖୋଜିବାକୁ
ମୁଁ ଧୈର୍ଯ୍ୟ ଯୁଟାଇ ପାରିଲିନି
ତୁମେ ସମ୍ପର୍କର ସଉଦା କରୁଥିଲ
ହେଲେ, ସେ ହିସାବ ରଖିବାକୁ
ପୁଣିଥରେ ମୋ ହୃଦୟ
ବ୍ୟାକୁଳ ହେଲାନି।

ମୋ: ୯୭୩୯୫୯୧୮୧୬

## ପୁସ୍ତକ ପରିଚୟ

### ପ୍ରତିଫଳନ

**କବି:** ସଂଗ୍ରାମ ମିଶ୍ର
**ପ୍ରକାଶକ:** ଅପୂର୍ବା, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-




ଆଲୋଚ୍ୟ କବିତା ପୁସ୍ତକଟିରେ କବିତାଗୁଡ଼ିକର କୌଣସି ସ୍ୱତନ୍ତ୍ର ଶିରୋନାମ ନାହିଁ। ୧ରୁ ୪୧- ସଂଖ୍ୟା ଚିହ୍ନିତ କବିତାଗୁଡ଼ିକୁ ମନକଲେ ଗୋଟିଏ କବିତାର ବିସ୍ତୃତୀକରଣ ବୋଲି ପାଠକେ ଗ୍ରହଣ କରିପାରିବେ କିମ୍ବା ପ୍ରତ୍ୟେକଟିକୁ ଏକ ଏକ ଅଲଗା କବିତା ଭାବେ ମଧ୍ୟ ବିଚାର କରିପାରିବେ। କବିତାଗୁଡ଼ିକର ବିଷୟବସ୍ତୁ ତ୍ରିବିଧ: ୧. ପ୍ରେମ, ୨. ପ୍ରକୃତି ଓ ୩. ବିପ୍ଳବ। ତଳସ୍ତରରେ ବଞ୍ଚୁଥିବା ମଣିଷର ଦୁଃଖ ସହ କବି ବହୁ କବିତାରେ ଏକାତ୍ମ ହୋଇଛନ୍ତି, ଯେପରି ୬ ନମ୍ବର କବିତା ଗୋଟିଏ ନିରାଶ୍ରୟ ଭିକାରିକୁ ନେଇ। କବି କହନ୍ତି: ''ଏ ସହର ଏକ/ ବୁଭୁକ୍ଷୁଙ୍କ ସହର/ ଯାହାର ଫୁଟ୍‌ପାଥ୍‌ରେ/ ଶୋଇବାର ଜାଗାଟିଏ ପାଇଁ/ ଏଠି ଅସମ୍ଭବ ଭିଡ଼ ଜମେ।'' (ପୃ: ୧୦)। ବଦଳି ଯାଉଥିବା ସମୟର ଅପସୃୟମାଣ ପାଦଚିହ୍ନକୁ ନିରେଖି ହୁଏ କେତେକ କବିତାରେ: ଯେପରି ୧୦ ନମ୍ବର କବିତା। ଭାଙ୍ଗିଯାଉଥିବା ସ୍ୱପ୍ନର ପ୍ରତିଫଳନ ହୋଇଉଠେ ସଂଗ୍ରାମଙ୍କ କବିତା କେଉଁ କେଉଁଠି, ଯେପରି ୧୨ ନମ୍ବର କବିତା। କବିଙ୍କ କବିତାର ଯେଉଁ 'ତମେ', ସେ ଏକ ନୁହେଁ, ଅନେକ 'ତମେ'ର ଫେଣ୍ଟାଫେଣ୍ଟି ରୂପ। ୧୪ ନମ୍ବର କବିତା 'ତମକୁ ଦେଖିବାକୁ ଯାଇଥିଲି', ଯାହାର ପ୍ରଥମ ଧାଡ଼ି- ପଢ଼ିଲେ ଲାଗେ, ଚୈତ୍ର ଶେଷର ଗାଁ ସୀମାରେ ଥିବା ଓସ୍ତ ଗଛରୁ ଉଡ଼ିଯାଉଥିବା ପତ୍ର ପରି ଖାଁ ଖାଁ, ଅଥଚ ଲୋଭନୀୟ। କଟା ସରିଥିବା ଧାନବିଲରେ କି ଯାଉଛି ଦୋଳବିମାନଟିଏ ବିଞ୍ଚିବିଞ୍ଚି ଅବିର- ଲାଗେ ଏମିତି। ଏଠି ଜନ୍ମ ଓ ମୃତ୍ୟୁ ଏକାକାର। କବିଙ୍କ ବକ୍ତବ୍ୟର ଏକ ନିଜସ୍ୱ 'ଗହନ' ଥାଏ, ନିଛାଟିଆ ହେଉପଛେ ରାସ୍ତା, ଲମ୍ବିଥାଏ ଦିଗ୍‌ବଳୟକୁ। ବ୍ୟକ୍ତିଗତ ନିଃସଙ୍ଗତା ଉତ୍ତୀର୍ଣ୍ଣ ହୁଅନ୍ତି ସଂଗ୍ରାମଙ୍କ କବିତାରେ ଏକ ସମୂହ ନିଃସଙ୍ଗତାକୁ, ତେଣୁ ସ୍ୱାଦ୍ୟ। ୧୭ ନମ୍ବର କବିତାର ପ୍ରେମାନୁଭବ ଓ ୩୪ ନମ୍ବର କବିତାରେ ସାମାଜିକ ଅବକ୍ଷୟ ବିରୋଧରେ ପ୍ରତିବାଦ କବିଙ୍କ ସଂହତ କାବ୍ୟ ରୁଚିର ପରିଚୟ ଦିଏ।

### ଗୋଲ ପୃଥିବୀର ଗପ

**ଲେଖକ:** ପ୍ରତାପ ଦାସ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୭୯/-




ଆଲୋଚ୍ୟ ଗଳ୍ପ ସଙ୍କଳନର ଆରମ୍ଭରେ ଗାଳ୍ପିକ ଲେଖିଛନ୍ତି: ''ଦୀର୍ଘଦିନର ସାମ୍ବାଦିକତା ବୃତ୍ତି ଭିତରେ ସମାଜର ସବୁ ବର୍ଗର, ସବୁ ପ୍ରକାରର ମଣିଷଙ୍କୁ ପରୀକ୍ଷାନିରୀକ୍ଷା କରିବାର ସୁଯୋଗ ପାଇଛି। x x 'ଗୋଲ ପୃଥିବୀର ଗପ'ରେ ମୁଁ ସମାଜର ପ୍ରାୟତଃ ସେଭଳି ଚରିତ୍ରକୁ ବଖାଣିଛି।'' ମୋଟ ୧୩ଟି ଗଳ୍ପ ବହିଟିରେ ସ୍ଥାନିତ, ଯହିଁରେ ମନେହୁଏ ଲେଖକଙ୍କ ଅଙ୍ଗେନିଭା ଓ ଆଖିଦେଖା ହୋଇ ନ ଥିବା ଗୋଟିଏ ବି ଚରିତ୍ର ବା ଘଟଣା ସ୍ଥାନ ପାଇଛି। ବହିର ପ୍ରଥମ ଗଳ୍ପ 'ଗାନ୍ଧୀମୟ ପୃଥିବୀ'। ମନୋଜ(ଗଳ୍ପର ନାୟକ) ପାଗଳ ମଉସାକୁ ନୋଟ୍‌ଟିଏ ବଢ଼ାଇ ଦେଲାପରେ ତାଙ୍କୁ ଲାଗିଛି, ଯେପରି ପୁରୁଣା ନୋଟ୍‌ଟି ଭିତରେ ପରିତ୍ୟକ୍ତ ଗାନ୍ଧିଜୀ। ପାଗଳ ମଉସା କହୁଛି: ''ଦେଖୁଛୁ ଗାନ୍ଧୀଙ୍କୁ ? ଜୀବନରେ ସହସ୍ରାଧିକବାର ପରାଜିତ ହେବା ପରେ ବି ନିଜ ପାଇଁ ଓ ଦେଶ ପାଇଁ ଯେଉଁ ବିଜୟ ଆଣିଲେ ତାଙ୍କୁ ହଜାର ହଜାର ବର୍ଷ ବଞ୍ଚିରହିବା ପାଇଁ ସହାୟତା ଦେଲା। ଆଉ ତୁ ଦୁଇ ଚାରିଟା ଘଟଣାରେ ହାରୁ ହାରୁ ଭାଙ୍ଗିପଡୁଛୁ କାହିଁକି ?'' (ପୃ:୨୦)। ଗଳ୍ପଗୁଡ଼ିକରେ ଅସଜଡ଼ା ପୃଥିବୀକୁ, ମାନବ ସମାଜକୁ ଗଢ଼ିବାର ଯେଉଁ ସ୍ୱପ୍ନ ଅଛି ପ୍ରତାପଙ୍କର, ସେ ସ୍ୱପ୍ନ ଭାଷା ପରିଗ୍ରହଣ କରିଛି ନାନା ଗଳ୍ପରେ। 'ପରିକଳ୍ପନାର ପତାକା', 'ବଗୁଲି ଫେରିଛି', 'ସାତ ସଧବାଙ୍କ ସୁନାବାବା', 'ବାପାଙ୍କ ଆତ୍ମକାହାଣୀ', 'ଶାମା ସୁନାରି', 'କଟକୀ ବାବୁ' ଓ 'ଅଙ୍ଗନୱାଡ଼ି ଦିଦି' ଆଦି ଗଳ୍ପଗୁଡ଼ିକରେ ଖୁନ୍ଦି ହୋଇ ରହିଛି ସକାରାତ୍ମକ ପ୍ରେରଣା, ଯାହା ଗୋଟେ ମଜଭୁତ ଗଳ୍ପର ପଞ୍ଜର ଓ ଆତ୍ମା ଗଢ଼ିଥାଏ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

## ତିନିଟି ମିନି କଥା

ଶିବ ମିଶ୍ର

### ॥ ପୁରୁଣା ଡିବିରି ॥

ପୁଅ, ସକାଳୁ ସକାଳୁ ଘରୁ ବାହାରିଯାଇ ମରୀଚିକା ପରି ଆଗରେ ଚମକୁଥିବା ଚାକିରି ପଛରେ ଧାଉଁଥିଲା ଦିନ ତମାମ।

ଏଣେ ଘରେ ଛିଣ୍ଡାକନାର ବୁଜୁଲା ପରି ଗୋଟିଏ କୋଣରେ ପଡ଼ି ରହିଥିବା ମାଆ ତକେଇ ରହୁଥିଲା ପୁଅର ଫେରନ୍ତା ପାଦଶବ୍ଦକୁ।

ରାତି ଘଡ଼ିଏକୁ ପୁଅ ଫେରିବା ପରେ ମାଆର ଶୁଖିଲା ପ୍ରାଣ କଅଁଳି ଉଠୁଥିଲା ସତ, ହେଲେ ହତାଶିଆ ପୁଅ ତା'ର ଉଦାସିଆ ମୁହଁକୁ ଲୁଚାଇ ଉଚ୍ଛୁଳି ପଡୁଥିବା ଲୁହକୁ ଆଖିପତା ତଳେ ଜମାଟ କଲାବେଳେ ବେଳୁବେଳ ମିଞ୍ଜି ମିଞ୍ଜି ହୋଇଯାଇଥିଲା ସେ ଘରେ ଜଳୁଥିବା ପୁରୁଣା ଡିବିରି।

### ॥ ବନ୍ଧା ପଡ଼ିଥିବା ହାତ ॥

ଚାକିରିଆ ପୁଅକୁ ତା'ମାଆ କହିଲେ, ତୁ ଆଗରୁ ପ୍ରତି ମାସରେ କିଛି କିଛି ପଇସା ଦେଉଥିଲୁ। ଏବେ ନ ଦେଲୁ ନାହିଁ, ହେଲେ ବାପା ପାଉଥିବା ପେନ୍‌ସନ ପଇସା ନେଇଯାଉଛୁ କାହିଁକି ? ଏମିତି କରିବାକୁ ତୋ' ମନ କହୁଛି କେମିତି ? ତୋ' ହାତ ଯାଉଛି କେମିତି ?

ପୁଅ କହିଲା, ଏମିତି କରିବାକୁ ମୋ' ମନ ମନାକରୁଛି ; ହେଲେ ମୋ' ହାତ ମୋ' କଥା ମାନୁନି।

ମାଆ ପଚାରିଲେ, ତୋ' ହାତ ତୋ' କଥା ମାନୁନି କାହିଁକି ?

ପୁଅ କହିଲା, ମୋ' ବାହାଘର ବେଳେ ତମେ ଦି'ଲକ୍ଷ ଟଙ୍କା ଯୌତୁକ ଆଣି ତମ ବୋହୂ ହାତରେ ମୋ'ର ହାତ-ଗଣ୍ଠି ନ ପକାଇ ବନ୍ଧାପକାଇ ଦେଇଛ। ବୋହୂ ପାଖରେ ବନ୍ଧା ପଡ଼ିଥିବା ହାତ, ପୁଅ କଥା ମାନିବ କେମିତି ?

ଏବେ ମାଆ ଚାହୁଁଥିଲେ ସେ ପାଖରେ ବସିଥିବା ବାପାଙ୍କୁ। ବାପା ଚାହୁଁ ଥିଲେ ଆକାଶକୁ।

### ॥ ମୃତ ସକାଳର ଚିତ୍ର ॥

ସୂର୍ଯ୍ୟୋଦୟ ଦେଖିବା ପାଇଁ ଦୁଇବନ୍ଧୁ ରାତି ଥାଉଥାଉ ସମୁଦ୍ରକୂଳକୁ ଯାଇଥିଲେ। ତେବେ ସିନ୍ଦୂରା ଫାଟି ସକାଳ ହେଲା ବେଳକୁ ଜଣେ ବନ୍ଧୁ ପୂର୍ବକୁ ମୁହଁ କରିଥିବା ବେଳେ ଆଉ ଜଣେ ବନ୍ଧୁ ପଶ୍ଚିମକୁ ଚାହୁଁଥିଲେ।

ସମୁଦ୍ର ଆଡ଼କୁ ଦେଖୁଥିବା ବନ୍ଧୁ କହିଲେ, ଏପାଖରେ ସକାଳ ଜନ୍ମର ମନୋରମ ଦୃଶ୍ୟ, ତମେ ସେପାଖରେ କ'ଣ ଦେଖୁଛ ?

ସାମ୍ନା ରାସ୍ତାକଡ଼ର ବିରାଟ ଅଳିଆଗଦାକୁ ରାମ୍ପି ବିଦାରି ଦାନା ସାଉଁଟୁଥିବା କୁଆ, କୁକୁରଙ୍କ ସହିତ କାନ୍ଧରେ ଜରିମୁଣି ଓହଳାଇଥବା କେତୋଟି ଅଧା ଲଙ୍ଗଳା ପିଲାଙ୍କୁ ଦେଖୁଥିବା ବନ୍ଧୁ କହିଲେ, ମୁଁ ଦେଖୁଛି ମୃତ ସକାଳର ଚିତ୍ର।

ମୋ: ୯୮୫୩୦୭୦୦୧୮

## କାଳକାଳକୁ

''ଜିଭର ହାଡ଼ ନାହିଁ, କିନ୍ତୁ ଏହା ହୃଦୟକୁ ଭାଙ୍ଗିଦେଇପାରେ।''
-ଅବଦୁଲ୍ ରହିମ୍



**ଅବଦୁଲ୍ ରହିମ୍‌ଙ୍କ** ଜନ୍ମ ୧୭ ଡିସେମ୍ବର ୧୫୫୬ରେ, ଦିଲ୍ଲୀରେ ଓ ପରଲୋକ ୧ ଅକ୍ଟୋବର ୧୬୨୭ରେ, ଆଗ୍ରାରେ। ତାଙ୍କର ପୂରା ନାମ ଖାନ୍‌ଜାଦା ମିର୍ଜା ଅବଦୁଲ୍ ରହିମ୍, କିନ୍ତୁ ଲୋକେ ତାଙ୍କୁ କେବଳ ରହିମ୍ ଭାବେ ହିଁ ଜାଣିଥିଲେ। ମୋଗଲ ସମ୍ରାଟ୍ ଆକବରଙ୍କ ରାଜଦରବାରରେ ସେ ନବରତ୍ନଙ୍କ ମଧ୍ୟରୁ ଥିଲେ ଜଣେ। 'ହିନ୍ଦୁସ୍ଥାନୀ ଦୋହା' ରଚନାରେ ମାହିର ଏହି କବିଙ୍କର ସଂସ୍କୃତ ଭାଷାରେ ଗଭୀର ପ୍ରବେଶ ଥିଲା। ବାବରଙ୍କ ଜୀବନୀ 'ବାବରନାମା'ର ସେ ପାର୍ଶୀ ଅନୁବାଦ କରିଥିଲେ। ତାଙ୍କର ଏକ ପ୍ରସିଦ୍ଧ ବହି ହେଉଛି 'ୟହ ରହିମ୍ ଦର୍‌ଦର୍ ଫିର୍‌ହିନ୍'। ସେ ଜ୍ୟୋତିଷବିଦ୍ୟାରେ ଖୁବ୍ ପାରଦର୍ଶୀ ଥିଲେ ଓ ଏ ବିଷୟରେ ଏକାଧିକ ପୁସ୍ତକ ରଚନା କରିଥିଲେ। ସେ କହୁଥିଲେ: ''ଲୋକଟିଏ ଯାହା ଦେଖାଯାଏ, ସେ ତାହା ନୁହେଁ ; ସେ ତାହା, ଯାହା ଦିଶେ ନାହିଁ।'' ପୁଣି କହୁଥିଲେ: ''ଜଣେ ଜ୍ଞାନୀଲୋକ ସବୁକିଛି ଜାଣେ ନାହିଁ, ସବୁକିଛି ଜାଣେ କେବଳ ଜଣେ ବୋକା ଲୋକ।''

## ବଧୂ

ଲଘୁ ଗଳ୍ପ

ରତ୍ନପ୍ରଭା ନାଥ

ସ୍ୱପ୍ନା ଘରର ସମସ୍ତ କାମ ସାରିବା ପରେ ଟିକିଏ ସମୟ ପାଇଲେ ଫେସ୍‌ବୁକ୍ ନଚେତ୍ ହ୍ୱାଟ୍‌ସଆପ୍ ଦେଖିବାକୁ ବସିଯାଏ। ଏମିତି ବି କାର୍ଯ୍ୟବ୍ୟସ୍ତତା ଭିତରେ ତା' ନିଜ ପାଇଁ ସମୟ ଟିକେ ମିଳେ ନାହିଁ। ଏତେ ବଡ଼ ଘର, ଶାଶୁ, ଶ୍ୱଶୁର, ସ୍ୱାମୀ, ପୁଅ ଝିଅଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ପଡ଼େ। ଏଇ ନିତ୍ୟ ନୈମିତ୍ତିକ ଜୀବନଚର୍ଯ୍ୟା ଭିତରେ ବେଳେବେଳେ ତାକୁ ଭାରି ଚିଟା ଲାଗେ। ଅନ୍ୟ ସାଙ୍ଗମାନଙ୍କ ସହ ନିଜକୁ ତୁଳନା କରେ। ମୋନା, ସୁପ୍ରିୟା ଆଦି କେତେ ସୁନ୍ଦର ଜୀବନ ବିତାଉଛନ୍ତି! ସାଙ୍ଗ ମୋନା ତ ପ୍ରତିବର୍ଷ ବିଦେଶ ଯାଇ ଷ୍ଟାଇଲ୍ ଡ୍ରେସ୍ ପିନ୍ଧି ବିଭିନ୍ନ ଭଙ୍ଗୀର ଫଟୋ ଫେସ୍‌ବୁକ୍‌ରେ ଛାଡ଼େ। ତାକୁ ଦେଖିଲେ ସ୍ୱପ୍ନାକୁ ଲାଗେ ମୋନା ହିଁ ଭରପୂର ଜୀବନ ଜିଉଛି। ପଢ଼ିଲାବେଳେ ଦୃଢ଼ମନା ମୋନା କହୁଥିଲା- ସେ ଜୀବନ ସହ ସାଲିସ୍ କରିବ ନାହିଁ କି କାହାକୁ ବିବାହ କରି ସ୍ୱାମୀ, ପିଲାଙ୍କ ସଂସାରରେ ନିଜକୁ ବନ୍ଦୀ କରି ରଖିବ ନାହିଁ। ସେ ମୁକ୍ତ ଆକାଶର ସ୍ୱାଧୀନ ବିହଙ୍ଗ। ସତକୁ ସତ ଆଜି ମଧ୍ୟ ସେ ସ୍ୱାଧୀନ ଜୀବନ ବଞ୍ଚିଚାଲିଛି। ଆଉ ସ୍ୱପ୍ନାମାନେ ସୁନା ଝିଅ ପରି ବାପା ମା'ଙ୍କ କଥାରେ ବିବାହ କରି ଶାଶୁଘରର ଯାବତୀୟ ଜଞ୍ଜାଳ ବୋହି ଚାଲିଥାନ୍ତି। ଭଲବୋହୂ ହେବା ପାଇଁ ଅହରହ ଗ୍ୟାସ୍‌ଚୁଲାରେ ନିଜକୁ ଜାଳୁଥାନ୍ତି।

ହଠାତ୍ ଦିନେ ମୋନାର ଫୋନ୍ ଆସିଲା। ଏମ୍ସରେ ଆଡମିଟ୍ ହୋଇଛି। ତାକୁ ଦେଖା କରିବାକୁ ଚାହୁଁଛି। ସମୟ ବାହାର କରି ସ୍ୱାମୀ ସହ ମୋନାକୁ ଦେଖା କରିବାକୁ ଗଲା ସ୍ୱପ୍ନା। ସେ ଦୁହିଁଙ୍କୁ ଦେଖି ମୋନା ଖୁସି ହୋଇଗଲା। ମାତ୍ର ମୋନାର ଶୀର୍ଣ୍ଣ ଶରୀର ଦେଖି ସ୍ୱପ୍ନା ଆଖିର ଲୁହ ବୋଲ ମାନିଲା ନାହିଁ। ସ୍ୱପ୍ନା କାନ୍ଦୁଥିବାର ଦେଖି ମୋନା ଏକ ଖିଆଲି ହସ ହସି କହିଲା- ''ପ୍ରତିଟି ମଣିଷ ତା' ନିଜ କର୍ମ ପାଇଁ ନିଜେ ହିଁ ଦାୟୀ ରହେ। ଏହା ହିଁ ଥିଲା ମୋର ପ୍ରାପ୍ୟ। ଭଲ କମ୍ପାନୀରେ ଚାକିରି କରିବା ପରେ ମୋର ଅହଂକାରକୁ ପ୍ରଶ୍ରୟ ମିଳିଗଲା। ତୁ ତ' ମୋତେ ଜାଣୁ, ମୁଁ ବିବାହ କରି ପରାଧୀନ ଜୀବନ ବଞ୍ଚିବାକୁ ଚାହୁଁ ନ ଥିଲି। ଭୋଗର ନିଶାରେ ଗୋଟିଏ ଗୋଟିଏ ପୁରୁଷ ବନ୍ଧୁ ବଦଳାଇବାକୁ ଲାଗିଲି। ଜଣେ ଦୁଇଜଣ ଅବଶ୍ୟ ବିବାହ କରି ସଂସାର କରିବାକୁ ଆଗ୍ରହୀ ଥିଲେ, ମାତ୍ର ମୁଁ ପ୍ରସ୍ତାବ ସବୁକୁ ପ୍ରତ୍ୟାଖ୍ୟାନ କଲି। ଆଲ୍‌କହଲ୍‌ର ଅତ୍ୟଧିକ ମାତ୍ରା ଏବଂ ବାରମ୍ବାର ଗର୍ଭପାତ ପାଇଁ ଡାକ୍ତରୀ ଔଷଧ ସେବନ ଯୋଗୁଁ ମୋର କିଡ୍‌ନୀ ଦୁଇଟି ନଷ୍ଟ ହୋଇଯାଇଛି। ଡାଏଲିସିସ୍‌ରେ ବଞ୍ଚିଛି। ଏ ସଂସାରରେ ମୁଁ ଆଉ ଅଳ୍ପଦିନର ଅତିଥି।'' ମୋନାର ଆଖିରେ ଅନୁତାପର ଲୁହ। ଶେଷରେ କହିଲା, ''ମୋର ତୋତେ ଗୋଟିଏ ଅନୁରୋଧ, ଯେବେ ଏ ସଂସାରରୁ ଅନ୍ତିମ ବିଦାୟ ନେବି ମୋତେ ବଧୂ ବେଶରେ ସଜାଇ ଦେବୁ। ଯେଉଁ ପବିତ୍ର ସମ୍ପର୍କକୁ ବନ୍ଧନ ଭାବି ହସରେ ଉଡ଼ାଇ ଦେଉଥିଲି, ତା'ର ପ୍ରାୟଶ୍ଚିତ୍ତ ସ୍ୱରୂପ ମୋତେ ବଧୂ ବେଶରେ ବିଦାୟ ଦେବୁ।'' କୋହରେ ସ୍ୱପ୍ନାର ତଣ୍ଟି ଚିପି ହୋଇ ଆସୁଥିଲା।

ମୋ: ୮୨୪୯୯୨୯୭୬୨



# ସ୍ୱପ୍ନ ସାକାର ଦିଗରେ ମେସି



ଦୀର୍ଘ ୧୮ ବର୍ଷର ପ୍ରଫେସନାଲ ଫୁଟ୍‌ବଲ କ୍ୟାରିୟରରେ ୬୯୧ ଗୋଲ, ରେକର୍ଡ ସଂଖ୍ୟକ ୭ ଥର ବାଲନ୍ ଡି ଓର୍ ପୁରସ୍କାର ଓ ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍ ହାସଲ କରିଥିବା ଲିଓନେଲ ମେସି ଚଳିତ ଫିଫା ବିଶ୍ୱକପରେ ନିଜର ଆଉ ଏକ ସ୍ୱପ୍ନ ସାକାର କରିବା ଦିଗରେ ଅଗ୍ରସର ହୋଇଛନ୍ତି। କାତାରରେ ଚାଲିଥିବା ଫିଫା ବିଶ୍ୱକପର ଫାଇନାଲରେ ଆର୍ଜେଣ୍ଟିନା ପ୍ରବେଶ କରିସାରିଛି। ଫାଇନାଲରେ ମେସିଙ୍କ ଦଳ ଗତଥରର ଚାମ୍ପିୟନ ଫ୍ରାନ୍ସକୁ ଭେଟିବ। ଫ୍ରାନ୍ସ ହର୍ଡଲ୍ସ ଅତିକ୍ରମ କରିପାରିଲେ ଆର୍ଜେଣ୍ଟିନା ୩ୟ ଥରପାଇଁ ବିଶ୍ୱକପ ଜିତିବ ଏବଂ ମେସି ପ୍ରଥମଥରପାଇଁ ବିଶ୍ୱକପ ଜିତି ନିଜ ସ୍ୱପ୍ନ ସାକାର କରିପାରିବେ।

## ଲିଓନେଲ ମେସି

- ମୋଟ ୬୯୧ ଗୋଲ
- ୭ ଥର ବାଲନ୍ ଡି ଓର୍ ପୁରସ୍କାର
- ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍
- ୧ ଥର ଲୌରିଅସ ପୁରସ୍କାର
- ୧୦ ଲା ଲିଗା, ୭ କୋପା ଡେଲ୍ ରେ ଓ ୪ ୟୁଫା ଟାଇଟଲ ହାସଲ

ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ ଖେଳାଳିଙ୍କ ମଧ୍ୟରୁ ଲିଓନେଲ ମେସି ହେଉଛନ୍ତି ଅନ୍ୟତମ। ବ୍ରାଜିଲର ପେଲେ ଓ ଆର୍ଜେଣ୍ଟିନାର ମାରାଡୋନାଙ୍କ ପରି କିମ୍ବଦନ୍ତୀଙ୍କ ସହିତ ସର୍ବଦା ତାଙ୍କର ତୁଳନା କରାଯାଇଥାଏ। ସାମ୍ପ୍ରତିକ ଖେଳାଳିଙ୍କ ମଧ୍ୟରେ ତାଙ୍କୁ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସମକକ୍ଷଭାବେ ମଧ୍ୟ ବିବେଚନା କରାଯାଏ। ତେବେ ଏହି ଆଲୋଚନାରୁ ବେଶ୍ ଆଗରେ ରହି ନିଜକୁ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠା କରିଛନ୍ତି ଲିଓନେଲ ମେସି। ଚଳିତ ଫିଫା ବିଶ୍ୱକପରେ ମେସି ନିଜ ସ୍ୱପ୍ନ ପୂରଣ କରିବାକୁ ଯାଉଛନ୍ତି। କ୍ୟାରିୟରର ଅନ୍ତିମ ବିଶ୍ୱକପ ଖେଳୁଥିବା ମେସି ଟାଇଟଲ ହାସଲରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। କାରଣ କାତାରରେ ଚାଲିଥିବା ବିଶ୍ୱକପର ଫାଇନାଲରେ ଆର୍ଜେଣ୍ଟିନା ପ୍ରବେଶ କରିସାରିଛି। ଫାଇନାଲରେ ମେସିଙ୍କ ଦଳ ଗତଥରର ଚାମ୍ପିୟନ ଫ୍ରାନ୍ସକୁ ଭେଟିବ। ଫ୍ରାନ୍ସ ହର୍ଡଲ୍ସ ଅତିକ୍ରମ କରିପାରିଲେ ଆର୍ଜେଣ୍ଟିନା ୩ୟ ଥରପାଇଁ ବିଶ୍ୱକପ ଜିତିବ ଏବଂ ମେସି ନିଜ ସ୍ୱପ୍ନ ସାକାର କରିପାରିବେ।

୧୮ ବର୍ଷର ପ୍ରଫେସନାଲ ଫୁଟବଲ କ୍ୟାରିୟରରେ ୬୯୧ ଗୋଲ, ରେକର୍ଡ ସଂଖ୍ୟକ ୭ ଥର ବାଲନ୍ ଡି ଓର୍ ଓ ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍ ହାସଲ କରିଥିଲେ ମଧ୍ୟ ଥରେ ହେଲେ ବିଶ୍ୱକପ୍ ଟ୍ରଫି ହାସଲରେ ସମର୍ଥ ହୋଇନାହାନ୍ତି। ତେବେ ଚଳିତ ବିଶ୍ୱକପ୍‌ରେ ଏହି ଲକ୍ଷ୍ୟ ହାସଲ କରିବାପାଇଁ ତାଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଆର୍ଜେଣ୍ଟିନା ଜାତୀୟ ଦଳର ଅଧିନାୟକ ଲିଓନେଲ ଆଣ୍ଡ୍ରେସ୍ ମେସି ୨୪ ଜୁନ୍ ୧୯୮୭ରେ ରୋସାରିଓରେ ଜନ୍ମଗ୍ରହଣ କରିଥିଲେ। ଆରମ୍ଭରୁ ଫୁଟବଲ ପ୍ରତି ତାଙ୍କର ରହିଥିଲା ଅହେତୁକ ଦୁର୍ବଳତା। ମାତ୍ର ୧୩ ବର୍ଷ ବୟସରେ ବାର୍ସେଲୋନା ପାଇଁ ଖେଳିବାକୁ ପରିବାର ଲୋକଙ୍କ ସହିତ ସେ ସ୍ପେନ୍ ଯାଇଥିଲେ। ପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳିବା ଆରମ୍ଭ କରିଥିବା ମେସି ୨୦୦୦ ମସିହାରେ ପ୍ରଥମେ ବାର୍ସେଲୋନା ଜୁନିୟର ଦଳ ପକ୍ଷରୁ ଖେଳିଥିଲେ। ଏହାପରେ ବାର୍ସେଲୋନା ସିନିୟର ଦଳ ସହିତ ଦୀର୍ଘ ୧୭ ବର୍ଷ ଧରି ଖେଳିଥିଲେ।

## ମ୍ୟାଚ୍ ଓ ଗୋଲ୍

ମେସି ନିଜ କ୍ୟାରିୟରରେ ବର୍ତ୍ତମାନ ସୁଦ୍ଧା ୧୦୦୨ ମ୍ୟାଚ୍ ଖେଳିଥିବା ବେଳେ ସ୍କୋର କରିଛନ୍ତି ୬୯୧ଟି ଗୋଲ୍। ବାର୍ସେଲୋନା ବି ଓ ସି ପାଇଁ ଯଥାକ୍ରମେ ୫ ଓ ୬ ଗୋଲ ଦେଇଥିଲେ ମେସି। ବାର୍ସେଲୋନା ପାଇଁ ସେ ୨୦୦୪-୨୦୨୧ ଯାଏ ଖେଳିଥିବା ବେଳେ ୫୨୦ମ୍ୟାଚରୁ ସ୍କୋର କରିଛନ୍ତି ୪୭୪ ଗୋଲ୍। ଆର୍ଜେଣ୍ଟିନା ୨୦ ବର୍ଷରୁ କମ୍ ଦଳ ପାଇଁ ୧୪ ଓ ୨୩ ବର୍ଷରୁ କମ୍ ଦଳ ପାଇଁ ୨ଟି ଗୋଲ ସ୍କୋର କରିଥିଲେ। ଜାତୀୟ ବରିଷ୍ଠ ଦଳ ପାଇଁ ସେ ୧୭୧ ମ୍ୟାଚ ଖେଳିଥିବା ବେଳେ ସ୍କୋର କରିଛନ୍ତି ୯୬ ଗୋଲ। ଏହା ସହିତ ସେ ୫ଟି ଫିଫା ବିଶ୍ୱକପର ୨୫ ମ୍ୟାଚରୁ ୧୧ ଗୋଲ ସ୍କୋର କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଏହା ମଧ୍ୟରୁ ୫ ଗୋଲ ସ୍କୋର କରିଛନ୍ତି। ୨୦୨୧ରେ ମେସି ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)କୁ ଟ୍ରାନ୍ସଫର୍ ହୋଇଥିବା ବେଳେ ୩୯ ମ୍ୟାଚ୍ ଖେଳି ୧୩ ଗୋଲ ସ୍କୋର କରିଛନ୍ତି।

## ପୁରସ୍କାର ଓ ରେକର୍ଡ

୧୮ ବର୍ଷର ପ୍ରଫେସନାଲ ଫୁଟବଲ କ୍ୟାରିୟରରେ ମେସି ଅନେକ ପୁରସ୍କାର ହାସଲ କରିଥିବା ବେଳେ ଅନେକ ରେକର୍ଡ ନିଜ ନାମରେ କରିଛନ୍ତି। ସେ ନିଜ କ୍ୟାରିୟରରେ ୭ ଥର ବାଲନ୍ ଡି ଓର ପୁରସ୍କାର ହାସଲ କରିଥିବା ବେଳେ ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍ ହାସଲ କରିଛନ୍ତି। ୨୦୦୯ରେ ପ୍ରଥମ ଥର ବାଲନ୍ ଡି ଓର୍ ପୁରସ୍କାର ହାସଲ କରିଥିବା ମେସି କ୍ରମାଗତ ଭାବରେ ୨୦୧୨ ଯାଏ ଏହି ପୁରସ୍କାର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୫, ୨୦୧୯ ଓ ୨୦୨୧ରେ ଆଉ ୩ ଥର ଏହି ପୁରସ୍କାର ହାସଲ କରିବା ସହିତ ସର୍ବାଧିକ ୭ ଥର ରେକର୍ଡ ନିଜ ନାମରେ ରଖିଛନ୍ତି। ୨୦୧୭-୧୯ କ୍ରମାଗତ ୩ ବର୍ଷ ଧରି ୟୁରୋପିଆନ୍ ଗୋଲ୍ଡେନ ବୁଟ୍ ହାସଲ କରି ମେସି ରେକର୍ଡ କରିଥିଲେ। ୨୦୧୪ ବିଶ୍ୱକପ୍‌ରେ ଆର୍ଜେଣ୍ଟିନାକୁ ସେମି ଫାଇନାଲରେ ପହଞ୍ଚାଇଥିବା ବେଳେ ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ ବଲ୍ ହାସଲ କରିଥିଲେ। ଏହା ବ୍ୟତୀତ ସେ ୧୭ ବର୍ଷ ଧରି ବାର୍ସେଲୋନା ପାଇଁ ଖେଳି ୩୫ଟି ଟାଇଟଲ ହାସଲ କରିଛନ୍ତି। ଏହା ମଧ୍ୟରେ ୧୦ ଲା ଲିଗା, ୭ କୋପା ଡେଲ୍ ରେ ଓ ୪ଟି ୟୁଫା ଟାଇଟଲ ସାମିଲ। ଲା ଲିଗାରେ ସର୍ବାଧିକ ୪୭୪ ଗୋଲ ସ୍କୋର କରିଥିବା ମେସି ଗୋଟିଏ ସିଜନରେ ସର୍ବାଧିକ ୫୦ ଗୋଲ ସ୍କୋର କରିଛନ୍ତି, ଯାହା ଉଭୟ ଲା ଲିଗା ଓ ୟୁରୋପିଆନ୍ ଲିଗ୍ ରେକର୍ଡ। ସେ ଲା ଲିଗାରେ ସର୍ବାଧିକ ୩୬ ଓ ୟୁଫାରେ ୮ ହ୍ୟାଟ୍ରିକ ଗୋଲର ରେକର୍ଡ ନିଜ ନାମରେ ରଖିଛନ୍ତି। ଗୋଟିଏ କ୍ଲବ ପକ୍ଷରୁ ୬୭୨ ଗୋଲ ସ୍କୋର କରିବାର ରେକର୍ଡ ମଧ୍ୟ ମେସି ନିଜ ନାମରେ ରଖିଛନ୍ତି। ୨୦୦୯-୧୪ ମଧ୍ୟରେ ମେସି ବିଶ୍ୱର ହାଇଏଷ୍ଟ ପେଡ୍ ଫୁଟବଲର ରହିଥିବା ବେଳେ ୨୦୧୯-୨୨ ଯାଏ ଫୋର୍ବସ୍ ପକ୍ଷରୁ ତାଙ୍କୁ ବିଶ୍ୱର ହାଇଏଷ୍ଟ ପେଡ୍ ଆଥଲେଟ୍ ଘୋଷଣା କରାଯାଇଥିଲା। ୨୦୧୧ ଓ ୨୦୧୨ରେ ଟାଇମ୍ସ ପକ୍ଷରୁ ବିଶ୍ୱର୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ତାଙ୍କୁ ସାମିଲ କରାଯାଇଥିଲା। ୨୦୨୦ରେ ମେସିଙ୍କୁ ଲୌରିଅସ ପକ୍ଷରୁ ବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଘୋଷଣା କରାଯାଇଥିଲା। ବିଶ୍ୱର ପ୍ରଥମ ଫୁଟବଲର ତଥା ଟିମ୍ ସ୍ପୋର୍ଟ୍ସ ଖେଳାଳି ଭାବେ ସେ ଏହି ପୁରସ୍କାର ହାସଲ କରିଥିଲେ।

## ୨୦୨୨ରେ ପ୍ରଦର୍ଶନ

ବାମ ପାଦରେ ଖେଳୁଥିବା ମେସିଙ୍କ ତୁଳନା ସର୍ବଦା ଆର୍ଜେଣ୍ଟିନାର କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ସହିତ କରାଯାଇଥାଏ। ମାରାଡୋନାଙ୍କୁ ଅତିକ୍ରମ କରି ସେ ବିଶ୍ୱକପ୍‌ରେ ଦେଶ ପକ୍ଷରୁ ସର୍ବାଧିକ ଗୋଲ ସ୍କୋରର ମଧ୍ୟ ରହିଛନ୍ତି। ମାରାଡୋନା ୨୧ଟି ବିଶ୍ୱକପ୍ ମ୍ୟାଚ୍‌ରେ ୮ ଗୋଲ ସ୍କୋର କରିଥିବା ବେଳେ ୨୫ ମ୍ୟାଚ୍‌ରୁ ୧୧ ଗୋଲ ସହିତ ତାଙ୍କୁ ଅତିକ୍ରମ କରିଛନ୍ତି ମେସି। ଚଳିତ ଫିଫା ବିଶ୍ୱକପ୍ ପୂର୍ବରୁ ସେ ୬ଟି ଗୋଲ ମାରିଥିବା ବେଳେ ଚଳିତ ବର୍ଷ ୫ ଗୋଲ ସ୍କୋର କରିବା ସହିତ ଗୋଲ୍ଡେନ୍ ବୁଟ୍ ଦୌଡରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ମେସି ସାଉଦି ଆରବ, ମେକ୍ସିକୋ, ଅଷ୍ଟ୍ରେଲିଆ ବିପକ୍ଷରେ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଗୋଲ ସ୍କୋର କରିଥିଲେ। ଏହାପରେ ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲ ଓ କ୍ରୋଏସିଆ ବିପକ୍ଷ ସେମିଫାଇନାଲରେ ସେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଚଳିତ ବିଶ୍ୱକପ୍‌ର ଅନ୍ତିମ ୫ ମ୍ୟାଚ୍‌ରୁ ମେସି ୪ ଥର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହେବାର ରେକର୍ଡ ନିଜ ନାମରେ କରିଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ମେସି

## ଭାରତରେ ବିଶ୍ୱକପ୍‌ର ପ୍ରଭାବ

ଭାରତ ଏକ କ୍ରିକେଟ ପାଗଳ ଦେଶ। ତେବେ ଭାରତରେ ଫୁଟବଲ ଫ୍ୟାନ୍‌ଙ୍କ ସଂଖ୍ୟା କିଛି କମ୍ ନୁହେଁ। ବିଶ୍ୱ ମାନ୍ୟତାରେ ୧୦୬ ନମ୍ବର ସ୍ଥାନରେ ରହିଥିବା ଭାରତ ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ହାସଲ କରିନାହିଁ। କିନ୍ତୁ ଭାରତରେ ଲକ୍ଷ ଲକ୍ଷ ସମର୍ଥକ ଫୁଟବଲ ଦେଖୁଛନ୍ତି ଏବଂ ତାରକା ଖେଳାଳିମାନଙ୍କ ପ୍ରତି ନିଜର ସମର୍ଥନ ପ୍ରକାଶ କରୁଛନ୍ତି। ଭାରତ ଫୁଟବଲ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁ ନ ଥିଲେ ମଧ୍ୟ ଯେଉଁଭଳି ସମର୍ଥନ ପ୍ରଦାନ କରୁଛି ତାହା ସମସ୍ତଙ୍କୁ ଉତ୍ସାହିତ କରିଛି। ଅଧିନାୟକ ଲିଓନେଲ ମେସିଙ୍କ ଦମଦାର ପ୍ରଦର୍ଶନ ବଳରେ ଆର୍ଜେଣ୍ଟିନା ୩-୦ ଗୋଲରେ କ୍ରୋଏସିଆକୁ ହରାଇଥିଲା। ରବିବାର ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକରେ ଆର୍ଜେଣ୍ଟିନାର ବିଜୟ ପରେ ଭାରତୀୟଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ସେଲିବ୍ରେଶନ କରାଯାଇଥିଲା। ଭାରତୀୟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ଏକ ଭିଡିଓ ପୋଷ୍ଟ କରିଥିଲେ। ଭାରତୀୟ ସହର କେରଳରେ ମଧ୍ୟରାତ୍ରରେ ମେସିଙ୍କ କଟ୍‌ଆଉଟ ଓ ଆର୍ଜେଣ୍ଟିନା ପତାକା ସହିତ ସେଲିବ୍ରେଶନ୍ ଦେଖିବାକୁ ମିଳିଥିଲା। ଭାରତୀୟ ଦଳ ଫୁଟବଲରେ ନିଜର ପରାକାଷ୍ଠା ଦେଖାଇବାରେ ବିଫଳ ହେବା ପରେ ଯଦି ଫ୍ୟାନମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା ଆସିବ ତେବେ ଭାରତ ନିଶ୍ଚୟ ସଫଳ ହେବ ବୋଲି ମହିନ୍ଦ୍ରା ଲେଖିଥିଲେ। ଭାରତ ୧୦୬ ନମ୍ବର ସ୍ଥାନରେ ଥିଲେ ହେଁ ଏହା ଫ୍ୟାନଙ୍କୁ ପ୍ରଭାବିତ କରିପାରି ନାହିଁ। ଭାରତର ଦୁଇ ଫୁଟବଲ ପ୍ରସିଦ୍ଧ ରାଜ୍ୟ କେରଳ ଓ ପଶ୍ଚିମବଙ୍ଗରେ ଫ୍ୟାନଙ୍କ ଅଧିକ ଭିଡ ଦେଖିବାକୁ ମିଳିଥିଲା। କ୍ରୋଏସିଆ ବିପକ୍ଷରେ ଜିତିବା ପରେ କେରଳରେ ମେସିଙ୍କ ସମର୍ଥକମାନେ ପ୍ଲାକାର୍ଡ ଓ କଟଆଉଟ ସହିତ ବିଜୟ ଉତ୍ସବ ପାଳନ କରିଥିଲେ। ଖେଳିବା ସମୟରେ ମେସିଙ୍କୁ ଦେଖି ତାଙ୍କର ଲୋମ ଟାଙ୍କୁରି ଯାଇଥିଲା ବୋଲି ଅଜୟ ଭି ଜନ୍ ନାମକ ଜଣେ ୨୦ ବର୍ଷୀୟ କଳାକାର ପ୍ରକାଶ କରିଥିଲେ। ଏକ କଲେଜ କ୍ୟାମ୍ପସରେ ଥିବା ବାସ୍କେଟବଲ କୋର୍ଟରେ ସେ ମେସିଙ୍କର ୧୦.୯ ମିଟର ଦୈର୍ଘ୍ୟ ଓ ୯ ମିଟର ପ୍ରସ୍ଥର ଏକ ପ୍ରତିକୃତି ନିର୍ମାଣ କରିଥିଲେ। ଲାଲ, ନାରଙ୍ଗି, ହଳଦିଆ, କଳା ଓ ନୀଳ ରଙ୍ଗର ୧ ଲକ୍ଷ ୧୮ ହଜାର ଚାର୍ଟ ପେପର ବ୍ୟବହାର କରି ସେ ଏହି ଚିତ୍ର ନିର୍ମାଣ କରିଥିଲେ। କେବଳ ଗୋଲ ସ୍କୋରିଂ ନୁହେଁ ଚଳିତ ବର୍ଷ ମେସିଙ୍କ ଆସିଷ୍ଟ ମଧ୍ୟ ଚମତ୍କାର ରହିଥିଲା। ସେମିଙ୍କ ପ୍ରଦର୍ଶନ ପରେ ମେସି ଓ ରୋନାଲ୍ଡୋଙ୍କ ମଧ୍ୟରେ କିଏ ସର୍ବକାଳୀନ ଶ୍ରେଷ୍ଠ ତାହାକୁ ନେଇ ଆଲୋଚନା ଜୋର ଧରିଥିଲା। ତେବେ ଜନଙ୍କ ପରି ଡାଇହାର୍ଡ ଫ୍ୟାନ ମେସିଙ୍କୁ ହିଁ ଶ୍ରେଷ୍ଠ ବୋଲି ବର୍ଣ୍ଣନା କରିଥିଲେ। ବିଶ୍ୱକପ୍ ପ୍ରଦର୍ଶନକୁ ବାଦ୍ ଦେଲେ ମଧ୍ୟ ମେସି ସର୍ବଦା ଶ୍ରେଷ୍ଠ ବୋଲି ଜନ୍ କହିଛନ୍ତି। ସେହିପରି ଆଉ ଜଣେ ୨୮ ବର୍ଷୀୟ ଯୁବକ ରିଜଓ୍ୱାନ ଏମ୍ ଏମ୍ ମଧ୍ୟ ଜନଙ୍କ ସହିତ ସମାନ ମତପୋଷଣ କରିଥିଲେ। ମେସିଙ୍କୁ କାହା ନିକଟରେ ଏହା ପ୍ରମାଣିତ କରିବାର ଆବଶ୍ୟକତା ନାହିଁ। ମେସିଙ୍କ ଦକ୍ଷତା ଉପରେ ସନ୍ଦେହ ପ୍ରକଟ କରିଥିବା ବ୍ୟକ୍ତିଙ୍କ ପାଇଁ ଏହା କଡା ଜବାବ ବୋଲି ସେ କହିଛନ୍ତି। ସେହିପରି ଅନିର୍ବାଣ ଦେବ(୩୪) ହେଉଛନ୍ତି ଆଉଜଣେ ସମର୍ଥକ ଯିଏକି ଦିଲ୍ଲୀରେ ବାସ କରନ୍ତି। ତେବେ ଜଣେ ଖେଳାଳି ଭାବରେ ମେସିଙ୍କ ରେକର୍ଡ ଅତୁଳନୀୟ। କ୍ରୀଡା ପ୍ରତି ମେସିଙ୍କ ଭାବାବେଗ ଓ ବଲ୍ ନିୟନ୍ତ୍ରଣ ଦକ୍ଷତା ମଧ୍ୟ ବେଶ୍ ଚମତ୍କାର। କ୍ଲବ ହେଉ କିମ୍ବା ଜାତୀୟ ଦଳ ମେସିଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଫୁଟବଲ ଏକ ଦଳଗତ ଖେଳ ହୋଇଥିବା ବେଳେ ମେସିଙ୍କ ଭୂମିକା ସର୍ବଦା ଅଗ୍ରଣୀ ରହିଥାଏ। ପ୍ରତୀକ ରାଠି ନାମକ ଆଉ ଜଣେ ଫ୍ୟାନ ମଧ୍ୟ ସମାନ ପ୍ରତିକ୍ରିୟା ରଖିଛନ୍ତି। ଆର୍ଜେଣ୍ଟିନା କେଉଁଠି ତାହା ୫୦% ଭାରତୀୟ ଜାଣି ନ ଥିବେ, ମାତ୍ର ସେମାନେ ମେସିଙ୍କୁ ସମର୍ଥନ କରିଥାନ୍ତି। ଏହା ହିଁ ମେସିଙ୍କ ସାମ୍ରାଜ୍ୟ ବୋଲି ସେ କହିଛନ୍ତି।


କେରଳର ଏକ କଲେଜ କ୍ୟାମ୍ପସରେ ଥିବା ବାସ୍କେଟବଲ କୋର୍ଟରେ ମେସିଙ୍କର ୧୦.୯ ମିଟର ଦୈର୍ଘ୍ୟ ଓ ୯ ମିଟର ପ୍ରସ୍ଥର ଏକ ପ୍ରତିକୃତିକୁ ପ୍ରଶଂସକମାନେ ଦେଖୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଡିସେମ୍ବର ୧୭/୨୦୨୨ Sambalpur, Saturday, December 17/ 2022

# ମରକ୍କୋ-କ୍ରୋଏସିଆ ପ୍ଲେ-ଅଫ୍ ଆଜି

**ଦୋହା, ୧୬।୧୨**

ଚଳିତ ଫିଫା ବିଶ୍ୱକପ୍‌ର ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ଶନିବାର ସ୍ଥାନୀୟ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପରାଜିତ ଦୁଇ ସେମିଫାଇନାଲିଷ୍ଟ ଦଳ ମରକ୍କୋ ଓ କ୍ରୋଏସିଆ ଏହି ମ୍ୟାଚରେ ପରସ୍ପରର ମୁକାବିଲା କରିବେ। ପ୍ରଥମ ଆଫ୍ରିକୀୟ ଦଳଭାବେ ମରକ୍କୋ କୌଣସି ଫିଫା ବିଶ୍ୱକପ୍‌ର ପ୍ଲେ-ଅଫ୍ ଖେଳିବାକୁ ଯାଉଛି। ତେଣୁ ଯଥା ସମ୍ଭବ ମଥା ଉଚ୍ଚକରି ଏହି ଦଳ ପ୍ରତିଯୋଗିତା ଶେଷ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଗତଥରର ରନରଅପ୍ କ୍ରୋଏସିଆ ଏହାକୁ ମିଶାଇ ୨ୟ ଥର ପାଇଁ ପ୍ଲେ-ଅଫ୍ ଖେଳିବ। ୧୯୯୮ ବିଶ୍ୱକପ୍‌ରେ ଏହି ଦଳ ପ୍ରଥମେ ପ୍ଲେ-ଅଫ୍ ଖେଳିଥିଲା ଏବଂ ନେଦରଲାଣ୍ଡ୍ସକୁ ୨-୧ ଗୋଲରେ ହରାଇ ତୃତୀୟସ୍ଥାନ ଅଧିକାର କରିଥିଲା। ତେଣୁ ଆଗାମୀ ମ୍ୟାଚରେ ମଧ୍ୟ ଦଳ ଅନୁରୂପ ଫଳାଫଳ ଆଶା ରଖିଛି। ବିଶ୍ୱକପ୍‌ର ପୂର୍ବ ୧୯ଟି ସଂସ୍କରଣରେ ପ୍ଲେ-ଅଫ୍ ମ୍ୟାଚ କେବେହେଲେ ପେନାଲ୍ଟି ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଇନାହିଁ। ୧୯୮୬ରେ କେବଳ ଥରେ ଫ୍ରାନ୍ସ-ବେଲଜିୟମ ମ୍ୟାଚ ଅତିରିକ୍ତ ସମୟକୁ ଯାଇଥିଲା। ୧୯୭୮ରେ ଇଟାଲିକୁ ବ୍ରାଜିଲ ୨-୧ରେ ହରାଇବା ପରଠାରୁ ଶେଷ ୧୦ ସଂସ୍କରଣରେ ୟୁରୋପୀୟ ଦଳ ହିଁ ମ୍ୟାଚ ଜିତି ଆସିଛନ୍ତି। ଏଥର କିନ୍ତୁ କ୍ରୋଏସିଆକୁ ମରକ୍କୋ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ।

ବିଶ୍ୱକପ୍‌ରେ ମରକ୍କୋ ଓ କ୍ରୋଏସିଆ ମଧ୍ୟରେ ଏହା ହେବ ଦ୍ୱିତୀୟ ମ୍ୟାଚ। ଚଳିତ ବିଶ୍ୱକପରେ ୨ଟି ଯାକ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିଲେ। ନଭେମ୍ବର ୨୩ରେ ଅଲ୍ ବାୟଟ ଷ୍ଟାଡିୟମରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ 'ଏଫ୍' ଓପନର ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। କ୍ରୋଏସିଆ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ ହେଁ ମରକ୍କୋ ଗୋଲ ହେବାକୁ ଦେଇ ନ ଥିଲା। ଏହାପରେ ମରକ୍କୋ ୨-୦ରେ ବେଲ୍‌ଜିୟମକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ କାନାଡ଼ାକୁ ୨-୧ ଗୋଲରେ ପରାସ୍ତ କରି ଗ୍ରୁପ୍ ଟପ୍ପରଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ଦଳ ପୂର୍ବତନ ଚାମ୍ପିୟନ ସ୍ପେନ୍‌କୁ ପେନାଲ୍ଟି ଶୁଟ୍ ଆଉଟ ୩-୦ ଗୋଲରେ ହରାଇ ଥିବାବେଳେ କ୍ୱାର୍ଟର ଫାଇନାଲରେ ୧-୦ରେ ବିଜୟ ସହ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲକୁ ବିଦାୟ ପଥ ଦେଖାଇଥିଲା। ତେବେ ସେମିଫାଇନାଲରେ ଦଳ ୨ ଥର ଚାମ୍ପିୟନ ଫ୍ରାନ୍ସ ନିକଟରୁ ୦-୨ ଗୋଲରେ ପରାସ୍ତ ହୋଇଥିଲା। ସେହିପରି କ୍ରୋଏସିଆ ନିଜର ଗ୍ରୁପ୍ ପର୍ଯ୍ୟାୟ ଦ୍ୱିତୀୟ ମ୍ୟାଚରେ ୪-୧ ଗୋଲରେ କାନାଡ଼ାକୁ ହରାଇଥିବାବେଳେ ବେଲଜିୟମ ବିପକ୍ଷ ତୃତୀୟ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଫଳରେ ମରକ୍କୋ ପଛକୁ ଗ୍ରୁପ୍‌ର ଦ୍ୱିତୀୟ ଶ୍ରେଷ୍ଠ ଦଳଭାବେ ନକ୍‌ଆଉଟରେ ପହଞ୍ଚିଥିଲା। ରାଉଣ୍ଡ ଅଫ୍ ୧୬ରେ ଦଳ ଜାପାନକୁ ପେନାଲ୍ଟି ଶୁଟ୍‌ଆଉଟ ୩-୧ ଗୋଲରେ ହରାଇଥିଲା ଏବଂ କ୍ୱାର୍ଟର ଫାଇନାଲରେ ୫ ଥର ଚାମ୍ପିୟନ ବ୍ରାଜିଲକୁ ସେହି ପେନାଲ୍ଟି ଶୁଟ୍‌ଆଉଟ ୪-୨ ଗୋଲରେ ପରାସ୍ତ କରିଥିଲା। ତେବେ ସେମିଫାଇନାଲରେ ଦଳ ଆର୍ଜେଣ୍ଟିନା ନିକଟରୁ ୦-୩ ଗୋଲରେ ହାରିଯିବାରୁ କ୍ରମାଗତ ଦ୍ୱିତୀୟ ଥରପାଇଁ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଟାଇଟଲ ହାସଲ ଆଶା ଧୂଳିସାତ ହୋଇଯାଇଥିବାରୁ ଦଳ ଆଗାମୀ ମ୍ୟାଚ ଜିତି ତୃତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିବା ଯୋଜନାରେ ରହିଛି।


ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସରତ କ୍ରୋଏସିଆ ଦଳ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**କ୍ରୋଏସିଆ ବନାମ ମରକ୍କୋ**

ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ
ସମୟ: ରାତି ୮.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

# 'ସିଜିଂ ଦି ଅପର୍ଚ୍ଚୁନିଟି' ପୁସ୍ତକ ଉନ୍ମୋଚିତ


'ସିଜିଂ ଦି ଅପର୍ଚ୍ଚୁନିଟି' ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିମାନେ।

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ହେବାକୁ ଯାଉଛି ହକି ବିଶ୍ୱକପ୍। ଏହି ମେଗା ପ୍ରତିଯୋଗିତା କ୍ରମେ ପାଖେଇ ଆସୁଥିବାରୁ ହକି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ରାଜ୍ୟରେ ଏବେ ହକି ଫିଭର। ବିଶ୍ୱକପ୍‌ର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଡ୍ରାଗ୍ ଫ୍ଲିକରଙ୍କ ଭୂମିକା ଉପରେ ରଚନା କରାଯାଇଥିବା ପୁସ୍ତକ 'ସିଜିଂ ଦି ଅପର୍ଚ୍ଚୁନିଟି' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକର ରଚୟିତା ହେଉଛନ୍ତି ବିଶିଷ୍ଟ କ୍ରୀଡ଼ା ବିଜ୍ଞାନ ବିଶାରଦ ଡ. ସାଜୁ ଜୋସେଫ। ହକି ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା ସମ୍ମାନିତ ଅତିଥି ଏବଂ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ରାଜ୍ୟରେ କିଭଳି କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଇ ପ୍ରୋତ୍ସାହନ ପ୍ରଦାନ କରାଯାଉଛି ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ନିଜର ମତ ରଖିଥିଲେ। ରାଉରକେଲାରେ ଦେଶର ସବୁଠାରୁ ବଡ଼ ଏବଂ ଅତ୍ୟାଧୁନିକ ହକି ଷ୍ଟାଡିୟମ ନିର୍ମାଣ ହେଉଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏବଂ ପୁସ୍ତକର ରଚୟିତା ସାଜୁ ଜୋସେଫ ଉପସ୍ଥିତ ଥିଲେ। ହକି ଆସୋସିଏଶନ ଅଫ୍ ଓଡ଼ିଶାର ଅନ୍ୟ ଅଧିକାରୀଙ୍କ ସମେତ ଓଡ଼ିଶାର ଚେସ୍ କୁଇନ୍ ତଥା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, ଖେଳରତ୍ନ ପୁରସ୍କାରପ୍ରାପ୍ତ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବତନ ବରିଷ୍ଠ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରିଷି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରୀନ୍ ଟି଼ଁ ଅନୁଷ୍ଠାନ ପକ୍ଷରୁ ଦିଲୀପଙ୍କୁ ରୁପାରେ ଏକ ହକିଷ୍ଟିକ୍ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା।

ହକି ଖେଳରେ ଡ୍ରାଗ୍‌ଫ୍ଲିକର ପୋଜିଶନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ସବୁ ହକି ଦଳରେ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ଡ୍ରାଗ୍‌ଫ୍ଲିକର ଅଛନ୍ତି। ପେନାଲ୍ଟି କର୍ନର ସମୟରେ ଏମାନଙ୍କ ବଡ଼ ଭୂମିକା ରହିଥାଏ। ସେଥିପାଇଁ ବିଶ୍ୱର ସବୁ ଦଳଗୁଡ଼ିକ ସବ୍‌ଜୁନିୟର ଏବଂ ଜୁନିୟର ସ୍ତରରୁ ଡ୍ରାଗ୍‌ଫ୍ଲିକର ପାଇଁ ସ୍ୱତନ୍ତ୍ର ଟ୍ରେନିଂର ବ୍ୟବସ୍ଥା କରିଥାନ୍ତି। ଯେଉଁ ଦଳର ଡ୍ରାଗ୍‌ଫ୍ଲିକର ଯେତେ ଦକ୍ଷ ସେହି ଦଳ ବଡ଼ ପ୍ରତିଯୋଗିତା ସମୟରେ ସେତେ ଫାଇଦାରେ ରହିଥାନ୍ତି। ତେଣୁ ଏହି ପୁସ୍ତକ ହକିକୁ କ୍ୟାରିୟର କରୁଥିବା ଖେଳାଳି ଏବଂ ହକିପ୍ରେମୀଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, କେରଳରେ ଜନ୍ମିତ ଜୋସେଫ ବେଙ୍ଗାଲୁରୁରେ ରହୁଛନ୍ତି। ସେ ହକିରେ ଜଣେ ଏନ୍‌ଆଇଏସ୍ କୋଚ୍ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ହାଇପରଫର୍ମାନ୍ସ ଡାଇରେକ୍ଟର। 'ସିଜିଂ ଦି ଅପର୍ଚ୍ଚୁନିଟି' ହେଉଛି ତାଙ୍କର ପ୍ରଥମ ପୁସ୍ତକ।


ହକି ବିଶ୍ୱକପ ଟ୍ରଫି ଟୁର୍ ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛି। କିମ୍ବଦନ୍ତୀ ଖେଳାଳିଙ୍କ ଗହଣରେ ଟ୍ରଫି ଉନ୍ମୋଚନ ଅବସରରେ କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଅନୁରାଗ ଠାକୁର।

# ଭାରତର ସଫଳତା ନେଇ ଆଶାବାଦୀ ଅନୁରାଗ

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ହକି ବିଶ୍ୱକପ ଟ୍ରଫି ଟୁର୍‌ର ନୂଆଦିଲ୍ଲୀ ପର୍ଯ୍ୟାୟ ଶୁକ୍ରବାର ଆରମ୍ଭ ହୋଇଛି। କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର, ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଅନୁରାଗ ଠାକୁର ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମ ହକି ବିଶ୍ୱକପରେ ଭାରତର ସଫଳତାକୁ ନେଇ ଆଶାବାଦୀ ଥିବା ନେଇ ପ୍ରକାଶ କରିଛନ୍ତି କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର। ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ଏହି ବିଶ୍ୱକପ ଅନୁଷ୍ଠିତ ହେବ। ଟୋକିଓ ୨୦୨୦ରେ ଦଳର ପ୍ରଦର୍ଶନ ଆଉ ଆତ୍ମବିଶ୍ୱାସ ବଳରେ ଭାରତ ଚଳିତ ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିବ ବୋଲି ଅନୁରାଗ ମତ ରଖିଛନ୍ତି। ବିଶ୍ୱର ଅନ୍ୟ ୧୫ ଦଳକୁ ଚ୍ୟାଲେଞ୍ଜ ଦେବା ପାଇଁ ଭାରତ ପ୍ରସ୍ତୁତ ବୋଲି ଅନୁରାଗ କହିଛନ୍ତି। ଭାରତୀୟ ଦଳର ପ୍ରସ୍ତୁତି ବେଶ ଚମତ୍କାର ରହିଛି। ତେଣୁ ପ୍ରସ୍ତୁତିକୁ ଦେଖିଲେ କହି ହେବ କି କେବଳ ବିଶ୍ୱକପ ନୁହେଁ ପ୍ୟାରିସ୍ ୨୦୨୪ରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବ। ଭାରତ ଶେଷ ଥର ପାଇଁ ୧୯୭୫ ବିଶ୍ୱକପରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ଭାରତ ଉକ୍ତ ସଫଳତା ପୁନର୍ବାର ଦୋହରାଇବ ବୋଲି ଠାକୁର କହିଛନ୍ତି। କେବଳ ଠାକୁର ନୁହନ୍ତି ପୂର୍ବତନ ଭାରତୀୟ ଅଧିନାୟକ ଜାଫର ଇକ୍‌ବାଲ ମଧ୍ୟ ସମାନ ମତ ଦେଇଛନ୍ତି। ୧୯୭୫ ଦଳର ଅଧିନାୟକ ଅଜିତ୍ ପାଲ ସିଂ ମଧ୍ୟ ସମାନ ମତ ଦେଇଛନ୍ତି। ଟୁର୍ନାମେଣ୍ଟରେ କାହାକୁ ଫେବରିଟ୍ କହିବା କଷ୍ଟ ମାତ୍ର ଭାରତର ପୋଡିୟମ ଫିନିଶ ସମ୍ଭାବନା ଅଧିକ ବୋଲି ସେ କହିଛନ୍ତି।

# ଦିବାରାତ୍ର କ୍ରିକେଟରେ ୧୬ ଦଳ ଭାଗନେବେ

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ଏବଂ ଜେନ୍-ନେଷ୍ଟ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚଳିତ ମାସ ୧୮ ତାରିଖରୁ ଏକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଭୁବନେଶ୍ୱରରୁ ୮ଟି, କଟକରୁ ୬ଟି ଏବଂ ଖୋର୍ଦ୍ଧା, ସମ୍ବଲପୁର, ଝାରସୁଗୁଡ଼ା ଓ କେନ୍ଦୁଝରରୁ ଗୋଟିଏ ଲେଖାଏ ଦଳ ଅନ୍ତର୍ଭୁକ୍ତ। ଚାମ୍ପିୟନ, ରନରଅପ୍ ଏବଂ ତୃତୀୟ ସ୍ଥାନ ହାସଲ କରିବା ଦଳକୁ ଯଥାକ୍ରମେ ୮୦,୦୦୦, ୫୦,୦୦୦ ଓ ୨୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ମୋଟ ୮ ଲକ୍ଷ ଟଙ୍କାର ବଜେଟ ଅଟକଳ କରାଯାଇଛି ବୋଲି ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ସମ୍ପାଦକ ଏ. ମଧୁସୂଦନ ରେଡ୍ଡୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ କର୍ପୋରେଟର ଶ୍ରୀଧର ବେହେରା ଓ ପୁଷ୍ପା ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରହିବେ। ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କ ପାଇଁ ଏହି ଟୁର୍ନାମେଣ୍ଟରୁ ପାଣ୍ଠି ସଂଗ୍ରହ କରାଯିବ ବୋଲି ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ କ୍ରୀଡ଼ା ସମ୍ପାଦକ ତନ୍ମୟ ପରିଡ଼ା ପ୍ରକାଶ କରିଛନ୍ତି।

# ଓଡ଼ିଶା-ବରୋଦା ମ୍ୟାଚ ଡ୍ର

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ୧ ପଏଣ୍ଟ ସହିତ ଏହାର ୨୦୨୨-୨୩ ରଣଜୀ ଟ୍ରଫି ସିଜନ ଆରମ୍ଭ କରିଛି। ବିକାଶ ଗ୍ରାଉଣ୍ଡରେ ଶୁକ୍ରବାର ଶେଷ ହୋଇଥିବା ଓଡ଼ିଶା-ବରୋଦା ରଣଜୀ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଛି। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବରୋଦା ୩ ଓ ଓଡ଼ିଶା ୧ ପଏଣ୍ଟ ପାଇଛି। ଓଡ଼ିଶା ପ୍ରଥମ ଇନିଂସରେ ୪୫୭ ରନ କରିଥିବାବେଳେ ବରୋଦା ଏହାର ପ୍ରଥମ ଇନିଂସକୁ ୬୨୪/୮ରେ ଘୋଷଣା କରିଥିଲା। ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା ନ ଥିବାରୁ ଉଭୟ ଅଧିନାୟକଙ୍କ ସହମତିକ୍ରମେ ଖେଳକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ରଖା ଯାଇଥିଲା। ୩ୟ ଦିବସର ଅସମାପ୍ତ ସ୍କୋର ୪୧୬/୫ରୁ ଖେଳ ଆରମ୍ଭ କରିଥିବା ବରୋଦା ୪ର୍ଥ ଦିବସର ପ୍ରଥମ ସେସନରେ ୨ ଉଇକେଟ ହରାଇ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରି ନେଇଥିଲା। ପରେ ଅଭିମନ୍ୟୁସିଂ ରାଜପୁତଙ୍କ ଅପରାଜିତ ଶତକ ସହାୟତାରେ ବୃହତ ସ୍କୋର କରିଥିଲା। ରାଜପୁତ ୧୦୨ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୯ ନମ୍ବର ବ୍ୟାଟର ଭାର୍ଗବ ଭଟ୍ଟ ମଧ୍ୟ ୮୭ ରନର ଦୃଢ଼ ଇନିଂସ ଖେଳିଥିଲେ। ୮ମ ଉଇକେଟରେ ରାଜପୁତ ଓ ଭଟ୍ଟ ୩୦୦ ବଲ୍‌ରୁ ୧୮୪ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଶୁଭମ୍ ନାୟକ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ରଣଜୀ ଟ୍ରଫି**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୫୭। ବରୋଦା ପ୍ରଥମ ଇନିଂସ: ୬୨୪/୮/ଘୋଷଣା (ଶାଶ୍ୱତ ରାୱତ-୧୩୫, ପ୍ରିୟାଂଶୁ ମୋଲିୟା-୧୧୮, ଅଭିମନ୍ୟୁସିଂ-୧୦୨*, ଭାର୍ଗବ ଭଟ୍ଟ-୮୭, ଜ୍ୟୋତ୍ସ୍ନିଲ ସିଂ-୬୩, ବସନ୍ତ ମହାନ୍ତି-୨/୩୧, ସୂର୍ଯ୍ୟକାନ୍ତ ପ୍ରଧାନ-୨/୧୧୬, ଶୁଭମ୍ ନାୟକ-୨/୧୨୨, ଅଭିଷେକ ରାଉତ-୧/୭୯, ଦେବବ୍ରତ ପ୍ରଧାନ-୧/୧୫୧)।

# ଟମାଣ୍ଡୋ କପ୍ ଫୁଟବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଟମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜୋନ୍-୩ ଏସିପି ରଜତ ରାୟ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜଟଣୀର ଉତ୍କଳ ସ୍ପୋର୍ଟିଂ ଓ ଭୁବନେଶ୍ୱରର କିଶୋର କ୍ଲବ ମଧ୍ୟରେ ଟମାଣ୍ଡୋ ମିନି ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର କ୍ଲବ ୨-୦ ଗୋଲରେ ବିଜୟ ହାସଲ କରିଥିଲା। ମ୍ୟାଚର ୫ମ ଏବଂ ୪୫ତମ ମିନିଟରେ ବିଜୟୀ ଦଳର ପପୁ ମାଝି ୨ଟି ଗୋଲ ଦେଇଥିଲେ। ଫଳରେ ପପୁଙ୍କୁ ଶିବଶକ୍ତି କ୍ଲବ ସଭାପତି ଦୁଃଶାସନ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଖୋର୍ଦ୍ଧାର ଡାଇମଣ୍ଡ କ୍ଲବ ଓ ଗଣ୍ଡରପୁରର ୟୁନାଇଟେଡ ୟୁଥ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଆରାଧ୍ୟା ଚାମ୍ପିୟନ, ଶ୍ୱେତା ରନରଅପ୍

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ଅନୁଗୋଳସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଥିବା ୨୮ତମ ଆନ୍ତଃଜିଲା ଏବଂ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ୧୧ ବର୍ଷରୁ କମ୍ ବାଳିକା ବିଭାଗରେ କଟକର ଆରାଧ୍ୟା ସାହୁ ଚାମ୍ପିୟନ ଓ ଶ୍ୱେତା ବର୍ମା ରନରଅପ୍ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଆରାଧ୍ୟା ୩-୦ରେ ଶ୍ୱେତାଙ୍କୁ ପରାସ୍ତ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଜିଜ୍ଞାସୁ ସାହୁ, ମହମ୍ମଦ ଜିଶାନ, ଅନିନ୍ଦ୍ୟ ଅନୁପମ ଏବଂ ଫରଜ ରାଜା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା, ଅଫିଆ ମୌଶିନ, ସୁକୁଲଦେଇ ପେଣ୍ଡିଆ, ସାକ୍ଷୀ ଭଗତ ସେମିଫାଇନାଲରେ ପହଞ୍ଚିଛନ୍ତି।


ଆରାଧ୍ୟା ସାହୁ ଓ ଶ୍ୱେତା ବର୍ମା

# ବାଂଲାଦେଶକୁ ଆବଶ୍ୟକ ୪୭୧ ରନ

**ଚଟ୍ଟୋଗ୍ରାମ, ୧୬।୧୨ (ପି.ଟି.)**

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଡ୍ରାଇଭର ସିଟ୍‌ରେ ଭାରତ। ଓପନର ଶୁବମନ ଗିଲ୍ ଓ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରାଙ୍କ ଶତକ ବଳରେ ଭାରତ ଦ୍ୱିତୀୟ ଇନିଂସରେ ୨୫୮/୨ରେ ଇନିଂସ ଘୋଷଣା କରିଛି। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ବିନା କ୍ଷତିରେ ୪୨ ରନ୍ କରିଥିବା ବେଳେ ବିଜୟ ପାଇଁ ଘରୋଇ ଦଳକୁ ଆଉ ୪୭୧ ରନ୍ ଆବଶ୍ୟକ ରହିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୩୩/୮ରୁ ଖେଳ ଆରମ୍ଭ କରି ବାଂଲାଦେଶ ଆଉ ମାତ୍ର ୧୭ ରନ୍ ଯୋଡିଥିଲା। ଅକ୍ଷରପକ୍ଷେ ପଟେଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇ ବାଂଲାଦେଶ ଇନିଂସ ଶେଷ କରିଥିଲେ। ମୁଶଫିକୁର ରହିମ ସର୍ବାଧିକ ୨୮ ରନ୍ କରିଥିବା ବେଳେ କୁଲଦୀପ ଯାଦବ ୫ ଉଇକେଟ ସଫଳତା ହାସଲ କରିଥିଲେ। ୨୫୪ ରନରେ ଆଗୁଆ ରହିବା ପରେ ଭାରତ ପୁନର୍ବାର ବ୍ୟାଟିଂ କରିଥିଲା। ଷ୍ଟାଣ୍ଡଇନ୍ ଅଧିନାୟକ ଲୋକେଶ ରାହୁଲ ମାତ୍ର ୨୩ ରନ୍ କରି ଆଉଟ ହୋଇଥିବା ବେଳେ ଶୁବମନ ଗିଲ ୧୧୦ ଓ ଚେତେଶ୍ୱର ପୂଜାରା ୧୦୨* ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ୧୧୩ ରନ୍। ଗିଲ୍ ୧୫୨ ବଲ୍ ଖେଳି ୧୦ ଚୌକା ଓ ୩ ଛକା ମାରିବା ସହିତ ଟେଷ୍ଟ କ୍ରିକେଟରେ ନିଜର ପ୍ରଥମ ଶତକ ହାସଲ କରିଥିଲେ। ୧୩୦ ବଲ ଖେଳିଥିବା ପୂଜାରା ୧୦୨ ରନର ଇନିଂସରେ ମାରିଥିଲେ ୧୩ ଚୌକା। ପୂଜାରା ଶତକ ହାସଲ କରିବା ପରେ ଭାରତ ଇନିଂସ ଘୋଷଣା କରିଥିଲା। ୫୧୩ ରନର ବିଶାଳ ଲକ୍ଷ୍ୟ ରହିଥିବା ବେଳେ ବ୍ୟାଟିଂ ଆରମ୍ଭ କରି ବାଂଲାଦେଶ ବିନା କୌଣସି ଉଇକେଟରେ ୪୨ ରନ୍ ସଂଗ୍ରହ କରିଛି। ମ୍ୟାଚ ଦୁଇ ଦିନ ବାକି ରହିଥିବା ବେଳେ ବାଂଲାଦେଶର ବିଜୟ ଅସମ୍ଭବ ପ୍ରତୀୟମାନ ହେଉଛି।

**ଗିଲ୍, ପୂଜାରାଙ୍କ ଶତକ**



ଶତକ ହାସଲ ପରେ ଚେତେଶ୍ୱର ପୂଜାରା ଓ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୦୪। ବାଂଲାଦେଶ ପ୍ରଥମ ଇନିଂସ ୫୫.୫ ଓଭରରେ ୧୫୦/୧୦ (ମୁଶଫିକର ରହିମ୍-୨୮, ମେହିଦୀ ହସନ ମିରାଜ-୨୫, ଲିଟନ ଦାସ-୨୪, କୁଲଦୀପ ଯାଦବ-୫/୪୦, ମହମ୍ମଦ ସିରାଜ-୩/୨୦, ଅକ୍ଷର ପଟେଲ-୧/୧୦)। ଭାରତ ଦ୍ୱିତୀୟ ଇନିଂସ- ୬୧.୪ ଓଭରରେ ୨୫୮/୨ (ଶୁବମନ ଗିଲ-୧୧୦, ଚେତେଶ୍ୱର ପୂଜାରା-୧୦୨*, ଲୋକେଶ ରାହୁଲ-୨୩, ଖାଲେଦ ଅହମଦ-୧/୫୨, ମେହିଦୀ ହସନ ମିରାଜ-୧/୮୧)। ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨/୦।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ